


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-39 ♦SUNDAY ♦2 AUGUST 2026 ♦PAGE-12+4 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୩୯ ♦ରବିବାର ♦୨ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ହିମସ୍ଖଳନରେ ଚାଲିଗଲା ୧୦ ପର୍ବତାରୋହୀଙ୍କ ଜୀବନ

### କିମ୍ବଦନ୍ତୀ ନିର୍ମଳ ପୁର୍ଜାଙ୍କ ଦେହାନ୍ତ



■ ଇସ୍ଲାମାବାଦ, ୧।୮ (ଏଜେନ୍ସି): ପାକିସ୍ତାନର ବ୍ରଡ୍ ପିକ୍ ପର୍ବତରେ ଭୟଙ୍କର ହିମସ୍ଖଳନରେ ନେପାଳ ଜନ୍ମିତ କିମ୍ବଦନ୍ତୀ ପର୍ବତାରୋହୀ ନିର୍ମଳ 'ନିମ୍ସ' ପୁର୍ଜାଙ୍କ ସମେତ ୧୦ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ବିଶ୍ୱ ପର୍ବତାରୋହଣ ଜଗତକୁ ଶୋକାକୁଳ କରିଛି। ୪୩ ବର୍ଷୀୟ ନିର୍ମଳ ପୁର୍ଜା ଓ ତାଙ୍କ ଦଳ ବ୍ରଡ୍ ପିକ୍‌ର ଶିଖର ଆରୋହଣ କରୁଥିବା ବେଳେ ଗୁରୁବାର ପ୍ରବଳ ହିମସ୍ଖଳନରେ ଫସିଯାଇଥିଲେ। ସେହିଦିନଠାରୁ ସେମାନେ ନିଖୋଜ ଥିଲେ। ଶନିବାର ପୁର୍ଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଅଭିଯାନ ସଂସ୍ଥା ପକ୍ଷରୁ ସମସ୍ତ ପର୍ବାତରୋହୀଙ୍କ ମୃତଦେହ ମିଳିଥିବାର ସୂଚନା ଦିଆଯାଇଛି। ନିର୍ମଳ ପୁର୍ଜା ୨୦୧୯ ମସିହାରେ ପୃଥିବୀର ୮ ହଜାର ▶ପୃଷ୍ଠା-୭

## କେରଳରେ ନିଆରା ବିବାହ
## ବର-କନ୍ୟା-ପୁରୋହିତ, ସମସ୍ତେ ଯାଆଁଳା



■ କୋଟ୍ଟାୟମ୍, ୧।୮ (ଏଜେନ୍ସି): କେରଳର ଚଙ୍ଗନାସେରୀ ମେଟ୍ରୋପୋଲିଟାନ୍ ଚର୍ଚ୍ଚରେ ଗୁରୁବାର ଏକ ଅତ୍ୟନ୍ତ ଅନନ୍ୟ ଏବଂ ରୋଚକ ବିବାହ ସମ୍ପନ୍ନ ହୋଇଯାଇଛି, ଯେଉଁଥିରେ ପ୍ରାୟ ସମସ୍ତ ମୁଖ୍ୟ ଭୂମିକାରେ ଯାଆଁଳା (ଟ୍ୱିନ୍ସ) ବ୍ୟକ୍ତିବିଶେଷ ନଜର ଆସିଛନ୍ତି। ଯାଆଁଳା ଭାଇ ଅଖିଲ ଓ ନିଖିଲ ଯଥାକ୍ରମେ ଯାଆଁଳା ଭଉଣୀ ମ୍ୟାଗି ଓ ମାରିଆଙ୍କୁ ବିବାହ କରିଛନ୍ତି। ଯମଜ ଭ୍ରାତା ଫାଦର ଆଣ୍ଟୋ ପେଜୁମକାଟ୍ଟିଲ୍ ଏବଂ ଫାଦର ଆଜୋ ପେଜୁମକାଟ୍ଟିଲ୍‌ଙ୍କ ପୌରୋହିତ୍ୟ ଏହି ବିବାହ ଉତ୍ସବକୁ ଅଧିକ ରୋଚକପୂର୍ଣ୍ଣ କରିଥିଲା। ଏପରିକି ଚର୍ଚ୍ଚର ପୂଜାକାର୍ଯ୍ୟରେ ସହାୟତା କରୁଥିବା ଦୁଇ ବାଳକ ଜେରନ୍ ଏବଂ ଜୋହନ୍ ମଧ୍ୟ ଯାଆଁଳା ଭାଇ ଥିଲେ। ଛୋଟବେଳୁ ଯାଆଁଳା ପୁରୋହିତଙ୍କ ଦ୍ୱାରା ଏବଂ ଯାଆଁଳା ସାଥୀଙ୍କ ସହ ବିବାହ କରିବାର ଏକ ସ୍ୱପ୍ନ ରହିଥିଲା ବୋଲି କନ୍ୟା ମ୍ୟାଗି ଓ ମାରିଆ ପ୍ରକାଶ କରିଛନ୍ତି। ବିବାହ କରିଥିବା ଦୁଇ ଭାଇ ମର୍ଚାଣ୍ଟ ନେଭିରେ କାର୍ଯ୍ୟରତ ଥିବା ବେଳେ ଦୁଇ ଭଉଣୀ ଆଇଟି/ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି।

# କମୁଛି ପାଣି; ବଢୁଛି ଦୁର୍ଦ୍ଦଶା

### ଏବେବି ପ୍ରଶାସନ ଭରସାରେ ତଳିଆ ଅଞ୍ଚଳର ବନ୍ୟାବିପନ୍ନ

### ପ୍ରଭାବିତ ଅଞ୍ଚଳରେ ୯୩% ବିଦ୍ୟୁତ୍ ସେବା ସ୍ୱାଭାବିକ

■ ଭୁବନେଶ୍ୱର, ୧।୮ (ସମିସ): ଉତ୍ତର ଓଡ଼ିଶାରେ ଦେଖାଦେଇଥିବା ବନ୍ୟାସ୍ଥିତିରେ ବ୍ୟାପକ ସୁଧାର ଆସିଥିବା ବେଳେ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ପ୍ରଭାବିତ ଅଞ୍ଚଳରୁ ପାଣି ଅନେକାଂଶରେ କମିବାରେ ଲାଗିଥିଲେ ହେଁ ଲୋକଙ୍କ ଦୁର୍ଦ୍ଦଶା କିନ୍ତୁ ହ୍ରାସ ପାଇନାହିଁ। ବନ୍ୟା ପାଣି ଛାଡୁଥିଲେ ହେଁ ଯାଜପୁର ଓ ଭଦ୍ରକ ଜିଲ୍ଲାର ଅନେକ ତଳିଆ ଅଞ୍ଚଳରେ ଲୋକେ ଏବେବି ଖାଦ୍ୟ ଓ ପାନୀୟ ପାଇଁ ପ୍ରଶାସନ ଉପରେ ନିର୍ଭରଶୀଳ ଅଛନ୍ତି। ସେମାନଙ୍କଠାରେ ଆବଶ୍ୟକୀୟ ସହାୟତା ନିରନ୍ତର ଭାବେ ଜାରି ରଖିବାକୁ ସାଧାରଣରେ ଦାବି ହେଉଛି।

ବନ୍ୟାରେ ଯାଜପୁର ଜିଲ୍ଲାରେ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା କାରଣରୁ ୭ରୁ ଅଧିକ ଘାଇ ସୃଷ୍ଟି ହୋଇଥିବା ବେଳେ ଏହାଦ୍ୱାରା ବାପକ କ୍ଷୟକ୍ଷତି ହୋଇଛି। ଅନେକ ତଳିଆ ପଞ୍ଚାୟତରେ ଏବେବି ପାଁ ଛାଡ଼ିନଥିବା ବେଳେ ଲୋକେ ଆଶ୍ରୟସ୍ଥଳେ ଆଶ୍ରୟ ନେଇଛନ୍ତି। ସେହିପରି ଭାବେ ଭଦ୍ରକ ଜିଲ୍ଲାରେ ବାସୁଦେବପୁର, ଚାନ୍ଦବାଲି, ଧାମନଗର ଓ ତିହିଡ଼ି ବ୍ଲକ ବନ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ଗତ ୩ ଦିନ ତୁଳନାରେ ବନ୍ୟା ପାଣି ଅନେକ ମାତ୍ରାରେ ହ୍ରାସ ପାଇଛି। ତେବେ କେତେକ ଅଞ୍ଚଳରେ ଲୋକଙ୍କ ନିକଟରେ ଆବଶ୍ୟକୀୟ ସହାୟତା ପହଞ୍ଚିପାରିନଥିବା ବେଳେ ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଦେବୀ, କୁଶଭଦ୍ରା, ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତ୍ତନ ସ୍ତର କ୍ରମଶଃ ହ୍ରାସ ପାଇବା ସହ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ଏପଟେ ମହାନଦୀରେ ମଧ୍ୟ ବନ୍ୟାର ଆଶଙ୍କା ନ ଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ତେବେ ମହାନଦୀର ବନ୍ୟା କାରଣରୁ ବାଙ୍କୀ, ଖୋର୍ଦ୍ଧା, କଣାସ, ନିମାପଡ଼ା, ଗୋପ ପରି ବ୍ଲକର ଅନେକ ପଞ୍ଚାୟତରେ ପାଣି ପଶିଥିବାରୁ ଲୋକେ ପ୍ରଭାବିତ ହୋଇଛନ୍ତି। ତେବେ ମହାନଦୀରେ ଇନ୍‌ଫ୍ଲୋ ବର୍ତ୍ତମାନ ପ୍ରାୟ ୨ ଲକ୍ଷ ୮୪ ହଜାର କ୍ୟୁସେକ ଥିବା କାରଣରୁ ଆଉ ବନ୍ୟା ଆଶଙ୍କା ନ ଥିବା କୁହାଯାଉଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଦିଲ୍ଲୀପ ରାଉତ କହିଛନ୍ତି ଯେ ମହାନଦୀରେ ବର୍ତ୍ତମାନ ବନ୍ୟାର ଆଶଙ୍କା ନାହିଁ। ▶ପୃଷ୍ଠା-୭



## ହୀରାକୁଦର ୨୨ ଗେଟ୍ ଖୋଲା

### ଜଳସ୍ତର ୬୨୫ ଫୁଟ୍

■ ସମ୍ବଲପୁର, ୧।୮ (ସମିସ): ଉପରମୁଣ୍ଡରେ ବର୍ଷା କମିଥିଲେ ହେଁ, ହୀରାକୁଦ ଜଳଭଣ୍ଡାରକୁ ପ୍ରାୟ ୩ ଲକ୍ଷ କ୍ୟୁସେକ୍ ଜଳ ଏବେ ବି ପ୍ରବେଶ କରୁଥିବାବେଳେ ଜଳସ୍ତର ହ୍ରାସ ପାଉନାହିଁ। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବାବେଳେ ଦୁଇଦିନ ହେବ ଏହାର ଜଳସ୍ତର ୬୨୫ ଫୁଟ୍ ଉପରେ ରହିଛି। ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୨୧ ଫୁଟ୍ ରହିଛି। ବର୍ତ୍ତମାନ ୨୨ଟି ଗେଟ୍ ଦେଇ ହୀରାକୁଦରୁ ବନ୍ୟାଜଳ ନିଷ୍କାସିତ ହେଉଛି। ପ୍ରବେଶ ଜଳ ଅପେକ୍ଷା ପ୍ରାୟ ୧ ଲକ୍ଷ କ୍ୟୁସେକ୍ ଅଧିକ ଜଳ ନିଷ୍କାସନ କରାଯାଉଥିବା ସୂଚନା ମିଳିଛି। ନଦୀବନ୍ଧର ବାମପାର୍ଶ୍ୱର ୧୫ଟି ଏବଂ ଓ ଡାହାଣ ପାର୍ଶ୍ୱର ୭ଟି ଏହିଭଳି ମୋଟ ୨୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୮୪,୭୭୩ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୮୬,୪୨୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି।

## ଆସନ୍ତା ୬ ଆଡ଼କୁ ଆଉ ଏକ ଲଘୁଚାପ!

### ଆଜି ୬ ଜିଲ୍ଲାରେ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୧।୮ (ସମିସ): ବନ୍ୟା ଦାଉରୁ ସାଧାରଣ ଲୋକେ ଏଯାବତ ମୁକୁଳିପାରି ନ ଥିବା ବେଳେ ଆଉ ଏକ ସମ୍ଭାବ୍ୟ ଲଘୁଚାପ ସାଧାରଣରେ ଛନକା ଭରିଛି। ବଙ୍ଗୋପସାଗରରେ ଆସନ୍ତା ୬ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ଆଶଙ୍କା କରାଯାଉଛି। ରାଜ୍ୟରେ ବର୍ତ୍ତମାନ ମୌସୁମୀ ସକ୍ରିୟ ଥିବାବେଳେ ଏହାର ପ୍ରଭାବରେ ଭଲ ବର୍ଷା ଲାଗି ରହିଛି। ଏପରିସ୍ଥଳେ ସମ୍ଭାବ୍ୟ ଲଘୁଚାପର ପ୍ରଭାବକୁ ନେଇ ଏବେ ସାଧାରଣରେ ସଂଶୟ ପ୍ରକାଶ ପାଇଲାଣି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା ଓ କୋରାପୁଟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏତ୍ ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ୩ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

## ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ ସଂଶୋଧନ ବିଲ୍
## ବାଜିଲା ରାଷ୍ଟ୍ରପତିଙ୍କ ମୋହର

■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ସାଧାରଣ ପରୀକ୍ଷାରେ ଦୁର୍ନୀତି, ପ୍ରଶ୍ନପତ୍ର ପ୍ରଘଟ ଏବଂ ଅନିୟମିତତା ରୋକିବା ପାଇଁ ସଂସଦରେ ଗୃହୀତ ହୋଇଥିବା 'ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬'କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅନୁମୋଦନ ପ୍ରଦାନ କରିଛନ୍ତି। ରାଷ୍ଟ୍ରପତିଙ୍କ ଅନୁମତି ମିଳିବା ପରେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଶୁକ୍ରବାର ଏହି ସମ୍ବନ୍ଧୀୟ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ଆଜିଠାରୁ ଆଇନରେ ପରିଣତି ହୋଇଛି।

ଏହି ସଂଶୋଧିତ ଆଇନ ଅଧୀନରେ ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ସହ ଅପରାଧୀଙ୍କ ପାଇଁ କଠୋର ଦଣ୍ଡବିଧାନ ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ପ୍ରଘଟ କିମ୍ବା ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟକ୍ତିଙ୍କୁ ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ସେହିପରି ସଂଗଠିତ ଭାବେ ଏହି ଅପରାଧ କରୁଥିବା ଗ୍ୟାଙ୍ଗ୍ କିମ୍ବା ମାଫିଆଙ୍କ ପାଇଁ ସର୍ବନିମ୍ନ ୭ ବର୍ଷ ଜେଲ୍ ଏବଂ ଅତିକମ୍‌ରେ ୧୦ କୋଟି ଟଙ୍କାର ଜରିମାନା ବ୍ୟବସ୍ଥା ରହିଛି।

ସୂଚନାଯୋଗ୍ୟ ଯେ ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ କକ୍ରୋଚ ଜନତା ପାର୍ଟି (ସିଜେପି) ପକ୍ଷରୁ ଜାତୀୟ ରାଜଧାନୀ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନ କରାଯିବା ପରେ ସେମାନଙ୍କ ଦାବିକୁ ଗ୍ରହଣ କରି ସରକାର ଆଇନରେ ସଂଶୋଧନ କରି ନୂଆ ବିଲ୍ ସଂସଦରେ ଆଗତ କରିଥିଲେ।

ସଂସଦର ଉଭୟ ଗୃହରେ ବିଲ୍ ଗୃହୀତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଭିଡିଓ ବାର୍ତ୍ତା ଜାରି କରି କହିଥିଲେ ଯେ କୌଣସି ପେପର-ଲିକ୍ ମାଫିଆ ଯେପରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିପାରିବେ ନାହିଁ, ସେଥିପାଇଁ ସରକାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ଆଇନଗତ ବ୍ୟବସ୍ଥା କଡ଼ାକଡ଼ି କରୁଛନ୍ତି।

## ଆକାଶମାର୍ଗରୁ ବନ୍ୟା ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ



### ୮ ଲକ୍ଷ ପ୍ରଭାବିତ, ଆସନ୍ତା ଦୁଇ ଦିନ ମଧ୍ୟରେ ସ୍ଥିତି ସୁଧୁରିବାର ସମ୍ଭାବନା

### ପାଣି ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ରିପୋର୍ଟ ଦେବାକୁ ନିର୍ଦ୍ଦେଶ

### ରିପୋର୍ଟ ଭିତ୍ତିରେ ତୁରନ୍ତ ସହାୟତା ପ୍ୟାକେଜ ପ୍ରଦାନ କରାଯିବ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଆକାଶମାର୍ଗରୁ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉପରୋକ୍ତ ଅଞ୍ଚଳର ଅନେକ ଗାଁ ପାଣି ଘେରରେ ଅଛି। ଚଳିତ ବନ୍ୟାରେ ରାଜ୍ୟର ୧୦ ଜିଲ୍ଲାର ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୨.୬୯ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପରିସ୍ଥିତି ଧୀରେଧୀରେ ▶ପୃଷ୍ଠା-୭

## କମିଲା ବାଣିଜ୍ୟିକ ଗ୍ୟାସ୍ ଦର
### ସିଲିଣ୍ଡର ପିଛା ୧୯୨ ଟଙ୍କା ହ୍ରାସ



■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ହୋଟେଲ ଏବଂ ରେସ୍ତୋରାଁ ଭଳି ପ୍ରତିଷ୍ଠାନରେ ବ୍ୟବହୃତ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ଶନିବାର ବୃହତ୍ ହ୍ରାସ ଘଟିଛି। ୧୯ କିଲୋଗ୍ରାମ ବିଶିଷ୍ଟ ସିଲିଣ୍ଡର ମୂଲ୍ୟରେ ୧୯୨ ଟଙ୍କା ହ୍ରାସ ହୋଇଛି। ଫଳରେ ଦିଲ୍ଲୀରେ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୨୭୩୮ ଟଙ୍କା ଓ କଲକାତାରେ ୨୮୭୨.୫୦ ଟଙ୍କାକୁ ଖସିଆସିଛି। ଦିଲ୍ଲୀରେ ପୂର୍ବରୁ ୧୯ କିଲୋଗ୍ରାମ ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ୨୯୩୦ ଟଙ୍କା ରହିଥିଲା।

ଅପରପକ୍ଷେ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟରେ ଲିଟର ପିଛା ୫ ଟଙ୍କା ବୃଦ୍ଧି କରାଯାଇଛି। ଏଟିଏଫ୍ ମୂଲ୍ୟ ପ୍ରତି ଲିଟର ୧୧୦ ଟଙ୍କାରୁ ୧୧୫ ଟଙ୍କାକୁ ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟରେ ବୃହତ୍ ହ୍ରାସ ପରେ ଏହି ପରିବର୍ତ୍ତନ କରାଯାଇଛି। ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟରେ ଏହା ଲଗାତାର ଦ୍ୱିତୀୟ ମାସିକ ହ୍ରାସ। ପୂର୍ବରୁ ଜୁଲାଇ ପହିଲାରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୧୮୩ ଟଙ୍କା ହ୍ରାସ କରାଯାଇଥିଲା। ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଜୁନ୍‌ରେ ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିବା ପରେ ଜୁଲାଇ ୧ ଏବଂ ଅଗଷ୍ଟ ୧ରେ ଉଭୟର ମୂଲ୍ୟରେ ହ୍ରାସ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟରେ ସିଲିଣ୍ଡର ପିଛା ୨୦୬ ଟଙ୍କା ୫୦ ପଇସା ହ୍ରାସ ଘଟି ଏହା ୨୯୨୮ ଟଙ୍କାକୁ ଖସିଆସିଛି। ତେବେ ବଜାରରେ ରନ୍ଧନ ଗ୍ୟାସ୍ ଦର ଅପରିବର୍ତ୍ତିତ ରହିଛି।

## ରାଜ୍ୟ କ୍ୟାବିନେଟ୍‌ରେ ୧୧ ପ୍ରସ୍ତାବକୁ ଅନୁମୋଦନ
## ୨୦୨୯ ସୁଦ୍ଧା ସବୁ ଯୋଗ୍ୟ ସହରୀଙ୍କୁ ପକ୍କାଘର

### ପ୍ରଧାନମନ୍ତ୍ରୀ ଆବାସ-(ସହରାଞ୍ଚଳ) ବନ୍ଧୁ ଯୋଜନା ହେବ ଆରମ୍ଭ, ୧୬୧୫ କୋଟି ବ୍ୟୟବରାଦ

### ଜନଜାତି ଜୀବିକା ମିଶନ ୨.୦କୁ ଅନୁମୋଦନ, ପ୍ରତ୍ୟେକ ଆଦିବାସୀ ପରିବାରକୁ ମିଳିବ ୩୦ ହଜାର ଟଙ୍କା

### ଜଳସମ୍ପଦ ବିଭାଗର ୫ ପ୍ରସ୍ତାବକୁ ମୋହର, ପ୍ରକଳ୍ପ ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ୬୭୩ କୋଟି


### ସ୍ଥାପନ ହେବ ଅର୍ଥନୈତିକ ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ

■ ଭୁବନେଶ୍ୱର, ୧।୮ (ସମିସ): ରାଜ୍ୟର ସହରାଞ୍ଚଳଗୁଡ଼ିକରେ ରହୁଥିବା ସମସ୍ତ ଯୋଗ୍ୟ ପରିବାରକୁ ୨୦୨୯ ମସିହା ସୁଦ୍ଧା ସାର୍ବଜନୀନ ଗୃହ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଏକ ନୂତନ ପରିପୂରକ ଯୋଜନା 'ପ୍ରଧାନମନ୍ତ୍ରୀ ଆବାସ-(ସହରାଞ୍ଚଳ) ବନ୍ଧୁ' ଆରମ୍ଭ କରିବାକୁ ଯାଉଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଉପରୋକ୍ତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ବେଳେ ଏଥିପାଇଁ ମୋଟ ୧୬୧୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଜଳସମ୍ପଦ ବିଭାଗର ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ବେଳେ ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ଏଥିରେ ୬୭୩ କୋଟି ୩୬ ଲକ୍ଷରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ବୈଠକରେ ମୋଟ ୬ଟି ବିଭାଗର ୧୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆବାସ-(ସହରାଞ୍ଚଳ) ବନ୍ଧୁ ଯୋଜନା ରାଜ୍ୟରେ ୨୦୧୭ ମସିହାରୁ ସମସ୍ତ ୧୧୫ଟି ସହରାଞ୍ଚଳ ସହ ନୂତନ ଭାବେ ଘୋଷିତ ୨୮ଟି ସହରାଞ୍ଚଳରେ ମଧ୍ୟ ଏହା କାର୍ଯ୍ୟକାରୀ ହେବ। ଓଡ଼ିଶା ପରିକଳ୍ପନା ଦସ୍ତାବିଜ୍ ଅନୁଯାୟୀ ପକ୍କାଘର କଭରେଜ୍‌କୁ ୨୦୨୪ର ୫୯ ପ୍ରତିଶତରୁ ବୃଦ୍ଧି କରାଯାଇ ୨୦୨୯ ସୁଦ୍ଧା ୯୦ ପ୍ରତିଶତକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଅଧୀନରେ ୨୦୨୫ରୁ ୨୦୩୦ ମଧ୍ୟରେ ଅତିରିକ୍ତ ୩ରୁ ସାଢ଼େ ୩ ଲକ୍ଷ ସହରାଞ୍ଚଳ ପରିବାରକୁ ଗୃହ ନିର୍ମାଣ ସହାୟତା ମିଳିବ। ଏହି ଯୋଜନାରେ ମୁଖ୍ୟତଃ ଚାରୋଟି ଉପାଦାନ ରହିଛି। ପ୍ରଥମ ଉପାଦାନରେ ସୁଲଭ ବାସଗୃହ, ସୁଲଭ ଭଡ଼ା ଗୃହ ଏବଂ ଟ୍ରାଞ୍ଜିଟ୍ ହାଉସ୍ ପ୍ରକଳ୍ପ ପାଇଁ ୬୭୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ, ଦ୍ୱିତୀୟ ଉପାଦାନରେ ହିତାଧିକାରୀଙ୍କ ଶ୍ରମ କ୍ଷତିପୂରଣ ଏବଂ ପ୍ରୋତ୍ସାହନ ପାଇଁ ୬୮୫ କୋଟି ଟଙ୍କା ଦିଆଯିବ। ସେହିପରି ତୃତୀୟ ଉପାଦାନରେ ୧୦୦ କୋଟି ଟଙ୍କା ବ୍ୟୟରେ ଗୃହ ଋଣ ଓ ସୁଧ ରିହାତି ଏବଂ ଚତୁର୍ଥ ଉପାଦାନରେ ବିସ୍ଥାପିତ ହିତାଧିକାରୀଙ୍କ ପାଇଁ ୧୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

ସେହିପରି ବୈଠକରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦କୁ ମଧ୍ୟ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ୮ ଲକ୍ଷ ଅନୁସୂଚିତ ଜନଜାତି ହିତାଧିକାରୀ ଉପକୃତ ହେବେ। ଏହା ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ରାଜ୍ୟର ୧୯ଟି ଜିଲ୍ଲା ଅନ୍ତର୍ଗତ ୨୩ଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ୨୦ଟି କ୍ଷୁଦ୍ର ପ୍ରକଳ୍ପ ମାଧ୍ୟମରେ ୧୩୪ଟି ବ୍ଲକରେ କାର୍ଯ୍ୟକାରୀ ହେବ। ▶ପୃଷ୍ଠା-୭

## କୂଳଲଘିଂଲା ସମୁଦ୍ର
## ଲୀନହେଲା ରାସ୍ତା, ମନ୍ଦିର



■ ଛତ୍ରପୁର, ୧।୮ (ସମିସ): ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ସମୁଦ୍ରକୂଳ ଅବକ୍ଷୟକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଆର୍ଯ୍ୟପଲ୍ଲୀ ଗ୍ରାମକୁ ସଂଲଗ୍ନ ହୋଇଥିବା ରାସ୍ତା ଓ ଗଙ୍ଗାଦେବୀ ମନ୍ଦିରଟି ଏବେ ସମୁଦ୍ର ଗର୍ଭରେ ଲୀନ ହେବା ପରେ ଅଞ୍ଚଳବାସୀଙ୍କ ଭୟ ଦ୍ୱିଗୁଣିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ସମୁଦ୍ର ଦିନକୁ ଦିନ କୂଳଲଘିଂ ଗ୍ରାମ ଆଡକୁ ଅଗ୍ରସର ହେଉଥିବାରୁ ଆର୍ଯ୍ୟପଲ୍ଲୀ ଗ୍ରାମଟି ଦିନେ ନା ଦିନେ ସମୁଦ୍ରର ଆଁ ଭିତରକୁ ଚାଲିଯିବା ନେଇ ଭୟଭୀତ ▶ପୃଷ୍ଠା-୭

## ସମୁଦ୍ର ଜୁଆରରେ ଭାସି ୮ ବର୍ଷର ଶିଶୁ ମୃତ

■ ଛତ୍ରପୁର, ୧।୮ (ସମିସ): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ନୂଆ ପୋଡେମପେଟା ଗ୍ରାମରେ ଶନିବାର ଏକ ହୃଦୟବିଦାରକ ଘଟଣା ଘଟିଛି। ଗ୍ରାମର ଏନ୍. ଗୁରେୟାଙ୍କ ୮ ବର୍ଷୀୟ ସାନ ପୁଅ ଏନ୍. ଶିବ ନୂଆ ପୋଡେମପେଟା ସମୁଦ୍ର କୂଳରେ ଅପରାହ୍ନ ସମୟରେ ଖେଳୁଥିବା ବେଳେ ହଠାତ୍ ଜୁଆର ମାଡ଼ି ଆସିବାରୁ ସମୁଦ୍ରର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟମାନେ ତୁରନ୍ତ ତାଙ୍କୁ ପାଣିରୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ▶ପୃଷ୍ଠା-୭


ADMISSION OPEN

MBA | MCA | M.Sc. (Physics) | M.Sc. (Chemistry) | M.Sc. (Biotech)

MSW | M.Com. (F & C) | M.Com. (Traditional) | M.Sc. (Comp.Sc.) | MPMIR

NIIS GROUP OF INSTITUTIONS
Sarada Vihar, Madanpur, Bhubaneswar-752054
(Recognised by Govt. of Odisha & Affiliated to Utkal University)
Contact: 9778899990 / 9778899991 / 9040004375
Email: contactus@niisgroup.org | Website: www.niisgroup.org

# କୁଲଗାମ୍‌ରେ ୨ ପ୍ରବାସୀ ହିନ୍ଦୁ ଶ୍ରମିକଙ୍କୁ ହତ୍ୟା

କୁଲଗାମ, ୧।୮ (ଏଜେନ୍ସି): ଜମ୍ମୁ-କାଶ୍ମୀରର କୁଲଗାମ୍ ଜିଲ୍ଲାରେ ପୁଣି ଏକ ବର୍ବର ଆତଙ୍କବାଦୀ ଆକ୍ରମଣ ଦେଖିବାକୁ ମିଳିଛି। ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଦକ୍ଷିଣ କାଶ୍ମୀରର କେଲାମ୍ ସ୍ଥିତ ଏକ ଇଟା ଭାଟିରେ କାର୍ଯ୍ୟରତ ଛତିଶଗଡ଼ର ଦୁଇ ଜଣ ପ୍ରବାସୀ ଶ୍ରମିକଙ୍କୁ ଆତଙ୍କବାଦୀମାନେ ନିର୍ମମ ଭାବେ ଗୁଳି କରି ହତ୍ୟା କରିଛନ୍ତି। ମୃତ ଶ୍ରମିକ ଦ୍ୱୟ ହେଲେ ୨୪ ବର୍ଷୀୟ ଦୀପକ ରଥ୍‌ରେ ଏବଂ ୨୮ ବର୍ଷୀୟ ଭୋପେନ୍ଦ୍ର, ଯେଉଁମାନେ ଛତିଶଗଡ଼ର ଅଧିବାସୀ ଥିଲେ। ଗୁଳିମାଡ଼ ପରେ ଦୀପକଙ୍କର ମେଡିକାଲ ନିଆଯିବା ବାଟରେ ମୃତ୍ୟୁ ଘଟିଥିବା ବେଳେ ଭୋପେନ୍ଦ୍ର ଚିକିତ୍ସାଧୀନ ଅବସ୍ଥାରେ ସୌରା ସ୍ଥିତ ମେଡିକାଲରେ ଆଖି ବୁଜିଛନ୍ତି। ଘଟଣା ପରେ ସୁରକ୍ଷା ବଳ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାଉ କରି ବ୍ୟାପକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ଆତଙ୍କବାଦୀମାନେ ଆଖପାଖ ଅଞ୍ଚଳରେ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଇଟା ଭାଟିରେ ଲଗାଯାଇଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି। ପ୍ରାଥମିକ ତଦନ୍ତରୁ ଏହି ଆକ୍ରମଣରେ ଜଣେ ସ୍ଥାନୀୟ ଏବଂ ଜଣେ ପାକିସ୍ତାନୀ ଆତଙ୍କବାଦୀ ସାମିଲ ଥିବା ସନ୍ଦେହ କରାଯାଉଛି।

## କିଭ୍‌ରେ ରୁଷ ଆକ୍ରମଣ; ୯ ମୃତ

କିଭ୍, ୧।୮ (ଏଜେନ୍ସି): ରୁଷ ପକ୍ଷରୁ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ଶନିବାର ରାତିସାରା ଭୟଙ୍କର ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ମାଡ଼ରେ ଅତିକମ୍‌ରେ ୯ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣ ଯୋଗୁଁ ଅନେକ ଆବାସିକ ଓ ବ୍ୟବସାୟିକ ଅଟ୍ଟାଳିକାରେ ନିଆଁ ଲାଗିଯିବା ସହ ବ୍ୟାପକ କ୍ଷତିଘଟିଛି। ମିସାଇଲ୍ ଆକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପାଶ୍ଚାତ୍ୟ ଦେଶଗୁଡ଼ିକୁ, ବିଶେଷ କରି ଆମେରିକାକୁ, ଅଧିକ 'ପାଟ୍ରିଅଟ୍' ଆଣ୍ଟି-ବାଲିଷ୍ଟିକ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ୍ ଯୋଗାଇଦେବାକୁ ପୁନର୍ବାର ନିବେଦନ କରିଛନ୍ତି। ରୁଷର ବାଲିଷ୍ଟିକ୍ ମିସାଇଲ୍‌କୁ ଆକାଶମାର୍ଗରୁ ଖସାଇବା ପାଇଁ ଏହି ସୁରକ୍ଷା ପ୍ରଣାଳୀ ଅତ୍ୟାବଶ୍ୟକ ବୋଲି ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି। କିଭ୍‌ର ସୋଲୋମିଆନ୍‌ସ୍କି ଏବଂ ଦାର୍ନିତସ୍କି ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଅନେକ ନାଗରିକ ନିଜର ଘରଦ୍ୱାର ହରାଇଛନ୍ତି। ଉଦ୍ଧାରକାରୀ ଦଳ ନିଆଁକୁ ଆୟତ୍ତ କରିବା ସହ ଅଗ୍ନିକାଣ୍ଡ ଓ ଧ୍ୱଂସାବଶେଷ ତଳେ ଫସିଥିବା ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିଛନ୍ତି।

## ରେଳବାଇର ୫ ଜଣ ଗ୍ରୁପ୍-ଏ ଅଧିକାରୀଙ୍କୁ ଆଗୁଆ ଅବସର

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭାରତୀୟ ରେଳବାଇରେ ଦୁର୍ନୀତି, ସଙ୍କୋଟତା ଓ କାର୍ଯ୍ୟ ଦକ୍ଷତାର ଅଭାବ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏହିକ୍ରମରେ ରେଳ ମନ୍ତ୍ରଣାଳୟ ପାଞ୍ଚ ଜଣ ପ୍ରଥମ ଶ୍ରେଣୀର ବରିଷ୍ଠ ଅଧିକାରୀଙ୍କୁ ଜନସ୍ୱାର୍ଥରେ ଅକାଳ ଅବସର ଦେବାକୁ ସୁପାରିସ କରିଛି। ରେଳ ବୋର୍ଡର ସମୀକ୍ଷା କମିଟି ଭାରତୀୟ ରେଳ ପ୍ରତିଷ୍ଠାନ ସଂହିତାର ସମ୍ପୃକ୍ତ ବ୍ୟବସ୍ଥା ଅନୁଯାୟୀ ଏହି ସୁପାରିସ କରିଛି। ଅକାଳ ଅବସର ପାଇଁ ସୁପାରିସ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ଦୁଇ ଜଣ ଭାରତୀୟ ରେଳ ସ୍ୱାସ୍ଥ୍ୟ ସେବା, ଉତ୍ତର ରେଳର ଜଣେ ଭାରତୀୟ ରେଳ ସିଭିଲ୍ ଇଞ୍ଜିନିୟରିଂ ସେବା ଅଧିକାରୀ, ଉତ୍ତର ରେଳର ଜଣେ ଭାରତୀୟ ରେଳ ବିଦ୍ୟୁତ ଇଞ୍ଜିନିୟରିଂ ସେବା ଅଧିକାରୀ ଏବଂ ପଶ୍ଚିମ ରେଳର ଜଣେ ଭାରତୀୟ ରେଳ ଯାତାୟାତ ସେବା ଅଧିକାରୀ ଅଛନ୍ତି। ସମୀକ୍ଷା କମିଟି ଅଧିକାରୀମାନଙ୍କ ବାର୍ଷିକ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ, ସତ୍ୟତା ସମ୍ବନ୍ଧୀୟ ଅଭିଲେଖ, ସତର୍କତା ରିପୋର୍ଟ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ସେବା ଅଭିଲେଖକୁ ବିସ୍ତୃତ ଭାବେ ଯାଞ୍ଚ କରିବା ପରେ ସର୍ବସମ୍ମତିକ୍ରମେ ଏହି ସୁପାରିସ କରିଛି। ରେଳ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଦୁର୍ନୀତି ଓ ଅଦକ୍ଷତା ପ୍ରତି ଶୂନ୍ୟ ସହନଶୀଳତା ନୀତି ଜାରି ରହିବ।

## ଝାଡ଼ଖଣ୍ଡରେ ଯନ୍ତରମନ୍ତର ସ୍ଥିତି ପରୀକ୍ଷା ଲିକ୍‌କୁ ନେଇ ଛାତ୍ର ଆନ୍ଦୋଳନ

ରାଞ୍ଚି, ୧।୮ (ଏଜେନ୍ସି): ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସ୍‌ସି) ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମିତତା, ପ୍ରଶ୍ନପତ୍ର ଲିକ୍ ଏବଂ ନିଯୁକ୍ତି ଦୁର୍ନୀତି ବିରୋଧରେ ରାଜଧାନୀ ରାଞ୍ଚିରେ ଗତ ଜୁଲାଇ ୨୫ ତାରିଖରୁ ଶହ ଶହ ଯୁବକ ଓ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଆନ୍ଦୋଳନ ଚଳାଇଛନ୍ତି। ଦିଲ୍ଲୀର ଯନ୍ତରମନ୍ତର ଭଳି ଏବେ ରାଞ୍ଚିରେ ମଧ୍ୟ ବିଶାଳ ଗଣ-ପ୍ରତିବାଦ ଦେଖିବାକୁ ମିଳିଛି। ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି ଯେ, ସରକାରୀ ନିଯୁକ୍ତି ପରୀକ୍ଷାଗୁଡ଼ିକରେ କ୍ରମାଗତ ଭାବେ ଅନିୟମିତତା ଦେଖାଯାଉଛି, ଯାହାଫଳରେ ବର୍ଷ ବର୍ଷ ଧରି ପରିଶ୍ରମ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ନିରାଶ ହେଉଛନ୍ତି। ବିଭିନ୍ନ ଜିଲ୍ଲାରୁ ନିଜସ୍ୱ ଖର୍ଚ୍ଚରେ ବସ୍ ଓ ଟ୍ରେନ୍ ଯୋଗେ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ପୁଲିସ ସହର ବାହାରେ ଅଟକାଉଥିଲେ ମଧ୍ୟ ପ୍ରତିବାଦକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି।


# କେରଳ, କାଶ୍ମୀରରେ ବର୍ଷାର ତାଣ୍ଡବ

## ଭୂସ୍ଖଳନ, ବନ୍ୟାରେ ୫ ମୃତ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଶନିବାର ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ବର୍ଷା ପ୍ରଳୟ ରୂପ ଧାରଣ କରିଛି। କେରଳରେ ପ୍ରବଳ ବର୍ଷା, ଭୂସ୍ଖଳନ ଓ ବନ୍ୟା ଯୋଗୁଁ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜମ୍ମୁ-କାଶ୍ମୀରର କିଶ୍ୱାଡ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି କିଶ୍ୱାଡ, ଦୋଡା ଏବଂ ରାମବନ୍ ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ବନ୍ଦ ଘୋଷଣା କରାଯାଇଛି। କେରଳର ଇଡୁକ୍କି ଓ କୋଟାୟମ୍ ଜିଲ୍ଲାରେ ଭିନ୍ନ ଭିନ୍ନ ଭୂସ୍ଖଳନ ଘଟଣାରେ ୪ ଜଣଙ୍କର ଜୀବନ ଯାଇଛି। ପ୍ରବଳ ବର୍ଷା ଯୋଗୁଁ ମଲପ୍ପୁରମରେ ଜଳାଶୟରେ ଖସିପଡ଼ି ଜଣେ ୪ ବର୍ଷର ଶିଶୁର ମଧ୍ୟ ମୃତ୍ୟୁ ଘଟିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କେରଳର ୮ଟି ଜିଲ୍ଲା (ପଥନମଥିଟ୍ଟା, କୋଟାୟମ୍, ଇଡୁକ୍କି, ମଲପ୍ପୁରମ୍, କୋଝିକୋଡ୍, ୱାୟନାଡ, କାନ୍ନୁର ଏବଂ କାସରଗୋଡ୍) ପାଇଁ 'ରେଡ୍ ଆଲର୍ଟ' ଜାରି କରିଛି। ଏନ୍‌ଡିଆରଏଫ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନ ଓ ରିଲିଫ୍ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଉଛି। ଜମ୍ମୁ-କାଶ୍ମୀରର କିଶ୍ୱାଡ ଜିଲ୍ଲା ଛାତ୍ରୁ ଅଞ୍ଚଳରେ ରାତି ପ୍ରାୟ ୨.୩୦ ମିନିଟ୍‌ରେ ବାଦଲଫଟା ବର୍ଷା ଯୋଗୁଁ ଆକସ୍ମିକ ବନ୍ୟା ଆସିଛି। ଏଥିଯୋଗୁଁ ଦୋକାନ, ବଜାର ଓ ଘରଦ୍ୱାର ଜଳମଗ୍ନ ହେବା ସହ କିଶ୍ୱାଡ-ଛାତ୍ରୁ-ସିନ୍ଥନ୍ ଜାତୀୟ ରାଜପଥ ବନ୍ଦ ହୋଇଯାଇଛି। କୌଣସି ଧନଜୀବନ ହାନିର ଖବର ମିଳିନାହିଁ। ସ୍କୁଲଗୁଡ଼ିକୁ ବନ୍ଦ ରଖି ଅନଲାଇନ୍ କ୍ଲାସ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ ଘଣ୍ଟାରେ ବନ୍ୟା ଯୋଗୁଁ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଛି, ଯାହାଫଳରେ ମୋଟ ମୃତ୍ୟୁ ସଂଖ୍ୟା ୮୨ରେ ପହଞ୍ଚିଛି।



# ଇରାନ ଉପରେ ପୁଣି ବୋମାବର୍ଷଣ କରିବ ଆମେରିକା



ୱାସିଂଟନ, ୧।୮ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଏବେ ଆହୁରି ଭୟାନକ ରୂପ ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ କଠୋର ଆକ୍ରମଣ କରିବା ପାଇଁ ସେନାକୁ ସଙ୍କେତ ଦେଇଛନ୍ତି। ଚଳିତ ସପ୍ତାହାନ୍ତରେ ଆମେରିକା ସେନା ଇରାନ ଉପରେ ଏକ ବଡ଼ ଧରଣର ବୋମାବର୍ଷଣ କରିପାରେ ବୋଲି ଆଶଙ୍କା କରାଯାଉଛି। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁସାରେ, ଇରାନକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଟ୍ରମ୍ପ ସେନାକୁ ଏହି ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମେରିଲ୍ୟାଣ୍ଡସ୍ଥିତ କ୍ୟାମ୍ପ ଡେଭିଡ୍ ଆବାସରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଟ୍ରମ୍ପ କହିଛନ୍ତି, 'ଆମେ ସେମାନଙ୍କ ଉପରେ ବହୁତ ଶକ୍ତ ଆକ୍ରମଣ କରିବୁ, ଯାହାଫଳରେ ସେମାନେ ଆଉ ସହ୍ୟ କରିପାରିବେ ନାହିଁ।' ଏହା ସହିତ ସେ କହିଛନ୍ତି ଯେ ଇରାନର ମିଛ ଓ ଭ୍ରମାତ୍ମକ ବକ୍ତବ୍ୟ ଯୋଗୁଁ ସେ ସେମାନଙ୍କ ଉପରୁ ବିଶ୍ୱାସ ହରାଉଛନ୍ତି। ସିବିଏସ୍ ରିପୋର୍ଟ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲ୍ ମିଳିତ ଭାବେ ଇରାନର ଶକ୍ତି ଭିତ୍ତିଭୂମି ଏବଂ ତୈଳ ବିଶୋଧନାଗାରଗୁଡ଼ିକୁ ଲକ୍ଷ୍ୟ କରି ଏପର୍ଯ୍ୟନ୍ତର ସବୁଠାରୁ କଠୋର ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି। ସୋମବାର ଆନ୍ତର୍ଜାତୀୟ ଆର୍ଥିକ ବଜାର ଖୋଲିବା ପୂର୍ବରୁ ଏହି ସାମରିକ ଆକ୍ରମଣ ଶେଷ କରିବାକୁ କର୍ତ୍ତୃପକ୍ଷ ଆଲୋଚନା କରୁଛନ୍ତି, ଯେପରି ବିଶ୍ୱ ଏବଂ ଆମେରିକା ଅର୍ଥନୀତି ଉପରେ ଏହାର କମ୍ ପ୍ରଭାବ ପଡ଼ିବ। ଟ୍ରମ୍ପ ଏପର୍ଯ୍ୟନ୍ତ ଏହି ଆକ୍ରମଣ ପାଇଁ ଚୂଡ଼ାନ୍ତ ଆଦେଶ ଦେଇନାହାନ୍ତି। ତେବେ ଆମେରିକା ପେଣ୍ଟାଗନ୍ ସ୍ପଷ୍ଟ କରିଛି ଯେ ସେମାନଙ୍କ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଚଳିତ ବର୍ଷ ଫେବୃଆରୀ ୨୮ ରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା। ଗତମାସରେ ଅସ୍ଥାୟୀ ଯୁଦ୍ଧବିରତି ହୋଇଥିଲେ ମଧ୍ୟ ଦୁଇ ଦେଶ ମଧ୍ୟରେ ପାଲଟା ଆକ୍ରମଣ ଜାରି ରହିଥିଲା। ଏହାର ଜବାବରେ ଇରାନ ହୋରମୁଜ ପ୍ରଣାଳୀକୁ ବନ୍ଦ କରିଦେଇଥିଲା, ଯାହାଫଳରେ ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ ଏବଂ ସାର ପରିବହନ ବାଧାପ୍ରାପ୍ତ ହୋଇଛି। ଇରାନର ଡ୍ରୋନ୍ ଓ ମିସାଇଲ୍ ଆକ୍ରମଣ ଯୋଗୁଁ ଗଲ୍ ଦେଶଗୁଡ଼ିକରେ ବ୍ୟାପକ ଆର୍ଥିକ ପ୍ରଭାବ ପଡ଼ିଛି। ଚଳିତ ସପ୍ତାହରେ ମିଶରର ଦାମିଏଟା ବନ୍ଦରରେ ଦୁଇଟି ଗ୍ୟାସ ବାହୀ ଜାହାଜ ଉପରେ ଆକ୍ରମଣ ପରେ ସ୍ଥିତି ଆହୁରି ସଙ୍ଗୀନ ହୋଇଛି।

**ଇରାନ ଉପରେ ଟ୍ରମ୍ପ କ୍ଷୁବ୍ଧ**

## ବ୍ୟାଙ୍କ ଆକାଉଣ୍ଟ୍ ଫ୍ରିଜ୍ ବିରୋଧରେ ସୁପ୍ରିମ୍‌କୋର୍ଟ ଗଲା ଟିଏମ୍‌ସି

କୋଲକାତା, ୧।୮ (ଏଜେନ୍ସି): ଅର୍ଥ ହେରଫେର୍ (ମନି ଲଣ୍ଡରିଂ) ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ୩ଟି ବ୍ୟାଙ୍କ ଆକାଉଣ୍ଟ୍ ସ୍ଥଗିତ କିମ୍ବା ଫ୍ରିଜ୍ କରାଯିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି 'ତୃଣମୂଳ କଂଗ୍ରେସ' (ଟିଏମ୍‌ସି)। ଅଗଷ୍ଟ ୩ ତାରିଖରେ ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦରେଶ ଏବଂ ଜଷ୍ଟିସ୍ ପ୍ରସନ୍ନ ବି ବରାଲେଙ୍କୁ ନେଇ ଗଠିତ ପୀଠରେ ଏହି ଆବେଦନର ଶୁଣାଣି ହେବ। ବିମାନ୍ ଏବଂ ହେଲିକପ୍ଟର କ୍ରୟ ସହ ଜଡ଼ିତ ଆର୍ଥିକ କାରବାରର ତଦନ୍ତ କରି ଇଡି ଏହି ପଦକ୍ଷେପ ନେଇଥିଲା। ଏହି ୩ଟି ଆକାଉଣ୍ଟ୍‌ରେ ପ୍ରାୟ ୪୪୦ କୋଟି ଟଙ୍କା ଗଚ୍ଛିତ ରହିଛି। ଅନୁସନ୍ଧାନ ବେଳେ ଗୋଟିଏ ଆକାଉଣ୍ଟ୍‌ରୁ ବେସରକାରୀ କମ୍ପାନୀକୁ ୧୩୩.୮୪ କୋଟି ଟଙ୍କା ହସ୍ତାନ୍ତର କରାଯାଇଥିବା ଇଡି ଅଭିଯୋଗ କରିଛି। ଏହାପୂର୍ବରୁ ଟିଏମ୍‌ସି କଲିକତା ହାଇକୋର୍ଟରେ ପହଞ୍ଚି ବ୍ୟାଙ୍କ ଆକାଉଣ୍ଟ୍ ବନ୍ଦ ଯୋଗୁଁ ଦଳୀୟ ସଂଗଠନ ଓ ଦୈନନ୍ଦିନ କାର୍ଯ୍ୟାବଳୀ ପ୍ରଭାବିତ ହେଉଥିବା ଦର୍ଶାଇ ଅନ୍ତରୀଣ ଆଶ୍ୱାସନା ମାଗିଥିଲା। ମାତ୍ର ହାଇକୋର୍ଟ ଅନ୍ତରୀଣ ରହସ୍ୟ କିମ୍ବା ରୋକ୍ ଲଗାଇବାକୁ ମନା କରିଦେଇଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ବିରୋଧରେ ଟିଏମ୍‌ସି ସୁପ୍ରିମ୍ କୋର୍ଟରେ ଏସ୍‌ଏଲ୍‌ପି (ସ୍ପେସିଆଲ ଲିଭ୍ ପିଟିସନ) ଦାଖଲ କରି ଆକାଉଣ୍ଟ ପରିଚାଳନା ପାଇଁ ଅନୁମତି ମାଗିଛି।

**୩ରେ ଶୁଣାଣି**

# ରାହୁଲ, ପପ୍ପୁ ଯାଦବଙ୍କ ବିରୋଧରେ ପୁଲିସ ମାମଲା



ବାରଣାସୀ, ୧।୮ (ଏଜେନ୍ସି): ସଂସଦ ପରିସରରେ ବିରୋଧ ପ୍ରଦର୍ଶନ ସମୟରେ ସନାତନ ଧର୍ମକୁ ଅପମାନିତ କରିବା ଏବଂ ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ରାହୁଲ ଗାନ୍ଧୀ ଏବଂ ଅନ୍ୟ ୨ ସାଂସଦଙ୍କ ବିରୋଧରେ ଶନିବାର ମାମଲା ରୁଜୁ ହୋଇଛି। ଉତ୍ତରପ୍ରଦେଶର ବାରଣାସୀରେ କିଛି ସାଧୁସନ୍ଥଙ୍କ ଅଭିଯୋଗ ଆଧାରରେ ମାମଲା ଦାୟର କରାଯାଇଛି। ଏଥିରେ ରାହୁଲଙ୍କ ସମେତ ସ୍ୱାଧୀନ ସାଂସଦ ରାଜେଶ ରଞ୍ଜନ ଓରଫ ପପୁ ଯାଦବ ଏବଂ ସମାଜବାଦୀ ପାର୍ଟି ସାଂସଦ ଅୱଧେଶ ପ୍ରସାଦଙ୍କ ନାମ ରହିଛି। ସୂଚନାଯୋଗ୍ୟ, ରାମ ମନ୍ଦିର ଦାନ ଅର୍ଥ ହେରଫେର ଅଭିଯୋଗରେ ବିରୋଧୀ ଦଳର ନେତାମାନେ ସଂସଦ ପରିସରରେ ଗତକାଲି ନାଟକୀୟ ପ୍ରଦର୍ଶନ କରିଥିଲେ। ଏଥିରେ ସଂସଦ ପରିସରରେ ରଖାଯାଇଥିବା ଦାନ ବାକ୍ସରେ ରାହୁଲଙ୍କ ସମେତ ଅନ୍ୟ ସାଂସଦମାନେ ଟଙ୍କା ପକାଉଥିବା ବେଳେ ପୂଜାରୀ ବେଶରେ ପପୁ ଯାଦବ ସେହି ଟଙ୍କାକୁ ନେଇ ନିଜ ପକେଟରେ ପୁରାଉଥିବା ଦେଖାଯାଇଥିଲା। ନିକଟରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭାଦ୍ରା, ସମାଜବାଦୀ ଦଳର ନେତା ଅୱଧେଶ ପ୍ରସାଦ ପ୍ରମୁଖ ନେତା ଠିଆ ହୋଇଥିଲେ। ତେବେ ଏହି ନାଟକୀୟ ପ୍ରତିବାଦକୁ ସାଧୁସନ୍ଥମାନେ ସହଜରେ ଗ୍ରହଣ କରିନାହାନ୍ତି। ଏପରି ବ୍ୟବହାର ସନାତନ ଧର୍ମ ଏବଂ ଧାର୍ମିକ ପରମ୍ପରାର ଅସମ୍ମାନ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପପୁ ଯାଦବ ପ୍ରଭୁ ରାମ ଏବଂ ସନାତନ ଧର୍ମକୁ ଯେଉଁଭଳି ଭାବରେ ଅପମାନ କରିଛନ୍ତି ତାହା ଅକ୍ଷମଣୀୟ ବୋଲି ଜଗତଗୁରୁ ବାଳକ ଦାସ କହିଛନ୍ତି। ସେପଟେ ମଧ୍ୟପ୍ରଦେଶରେ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ତୀବ୍ର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରତିବାଦକାରୀମାନେ ରାହୁଲ ଗାନ୍ଧୀଙ୍କ ବିରୋଧରେ ସ୍ଲୋଗାନ ଦେଇ ପୁଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ପ୍ରୟାସ କରିଥିଲେ, ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟପଟେ, ସାଂସଦ ବାଂଶୁରୀ ସ୍ୱରାଜଙ୍କ ସହ ବିଜେପିର ବହୁ ପ୍ରମୁଖ ନେତା ଦିଲ୍ଲୀରେ ଏନେଇ ମାମଲା ଦାୟର କରିଛନ୍ତି।

# ଯନ୍ତରମନ୍ତର ଗାଳିଗୁଲଜ ଘଟଣା: କ୍ଷମାକଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସ୍ୱର୍ଗତ ମା'ଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ପ୍ରୟୋଗ ଘଟଣାରେ ପ୍ରଧାନମନ୍ତ୍ରୀ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ଏହି ସମ୍ପୃକ୍ତ ଯୁବପିଢ଼ିଙ୍କୁ କ୍ଷମା କରିଦେବାକୁ ଏବଂ ଆକ୍ରୋଶ ପରିବର୍ତ୍ତେ



ସେମାନଙ୍କୁ ସଠିକ୍ ବାଟ ଦେଖାଇବାକୁ ଦେଶବାସୀଙ୍କୁ ନିବେଦନ କରିଛନ୍ତି। ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶ ଜାଲିଆତି ବିରୋଧରେ ଜନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନ ସମୟରେ ଜଣେ ୨୫ ବର୍ଷୀୟା ଯୁବତୀ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରିଥିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ ପ୍ରଧାନମନ୍ତ୍ରୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ଗାଳିଗୁଲଜ ଦ୍ୱାରା କୌଣସି ସମସ୍ୟାର ସମାଧାନ ହୁଏନାହିଁ। ଭୁଲ୍ କରିବା ବୟସର ଏକ ସ୍ୱାଭାବିକ ପ୍ରକ୍ରିୟା, ତେଣୁ ସେମାନଙ୍କୁ କୋର୍ଟ-କଚେରୀକୁ ଟାଣିବା ବଦଳରେ ବୁଝାଇ ସୁଝାଇ ସଠିକ୍ ମାର୍ଗଦର୍ଶନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ନେଇ କ୍ଷମାପ୍ରାର୍ଥନା ପୂର୍ବକ ଦେଶ ଗଠନରେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟପଟେ, ଆନ୍ଦୋଳନକାରୀଙ୍କ ବିରୋଧରେ ଆଇନଗତ ଆକ୍ସନ୍ ନେବାକୁ ନେଇ ରାଜନୈତିକସ୍ତରରେ ତର୍କବିତର୍କ ଜାରି ରହିଛି।

ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଆକ୍ଷେପମୂଳକ ଓ କଟୁ ଶବ୍ଦ ପ୍ରୟୋଗ କରି ଅଭିଯୁକ୍ତ ହୋଇଥିବା ଜଣେ ନାବାଳିକାଙ୍କ

**ନାବାଳିକାଙ୍କ କ୍ଷମାପ୍ରାର୍ଥନା; ଭିଡିଓ ଭାଇରାଲ୍**

କ୍ଷମାପ୍ରାର୍ଥନା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଭିଡିଓରେ ସେ ହାତ ଯୋଡ଼ି କହିଛନ୍ତି, 'ମୁଁ କିଛି ଲୋକଙ୍କ କଥାରେ ଆସି ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବହୁତ ଖରାପ ଭାଷା ପ୍ରୟୋଗ କରିଥିଲି। ମୋତେ ମାତ୍ର ୧୫ ବର୍ଷ ହୋଇଛି, ଏହା ମୋର ପ୍ରଥମ ଓ ଶେଷ ଭୁଲ୍। ମୁଁ ସମଗ୍ର ଦେଶବାସୀଙ୍କୁ କ୍ଷମା ମାଗୁଛି।' ପୂର୍ବରୁ ପୁଲିସ ଏଫ୍‌ଆଇଆର୍‌ରେ ତାଙ୍କ ବୟସ ୨୫ ବର୍ଷ ଦର୍ଶାଯାଇଥିଲା। ଉଲ୍ଲେଖଯୋଗ୍ୟ, ଯନ୍ତର ମନ୍ତର ପ୍ରତିବାଦ ସମୟରେ ହୋଇଥିବା ଏହି ଘଟଣାକୁ ନେଇ ନୋଏଡା ଓ ପରେ ଦିଲ୍ଲୀ ପୁଲିସ ମାମଲା ରୁଜୁ କରିଥିଲା। ତେବେ ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ମୋଦୀ ଏକ ଭିଡିଓ ବାର୍ତ୍ତା ଜାରି କରି ଏହି 'ବାଟବଣା ଯୁବପିଢ଼ି'ଙ୍କୁ କ୍ଷମା କରିବାକୁ ଏବଂ ସେମାନଙ୍କୁ କୋର୍ଟ-କଚେରୀକୁ ନଟାଣି ସଠିକ୍ ବାଟ ଦେଖାଇବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତାର କିଛି ଘଣ୍ଟା ପରେ ହିଁ ସମ୍ପୃକ୍ତ କିଶୋରୀଙ୍କ ଏହି କ୍ଷମାପ୍ରାର୍ଥନା ଭିଡିଓ ସାମ୍ନାକୁ ଆସିଛି।

# ପ୍ରତିବାଦ ଭୟରେ 'ଟିସ୍' ସମାବର୍ତ୍ତନ ଉତ୍ସବ ସ୍ଥଗିତ

ମୁମ୍ବାଇ, ୧।୮ (ଏଜେନ୍ସି): ମୁମ୍ବାଇର ଅଗଷ୍ଟ ୨ ତାରିଖରେ ହେବାକୁ ଥିବା ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (ଟିସ୍)ର ୮୬ତମ ସମାବର୍ତ୍ତନ ଉତ୍ସବକୁ ହଠାତ୍ ସ୍ଥଗିତ ରଖାଯାଇଛି। ଏହି ଉତ୍ସବରେ ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ମାତ୍ର କ୍ୟାମ୍ପସରେ ସମ୍ଭାବ୍ୟ ବିକ୍ଷୋଭ ଓ ପ୍ରତିବାଦ ଆଶଙ୍କା ଏବଂ ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସଂସ୍ଥା ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପଠାଯାଇଥିବା ଇମେଲ୍‌ରେ 'ଅପ୍ରତ୍ୟାଶିତ ପରିସ୍ଥିତି' ଦର୍ଶାଯାଇ ଉତ୍ସବ ସ୍ଥଗିତ ରଖାଯାଇଥିବା କୁହାଯାଇଛି। ହଠାତ୍ କାର୍ଯ୍ୟକ୍ରମ ବାତିଲ ହେବା ଯୋଗୁଁ ନିଜ ପରିବାର ସହ ଯୋଗଦେବାକୁ ଯୋଜନା କରିଥିବା ଏବଂ ଟିକେଟ୍ ବୁକିଂ କରିସାରିଥିବା ଅନେକ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟିସ୍ କର୍ତ୍ତୃପକ୍ଷ ଜଣାଇଛନ୍ତି ଯେ, ସଂସ୍ଥାର ସ୍ୱାର୍ଥ ଏବଂ ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି କଠିନ ନିଷ୍ପତ୍ତି ନିଆଯାଇଛି। ସମାବର୍ତ୍ତନ ଉତ୍ସବ ସ୍ଥଗିତ ଯୋଗୁଁ ଆର୍ଥିକ କ୍ଷତି ସହିଥିବା ଛାତ୍ରଛାତ୍ରୀଙ୍କ ଦରଖାସ୍ତ ଆଧାରରେ ସହାୟତା ଯୋଗାଇ ଦିଆଯିବ ବୋଲି ସଂସ୍ଥା ପ୍ରତିଶ୍ରୁତି ଦେଇଛି। ଏହାସହ ଖୁବ୍‌ଶୀଘ୍ର ନୂତନ ତାରିଖ ଘୋଷଣା କରାଯିବ ଏବଂ ଜରୁରୀ ଶିକ୍ଷାଗତ ପ୍ରମାଣପତ୍ର ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀମାନେ ନିୟମିତ ପ୍ରକ୍ରିୟା ଜରିଆରେ ତାହା ସଂଗ୍ରହ କରିପାରିବେ ବୋଲି କୁହାଯାଇଛି।

**ପ୍ରଧାନବିଚାରପତି ହେବାର ଥିଲେ ମୁଖ୍ୟ ଅତିଥି**


# ଅର୍ପିତା ଟାର୍ଗେଟରେ ଥିଲେ ରାଜନେତା, ଅଫିସର

କୋଲକାତା, ୧।୮ (ଏଜେନ୍ସି): ସନ୍ତ୍ରାସବାଦୀ କାର୍ଯ୍ୟକଳାପ ସହ ଜଡ଼ିତ ସନ୍ଦେହରେ ଗିରଫ ହୋଇଥିବା ହାମିମ୍ ମଣ୍ଡଳର ସହଯୋଗୀ ଅର୍ପିତା ସରକାରଙ୍କୁ ପଶ୍ଚିମବଙ୍ଗ ପୁଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଝାଡ଼ଖଣ୍ଡର ସାହିବଗଞ୍ଜରୁ ଗିରଫ କରିଛି। ସମ୍ବେଦନଶୀଳ ତଥ୍ୟ ହାସଲ କରିବା ପାଇଁ ହାମିମ୍ ଏବଂ ଅର୍ପିତା ଗୋଟିଏ ନେଟୱାର୍କ ଚଳାଉଥିବା ନେଇ ପୁଲିସ ଦାବି କରିଛି। ଏସ୍‌ଟିଏଫ୍ ସୂତ୍ର ଅନୁଯାୟୀ, ଅର୍ପିତା ବରିଷ୍ଠ ସରକାରୀ ଅଧିକାରୀ, ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଏବଂ ରାଜନେତାମାନଙ୍କୁ 'ହନି ଟ୍ରାପ୍' (ପ୍ରେମ ପ୍ରତାରଣାର ଜାଲ)ରେ ଫସାଇ ସେମାନଙ୍କଠାରୁ ବ୍ୟକ୍ତିଗତ ଓ ଗୁପ୍ତ ତଥ୍ୟ ହାସଲ କରୁଥିଲେ। ସେହି ତଥ୍ୟକୁ ପରବର୍ତ୍ତୀ ସମୟରେ ହାମିମ୍ ନିକଟକୁ ପଠାଯାଉଥିଲା। ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ସହ ହାମିମ୍‌ର ସମ୍ପର୍କ ଥିବା ନେଇ ମଧ୍ୟ ତଦନ୍ତକାରୀ ଦଳ ଦାବି କରିଛନ୍ତି। ପୂର୍ବରୁ ବୁର୍ଦ୍ଧବାନରୁ ଗିରଫ ହୋଇଥିବା ହାମିମ୍‌କୁ ୧୪ ଦିନିଆ ଏସ୍‌ଟିଏଫ୍ ରିମାଣ୍ଡରେ ନିଆଯାଇଛି। ସେମାନଙ୍କ ବାଜ୍ୟାପ୍ତ ମୋବାଇଲ୍, ଲାପଟପ୍ ଏବଂ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ସ ଉପକରଣଗୁଡ଼ିକୁ ଫୋରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି। ପଶ୍ଚିମବଙ୍ଗର ବହୁ ପ୍ରମୁଖ ନେତାଙ୍କ ଗତିବିଧି ଉପରେ ଏହି ନେଟୱାର୍କ ନଜର ରଖୁଥିବା ନେଇ ସନ୍ଦେହ କରାଯାଉଛି।



# ଆଣ୍ଟାର୍କଟିକାରେ ୬୯ % କମିଲେ ପେଙ୍ଗୁଇନ୍ ଶାବକ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ପରିବେଶର ସୂକ୍ଷ୍ମ ଅସନ୍ତୁଳନ କିପରି ସମ୍ପୂର୍ଣ୍ଣ ଆବାସସ୍ଥଳୀକୁ ପ୍ରଭାବିତ କରିପାରେ, ତାହାର ଏକ ଚିନ୍ତାଜନକ ଚିତ୍ର ଆଣ୍ଟାର୍କଟିକାରେ ଦେଖିବାକୁ ମିଳିଛି। ମାତ୍ର ଗୋଟିଏ ୧୪ କିଲୋମିଟର ଲମ୍ବର ବିଶାଳ ହିମଶୈଳ ଯୋଗୁଁ ଆଣ୍ଟାର୍କଟିକାର କୁଲମ୍ୟାନ୍ ଦ୍ୱୀପରେ ବସବାସ କରୁଥିବା ବିଶିଷ୍ଟ 'ଏମ୍ପରର' ବା ସମ୍ରାଟ ପେଙ୍ଗୁଇନ୍ ଶାବକଙ୍କ ସଂଖ୍ୟା ଗୋଟିଏ ବଂଶବୃଦ୍ଧି ଋତୁରେ ପ୍ରାୟ ୬୯ ପ୍ରତିଶତ ହ୍ରାସ ପାଇଛି। ବିଜ୍ଞାନ ପତ୍ରିକା 'କମ୍ୟୁନିକେସନ୍ସ ଆର୍ଥ ଆଣ୍ଡ ଏନଭାଇରନମେଣ୍ଟ'ରେ ପ୍ରକାଶିତ ଗବେଷଣା ରିପୋର୍ଟ ଅନୁସାରେ, ୨୦୨୫ ବଂଶବୃଦ୍ଧି ଋତୁରେ ଆକାଶମାର୍ଗରୁ କରାଯାଇଥିବା ସର୍ବେକ୍ଷଣରୁ ମାତ୍ର ୬, ୬୫୮ଟି ଜୀବନ୍ତ ପେଙ୍ଗୁଇନ୍ ଶାବକ ଚିହ୍ନଟ ହୋଇଥିଲେ। ଏହା ୨୦୨୪ ମସିହା ଏବଂ ୨୦୧୭ ରୁ ୨୦୨୪ ମଧ୍ୟରେ ହୋଇଥିବା ହାରାହାରି ଶାବକ ସଂଖ୍ୟା ତୁଳନାରେ ୬୯ ପ୍ରତିଶତ କମ୍। ଗୋଟିଏ ବିଶାଳ ହିମଶୈଳ ପେଙ୍ଗୁଇନ୍‌ମାନଙ୍କ ଖାଦ୍ୟ ସଂଗ୍ରହ ପଥରେ ବାଧା ସୃଷ୍ଟି କରିଥିଲା। ୨୦୨୫ ମାର୍ଚ୍ଚ ମାସରେ ପ୍ରାୟ ୧୩.୯ କିଲୋମିଟର ଲମ୍ବ ଏବଂ ୪ କିଲୋମିଟର ଓସାରର ଏହି ହିମଶୈଳଟି ଭାସି ଆସି ଜୁଲାଇ ୨୮ ତାରିଖ ବେଳକୁ ପେଙ୍ଗୁଇନ୍ ରହୁଥିବା ସ୍ଥାନଠାରୁ ମାତ୍ର ୩ ରୁ ୫ କିଲୋମିଟର ଦୂରରେ ସମୁଦ୍ର ମଧ୍ୟରେ ଖସି ଅଟକି ଯାଇଥିଲା। ସମ୍ରାଟ ପେଙ୍ଗୁଇନ୍ ଶାବକମାନେ ନିଜ ପିତାମାତାଙ୍କ ଦ୍ୱାରା ଅଣାଯାଉଥିବା ଖାଦ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ହିମଶୈଳର ଦକ୍ଷିଣ ପାର୍ଶ୍ୱ ଉଚ୍ଚ ଏବଂ ସିଧା ହୋଇଥିବାରୁ ବୟସ୍କ ପେଙ୍ଗୁଇନ୍‌ମାନଙ୍କୁ ସମୁଦ୍ରରୁ ମାଛ, ସ୍କ୍ୱିଡ୍ ଏବଂ କ୍ରିଲ୍ ଶିକାର କରିବା ପାଇଁ ବହୁ ଦୂର ବୁଲିଯିବାକୁ ପଡ଼ିଥିଲା। ଫଳରେ ସେମାନେ ନିୟମିତ ଖାଦ୍ୟ ଦେଇପାରିନଥିଲେ, ତେଣୁ ଶାବକମାନେ ଦୁର୍ବଳ ହୋଇପଡ଼ିଥିଲେ ଏବଂ ସେମାନଙ୍କ ଜୀବିତ ରହିବା କଷ୍ଟକର ହୋଇପଡ଼ିଥିଲା।



### ମହାନଦୀ ଜଳ ବିବାଦର ସମାଧାନ କରିବାରେ ବିଜେପି ବିଫଳ

# ଛତିଶଗଡ଼ ପାଖରେ ଆତ୍ମସମର୍ପଣ କରିଛନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର,୧।୮ (ସମିସ): ବିଜେପି ସରକାରର ଅପାରଗତା ଯୋଗୁଁ ମହାନଦୀ ଜଳ ବିବାଦର ସମାଧାନ ହେବାରେ ବିଳମ୍ବ ହେଉଛି। ଟ୍ରିପଲ୍ ଇଞ୍ଜିନ ସରକାର ଥାଇ ବି ସମନ୍ୱୟ ଅଭାବରୁ ଓଡ଼ିଶାବାସୀ ଉପେକ୍ଷିତ ହେଉଛନ୍ତି। ଆଜି ଓଡ଼ିଶାରେ ଯେଉଁ ବନ୍ୟା ପରିସ୍ଥିତି ଉପୁଜିଛି ତାହା ସମ୍ପୂର୍ଣ୍ଣ ମନୁଷ୍ୟକୃତ। ଦିଲ୍ଲୀରେ ମହାନଦୀ ଜଳ ବିବାଦ ନେଇ ବୈଠକରେ ହୋଇଥିବା ଆଲୋଚନାକୁ ଜାଣିଶୁଣି ସାର୍ବଜନୀନ ନ କରି ଓଡ଼ିଶାବାସୀଙ୍କୁ ମିଛ ଆଶ୍ୱାସନା ଦେଇ ଭୁଆଁ ବୁଲାଉଥିବାରୁ ରାଜ୍ୟ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ଅରୁଣ ସାହୁ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ମହାନଦୀ ଜଳ ବିବାଦ ସମାଧାନରେ ବିଜେପି ସରକାରର ଅପାରଗପଣିଆକୁ କଡ଼ା ନିନ୍ଦା କରିଛନ୍ତି। ଓଡ଼ିଶାରେ ଯେଉଁ ବନ୍ୟା ବିପ୍ରାତ ଦେଖାଦେଇଛି ତାହା ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ ବୋଲି ସେମାନେ କହିଛନ୍ତି।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ଓଡ଼ିଶାର କୌଣସି କଥାକୁ ଛତିଶଗଡ଼ ସରକାର ତିଳେ ମାତ୍ର ଭ୍ରୂକ୍ଷେପ କରୁନାହିଁ। ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଛତିଶଗଡ ପାଖରେ ନିଜକୁ ଓଡ଼ିଶା ସରକାର ଆତ୍ମସମର୍ପଣ କରିଛନ୍ତି। ମହାନଦୀ ଜଳ ବିବାଦ ନେଇ ଦିଲ୍ଲୀରେ କେନ୍ଦ୍ର ସରକାର, ଓଡ଼ିଶା ସରକାର ଏବଂ ଛତିଶଗଡ଼ ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଜେ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ତେବେ ମହାନଦୀ ଜଳ ବିବାଦର ସମାଧାନ ଦୀପାବଳି ପୂର୍ବରୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ବିବୃତ୍ତି ପ୍ରଦାନ କରିଥିଲେ। କିନ୍ତୁ କେଉଁ ଆଧାରରେ ଦିଲ୍ଲୀରେ ଆଲୋଚନା ହେଲା, ସେ ବାବଦରେ ଓଡ଼ିଶାବାସୀଙ୍କୁ ଜଣାଇବା ମୁଖ୍ୟମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ। ବୈଠକରେ ମୁଖ୍ୟମନ୍ତ୍ରୀ କ'ଣ ଆଲୋଚନା କରିଲେ ତାହାକୁ ସାର୍ବଜନୀନ କରିଲେ ନାହିଁ। ମହାନଦୀର ଜଳ ପରିଚାଳନ ନେଇ ଓଡ଼ିଶାକୁ ଛତିଶଗଡ ସହଯୋଗ କରୁନାହିଁ। ବାରମ୍ବାର ଜଣାଇବା ସତ୍ତ୍ୱେ ସରଡିହି ବ୍ୟାରେଜ ପାଖରେ ଏକ ନୂତନ ଗେଜ୍ ପ୍ରତିଷ୍ଠା ପାଇଁ ଛତିଶଗଡ଼ ମାନୁନାହିଁ। ଓଡ଼ିଶା ସରକାରଙ୍କ କଥାକୁ ଛତିଶଗଡ ବେଖାତିର କରିଚାଲିଛି। ପୁରୁଣା ଗେଜ



ସଠିକ୍ ଭାବରେ କାର୍ଯ୍ୟ କରୁନଥିବାରୁ ଜଳ ପରିଚାଳନାରେ ସମସ୍ୟା ହେଉଛି। ଏନ୍. ଖୋସଲାଙ୍କ ରିପୋର୍ଟ ପରେ ଛତିଶଗଡ ସରକାର ଏହାକୁ ଉଲ୍ଲଙ୍ଘନ କରି ଜଳ ବିବାଦ ସୃଷ୍ଟି କରୁଛନ୍ତି। ଛତିଶଗଡ ସରକାରଙ୍କ ମନମାନି ଯୋଗୁଁ ହୀରାକୁଦ ଜଳଭଣ୍ଡାର ସୁରକ୍ଷା ପାଇଁ ରୁଲକର୍ଭ ନୀତିର ଅନୁପାଳନ ହୋଇପାରୁ ନାହିଁ। ଛତିଶଗଡର ପଛୁଆ ପାଣି ହୀରାକୁଦକୁ ବିପଦ ସୃଷ୍ଟି କରିବା ସହ ଓଡ଼ିଶାରେ ବନ୍ୟା ସ୍ଥିତି ସଙ୍ଗୀନ ହେଉଛି। ଓଡ଼ିଶାର ବୃହତ୍ତର ସ୍ୱାର୍ଥ ପାଇଁ ରାଜ୍ୟ ସରକାର ଚୁପ୍ ନରହି ଲଢ଼େଇ କରନ୍ତୁ। ମହାନଦୀ ଜଳ ବିବାଦର ସମାଧାନ ନେଇ ଦିଲ୍ଲୀରେ ରାଜ୍ୟ ସରକାର କ'ଣ ଆଲୋଚନା କରିଲେ ସେ ବାବଦରେ ଓଡ଼ିଶାବାସୀଙ୍କୁ ଜଣାନ୍ତୁ ବୋଲି ସେ କହିଥିଲେ।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ କେନ୍ଦ୍ର ସମେତ ଛତିଶଗଡ ଏବଂ ଓଡ଼ିଶାରେ ବିଜେପି ସରକାର ରହିଛି। ତେବେ ଟ୍ରିପଲ ଇଞ୍ଜିନ ସରକାର ଥାଇ ବି ମହାନଦୀ ଜଳ ବିବାଦର ସମାଧାନ ହୋଇପାରୁ ନାହିଁ। ରାଜ୍ୟ ସରକାର ନିଜକୁ ଛତିଶଗଡ ପାଖରେ ଆତ୍ମସମର୍ପଣ କରିଛନ୍ତି। ଖରାଦିନେ ମହାନଦୀ ଶୁଖିଲା ପଡ଼ିଥିବା ବେଳେ ରାଜ୍ୟ ସରକାର ଆଲୋଚନା କରିଲେ ନାହିଁ। ବର୍ଷା ସମୟରେ ଆଲୋଚନା କରିଲେ କାହିଁକି? ଖରାଦିନେ ମହାନଦୀର ଜଳ ସଙ୍କଟକୁ ଓଡ଼ିଶାବାସୀଙ୍କ ମନରୁ ଭୁଲାଇ ଦେବାକୁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଛତିଶଗଡ ପାଖରେ ୨୪ ଲକ୍ଷ ମିଲିୟନ ଏକର ଫୁଟ ପାଣି ଥିବାବେଳେ ୧୦ ଲକ୍ଷ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ତତ୍କାଳୀନ ଓଡ଼ିଶା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଛତିଶଗଡ଼ ମହାନଦୀ ଜଳର ୨୭ ଲକ୍ଷ ମିଲିୟନ ଏକର ଫୁଟ ଜଳ ଆବଶ୍ୟକ କରୁଥିବାରୁ ଜଳ ବିବାଦ ମୁଣ୍ଡ ଟେକିଥିଲା। ଅଣମୌସୁମୀ ସମୟରେ ହୀରାକୁଦ ଜଳଭଣ୍ଡାର ପରିଚାଳନା ଓ କୃଷି କାର୍ଯ୍ୟ ପାଇଁ ଓଡ଼ିଶାକୁ ୧.୭୪ ମିଲିୟନ ଏକର ଫୁଟ ପାଣିର ଆବଶ୍ୟକତା ଥିବାବେଳେ ଛତିଶଗଡ ନିଜର ମନମାନି କରି ତାହା ଦେଉନାହିଁ। ଖରାଦିନେ କଲମା ବ୍ୟାରେଜର ସମସ୍ତ ଗେଟ ବନ୍ଦ ରଖୁଛି ଛତିଶଗଡ, ଯାହାଫଳରେ ଓଡ଼ିଶା ପଟ ଶୁଖିଲା ପଡୁଛି। ବର୍ଷ ତମାମ ପାଣି ଅଟକାଇ ରଖୁଥିବା ବେଳେ ବନ୍ୟା ସମୟରେ କଲମା ବ୍ୟାରେଜର ସମସ୍ତ ଗେଟ ଛତିଶଗଡ ଖୋଲି ଦେବା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଜଳ ବିବାଦର ସମାଧାନ ନେଇ ରାଜ୍ୟ ସରକାର ଦିଲ୍ଲୀରେ ଆଲୋଚନା କରିଥିବା ବେଳେ ଏହାକୁ ସାର୍ବଜନୀନ କରିବା ପାଇଁ ଡରୁଛନ୍ତି କାହିଁକି ବୋଲି ଡ. ସାହୁ ପ୍ରଶ୍ନ କରିଥିଲେ। ଭୃଗୁ ବକ୍ସିପାତ୍ର କହିଥିଲେ ଯେ ମହାନଦୀ ଜଳ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହୋଇଛି। ଉକ୍ତ ଟ୍ରିବ୍ୟୁନାଲ ୬ ଦିନ ଧରି ଓଡ଼ିଶା ବୁଲିକି ଗଲେ। ଏନେଇ ରାଜ୍ୟ ସରକାର ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ହେଁ ଫଳ ଶୂନ୍ୟ। ଓଡ଼ିଶାକୁ ନ ଜଣାଇ ଛତିଶଗଡ କଲମା ବ୍ୟାରେଜ ଗେଟ୍ ଖୋଲିବାରୁ ଓଡ଼ିଶାରେ ବନ୍ୟା ବିପ୍ରାତ ହେଲା। ଏଥିପାଇଁ ବିଜେପି ସରକାର ହିଁ ସମ୍ପୂର୍ଣ୍ଣ ଭାବେ ଦାୟୀ। ମୁଖ୍ୟମନ୍ତ୍ରୀ ଦଳୀୟ ସ୍ୱାର୍ଥକୁ ଛାଡି ଓଡ଼ିଶାର ସ୍ୱାର୍ଥ ପାଇଁ ନିଜକୁ ସମର୍ପଣ କରନ୍ତୁ। ଅନ୍ୟ ମାନଙ୍କୁ ଖୁସି କରାଇବାକୁ ଛତିଶଗଡ ପାଖରେ ଓଡ଼ିଶାକୁ ବିକି ନଦିଅନ୍ତୁ। ମହାନଦୀ ଜଳ ବିବାଦର ସମାଧାନ ପାଇଁ ବୈଠକରେ କ'ଣ ଆଲୋଚନା ହୋଇଛି ତାହାକୁ ତୁରନ୍ତ ସାର୍ବଜନୀନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

- ଓଡ଼ିଶାରେ ଉପୁଜିଥିବା ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ମନୁଷ୍ୟକୃତ
- ଟ୍ରିପଲ ଇଞ୍ଜିନ ସରକାର ଥାଇ ବି ମହାନଦୀ ଜଳ ବିବାଦ ସମାଧାନରେ ବିଳମ୍ବ
- ବୈଠକରେ ହୋଇଥିବା ଆଲୋଚନାକୁ ତୁରନ୍ତ ସାର୍ବଜନୀନ କରନ୍ତୁ ରାଜ୍ୟ ସରକାର

■ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀଙ୍କ ବିବୃତି

## ୩ ମାସ ମଧ୍ୟରେ ସମାଧାନର ପନ୍ଥା ବାହାରିବା ଆଶା ଉଜ୍ଜ୍ୱଳ

ଭୁବନେଶ୍ୱର,୧।୮ (ସମିସ): ଦିଲ୍ଲୀରେ ମହାନଦୀ ଜଳବିବାଦ ସମ୍ପର୍କିତ ବୈଠକରେ ଯୋଗଦେବା ରାଜ୍ୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗତ ୩୦ ତାରିଖ ଦିନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇଙ୍କ ସହିତ ସେ ଯୋଗଦେଇଥିଲେ। ବୈଠକରେ ସୌହାଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଆପୋଷ ସମାଧାନ ପାଇଁ ଆଲୋଚନା ହୋଇଥିଲା। ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଓ ଅଧିକାର, ଚାଷୀକୂଳର ହିତ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ସମାଧନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ମହାନଦୀ ଜଳ ବିବାଦ ବୈଠକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା**

ନିଜର ଦିଲ୍ଲୀ ଗସ୍ତ ସମ୍ପର୍କରେ ଶନିବାର ଲୋକସେବା ଭବନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରୀୟ ଜଳ କମିଶନ ଅଧ୍ୟକ୍ଷଙ୍କ ଅଧିନରେ ଗଠିତ ଏକ ଟେକ୍‌ନିକାଲ୍ କମିଟି ଆସନ୍ତା ୩ ମାସ ମଧ୍ୟରେ ମହାନଦୀ ଟ୍ରିବ୍ୟୁନାଲକୁ ଏହାର ରିପୋର୍ଟ ପ୍ରଦାନ କରିବ। ଏହାଦ୍ୱାରା ମହାନଦୀ ଜଳ ସମସ୍ୟାର ସମାଧାନ ବାହାରିବ ଏବଂ ଆସନ୍ତା ଦୀପାବଳୀ ଆମ ପାଇଁ ଶୁଭଙ୍କର ହେବ। ଏହା ସହିତ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ନୀତି ଆୟୋଗ ତଥା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ପ୍ରଫେସର କେ.ଭି. ରାଜୁ ପ୍ରମୁଖଙ୍କୁ ଭେଟି ରାଜ୍ୟର ବିଭିନ୍ନ ସ୍ୱାର୍ଥ ସମ୍ବଳିତ ବିଷୟ ଉପରେ ଆଲୋଚନା କରିଥିଲେ ବୋଲି ସୂଚନା ଦେଇଛନ୍ତି।

## ୭ ରାଜ୍ୟ ପାଇଁ କେନ୍ଦ୍ରର ୨,୧୧୭.୮୫ କୋଟି ବନ୍ୟା ସହାୟତା ରାଶି ମଞ୍ଜୁର

ନୂଆଦିଲ୍ଲୀ/ଭୁବନେଶ୍ୱର,୧।୮ (ସମିସ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଓଡ଼ିଶା ସମେତ ୭ଟି ବନ୍ୟା ପ୍ରଭାବିତ ରାଜ୍ୟ ପାଇଁ ମୋଟ ୨,୧୧୭.୮୫ କୋଟି ଟଙ୍କାର ଅଗ୍ରୀମ ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି। ଏହି ପ୍ୟାକେଜ୍ ଅଧୀନରେ ଓଡ଼ିଶାକୁ ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍)ର ଦ୍ୱିତୀୟ କିସ୍ତି ଭାବେ ଏହି ୫୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। କେନ୍ଦ୍ରରୁ ମିଳିଥିବା ଏହି ସହାୟତା ରାଶି ବନ୍ୟା ପ୍ରଭାବିତ ପରିବାରଙ୍କୁ ତୁରନ୍ତ ସହାୟତା ଯୋଗାଇବା ଏବଂ କ୍ଷୟକ୍ଷତିର ମୁକାବିଲା କରିବାରେ ରାଜ୍ୟ ସରକାରଙ୍କୁ ସାହାଯ୍ୟ କରିବ। ଓଡ଼ିଶା ସମେତ ଗୁଜରାଟ ଏବଂ ମହାରାଷ୍ଟ୍ର ପାଇଁ ମଧ୍ୟ ୫୦୦ କୋଟି ଟଙ୍କା ଲେଖାଏଁ ମଞ୍ଜୁର କରାଯାଇଛି। ଅନ୍ୟପକ୍ଷରେ ଆସାମକୁ ୩୭୯.୩୫ କୋଟି, ହିମାଚଳ ପ୍ରଦେଶକୁ ୧୯୩.୯୫ କୋଟିର ଦ୍ୱିତୀୟ କିସ୍ତି, ଅରୁଣାଚଳ ପ୍ରଦେଶକୁ ୪୪.୫୫ କୋଟି ଏବଂ ନାଗାଲାଣ୍ଡ ପାଇଁ ମଧ୍ୟ ଆବଶ୍ୟକୀୟ ପାଣ୍ଠି ଘୋଷଣା କରାଯାଇଛି। ବନ୍ୟା ମୁକାବିଲା ପାଇଁ ଏନଡିଆରଏଫ ଟିମ୍ ମୁତୟନ ସହ ଆବଶ୍ୟକ ସ୍ଥଳେ ପ୍ରତିରକ୍ଷା ମନ୍ତ୍ରଣାଳୟ ଜରିଆରେ ଯୋଗାଯୋଗ ଓ ଅନ୍ୟାନ୍ୟ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି।

- ଓଡ଼ିଶାକୁ ମିଳିଲା ୫୦୦ କୋଟି
- ସୁଦୃଢ଼ ହେବ ଉଦ୍ଧାର, ରିଲିଫ୍ ଏବଂ ଥଇଥାନ କାର୍ଯ୍ୟ: ମୁଖ୍ୟମନ୍ତ୍ରୀ

ସୂଚନାଯୋଗ୍ୟ, ଓଡ଼ିଶା ପୂର୍ବରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ କିସ୍ତିର ଅର୍ଥ ପାଇସାରିଛି। ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରିଲିଫ୍, ଉଦ୍ଧାର ଏବଂ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଅଗ୍ରୀମ ଅର୍ଥ ଜାରି କରିଛନ୍ତି। ରାଜ୍ୟର ପ୍ରାୟ ୧୫ଟି ଜିଲ୍ଲାରେ ୭.୯୨ ଲକ୍ଷରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବିଶେଷ କରି ମହାନଦୀ ବନ୍ୟା ଯୋଗୁଁ କୁଜଙ୍ଗ ଅଞ୍ଚଳର ଅନେକ ଗାଁ ଜଳବନ୍ଦି ହୋଇ ରହିଛି। ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ପରିସ୍ଥିତି ଗମ୍ଭୀର ରହିଛି।

ରାଜ୍ୟରେ ବର୍ତ୍ତମାନର ବନ୍ୟା ସ୍ଥିତି ମଧ୍ୟରେ କେନ୍ଦ୍ରର ଏହି ସମୟୋପଯୋଗୀ ସହାୟତା ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସହାୟତା ରାଜ୍ୟର ଉଦ୍ଧାର, ରିଲିଫ୍ ଏବଂ ଥଇଥାନ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବ। ପ୍ରଭାବିତ ପରିବାରଗୁଡ଼ିକୁ ଆବଶ୍ୟକୀୟ ସହାୟତା ଯୋଗାଇବାରେ ସହାୟକ ହେବ ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। କେନ୍ଦ୍ରର ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବନ୍ୟା ଦାଉ ସହ ଦୁଃଖ ଦେଉଛି ସରକାରୀ ନୀତି

## ଖରିଫ୍ ଚାଷୀ ପଞ୍ଜୀକରଣ କଥା ଭୁଲିଗଲେ କି ସରକାର

ନୟାଗଡ଼/ଭୁବନେଶ୍ୱର,୧।୮ (ସମିସ): ସାରା ରାଜ୍ୟରେ ବନ୍ୟା ପରିସ୍ଥିତି ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଥିବା ବେଳେ ସରକାରୀ ନୀତି ଚାଷୀଙ୍କ ଉପରେ ସମସ୍ୟାର ପାହାଡ଼ ଠିଆ କରିଛି। ନବୀନ ସରକାରଙ୍କ ଚାଷୀଙ୍କ ପ୍ରତି ଦରଦ ମନୋଭାବ ଏ ସରକାର ଅମଳରେ ନାହିଁ ବୋଲି ଖୋଦ୍ ଚାଷୀ ସଂଗଠନ ଗୁଡ଼ିକ ଅଭିଯୋଗ କରୁଛନ୍ତି। ପ୍ରତ୍ୟେକ ବର୍ଷ ଜୁଲାଇ ୧୫ ତାରିଖରୁ ଧାନ ବିକ୍ରି ପାଇଁ ସମବାୟ ବିଭାଗ ଆନୁକୁଲ୍ୟରେ ପ୍ୟାକ୍ସ ଜରିଆରେ ପଞ୍ଜିକରଣ ହୋଇଥାଏ। ଗତ ବର୍ଷ ଏହା ସାମାନ୍ୟ ବିଳମ୍ବ ହୋଇଥିଲା। ଚଳିତ ବର୍ଷ ସରକାରଙ୍କ ଖରିଫ୍ ଚାଷୀ ପଞ୍ଜିକରଣ ବିଷୟ ମନେ ଅଛି ନାଁ ନାହିଁ ବୋଲି ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ଏହା ସରକାରଙ୍କ ଅପାରଗତା ବୋଲି ସିଧାସଳଖ କହିବା ସହ ଚାଷୀଙ୍କ ସାଥିରେ ଖେଳିଲେ ପରିସ୍ଥିତି ଭୟଙ୍କର ହେବ ବୋଲି କହିଛନ୍ତି। ରାଜ୍ୟରେ ନଭେମ୍ବର ଓ ଡିସେମ୍ବର ମାସରୁ ଧାନକିଣା ଆରମ୍ଭ ହେଉଥିବା ବେଳେ ଜୁଲାଇ ୧୫ ତାରିଖରୁ ଅଗଷ୍ଟ ୧୫ ମଧ୍ୟରେ ଚାଷୀ ପଞ୍ଜିକରଣ ହୋଇଥାଏ। ଏହା ପରେ ଆର୍‌ଆଇ, କୃଷି ଅଧିକାରୀ ଓ ପ୍ୟାକ୍ସ ସମ୍ପାଦକଙ୍କ ଜରିଆରେ ଭେରିଫିକେସନ୍ ହୋଇଥାଏ। ଭେରିଫିକେସନ୍ ପରେ ସାଟେଲାଇଟ୍ ଭେରିଫିକେସନ୍, ଭାଗଚାଷୀ ଆବେଦନ ଯାଞ୍ଚ ଭଳି

- ଜୁଲାଇ ୧୫ରୁ ପଞ୍ଜୀକରଣ ଆରମ୍ଭ ହେଉଥିଲା
- ଏଯାଏଁ ପ୍ରକାଶିତ ହୋଇନି ବିଭାଗୀୟ ନିର୍ଦ୍ଦେଶ

ନାନାଦି କାର୍ଯ୍ୟ ପରେ ଟୋକନ୍ ଇସ୍ୟୁ କରାଯାଏ। ଏଥିପାଇଁ ପର୍ଯ୍ୟାପ୍ତ ସମୟର ମଧ୍ୟ ଆବଶ୍ୟକତା ରହିଛି। ସରକାର ଚଳିତ ବର୍ଷ ଚାଷୀ ପଞ୍ଜିକରଣ ପାଇଁ କୌଣସି ନିର୍ଦ୍ଦେଶ ପ୍ରକାଶ କରିନାହାନ୍ତି। ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ମାଷ୍ଟର ଟ୍ରେନର ତାଲିମ ପ୍ରକ୍ରିୟା, ଜିଲ୍ଲା ସ୍ତରରେ ପ୍ୟାକ୍ସ ଡିଇଓଙ୍କ ତାଲିମ ପ୍ରକ୍ରିୟା ପାଇଁ ମଧ୍ୟ ସମୟ ଆବଶ୍ୟକ। ସରକାର ଚିଠି ପ୍ରକାଶ ପାଇବା ପରେ ଅନୁନ୍ୟ ୧୫ ଦିନ ବ୍ୟବଧାନରେ ପଞ୍ଜିକରଣ କାର୍ଯ୍ୟ ଆରମ୍ଭ ହେବ। ଏଯାଏଁ ସରକାର ପଞ୍ଜିକରଣ ପାଇଁ କୌଣସି ନିର୍ଦ୍ଦେଶ ଜାରି କରିନଥିବାରୁ ଚାଷୀ, ସମବାୟ ବିଭ୍ ଓ ପ୍ୟାକ୍ସ କର୍ମଚାରୀମାନେ ଦ୍ୱନ୍ଦରେ ରହିଛନ୍ତି। ୨୦୨୫-୨୬ ମସିହାରେ ରାଜ୍ୟରେ ୧୮ ଲକ୍ଷ ୮୫ ହଜାର ଚାଷୀ ଧାନ ବିକ୍ରି କରିଥିଲେ। ରାଜ୍ୟ ସରକାର ଧାନ କିଣିବା ପାଇଁ ୪୮୬୯ ଟି ମଣ୍ଡି ବ୍ୟବସ୍ଥା କରିଥିଲେ। ସରକାର ୨୩, ୬୦୩ କୋଟି ଟଙ୍କା ଧାନକିଣା ବାବଦ ପ୍ରଦାନ କରିଥିବା ବେଳେ ୫୫୬୫ କୋଟି ଟଙ୍କା ଇନପୁଟ୍ ସବସିଡ୍ ପ୍ରଦାନ କରିଥିଲେ। ରାଜ୍ୟ ସରକାର ଇନପୁଟ୍ ସବସିଡ୍‌କୁ ନେଇ ବ୍ୟାପକ ଚିନ୍ତାରେ ରହିଥିବାରୁ ଚଳିତ ବର୍ଷ ପଞ୍ଜିକରଣରେ ବିଳମ୍ବତା ଘଟୁଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ କୌଣସି ଉପାୟ ଅବଲମ୍ବନ କରି ଚାଷୀ ପଞ୍ଜିକରଣ କମ କରିବା ତଥା ଧାନକିଣା କମ କରିବା ଯୋଜନାରେ ରହିଥାଇ ପାରନ୍ତି ବୋଲି ମତ ପ୍ରକାଶ ପାଇଛି।

■ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ

## ମନ୍ତ୍ରୀମାନଙ୍କୁ ଜିଲ୍ଲା ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବନ୍ୟା ପରିସ୍ଥିତିର ପରିଚାଳନା ପାଇଁ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ଆକାଶ ମାର୍ଗରୁ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପରେ ମୁଖ୍ୟମନ୍ତ୍ରୀ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କେନ୍ଦ୍ରାପଡ଼ା ଓ ଜଗତସିଂହପୁର, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପୁରୀ ଜିଲ୍ଲା ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି। ଏହାସହିତ ଅନ୍ୟମନ୍ତ୍ରୀମାନେ ପ୍ରଭାରୀ ମନ୍ତ୍ରୀ ଭାବେ ନିଜ ନିଜ ଜିଲ୍ଲା ଗସ୍ତ କରି ସେଠାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବେ ବୋଲି କୁହାଯାଇଛି।

## ବିଦ୍ୟାଳୟରେ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ରାଇକିଆ,୧।୮ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ବଡ଼ବାରାବା ପଞ୍ଚାୟତର ପିର୍ତିଗୁଡା ପ୍ରାଥମିକ ବିଦ୍ୟାଳୟର ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କର ଗତ ୨୮ ତାରିଖ ଦିନ ମୃତ୍ୟୁ ଘଟିଥିଲା। ତେବେ ଛାତ୍ରୀଙ୍କ ମୃତ୍ୟୁ କେଉଁ କାରଣ ଯୋଗୁଁ ଘଟିଲା ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟାଳୟକୁ ଭୟରେ ଛାତ୍ରୀଛାତ୍ର ଯାଉ ନଥିବା ଜଣା ପଡ଼ିଛି। ଛାତ୍ରଛାତ୍ରୀ ଆସୁନଥିବା ଖବର ପାଇ ରାଇକିଆ ଏବିଇଓ ବିନ୍ଦୁ ନାୟକ ବିଦ୍ୟାଳୟକୁ ଯାଇ ପ୍ରାଥମିକ ତଦନ୍ତ କରିଥିବା ବେଳେ ଛାତ୍ରୀ ଜଣକ ହଠାତ୍ ବିଦ୍ୟାଳୟରେ ଅସୁସ୍ଥ ହୋଇପଡ଼ିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଗଞ୍ଜାମ ଜିଲ୍ଲା ସୋରଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା ବେଳେ ସେଠାରେ

**ବିଦ୍ୟାଳୟ ଆସୁନାହାନ୍ତି ଛାତ୍ରୀଛାତ୍ର**

ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସେଠାରୁ ମୃତଦେହ ଆଣି ପରିବାର ଲୋକେ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ। ଏହା ପରଠାରୁ ଭୟରେ ଛାତ୍ରୀଛାତ୍ର ଦୁଇ ଦିନ ଯାଇ ନଥିଲେ। ୩୧ ତାରିଖ ଦିନ ଏବିଇଓ ଗାଁକୁ ଯାଇ ଅଭିଭାବକ, ଛାତ୍ରଛାତ୍ରୀ, ବିଦ୍ୟାଳୟ କମିଟି ସହିତ ଆଲୋଚନା କରି ବୁଝାଇବା ପରେ କିଛି ଛାତ୍ରଛାତ୍ରୀ ବିଦ୍ୟାଳୟ ଯାଇଥିବା ଏବିଇଓ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଛାତ୍ରୀ ମୃତ୍ୟୁକୁ ନେଇ ପରିବାର ପକ୍ଷରୁ ରାଇକିଆ ବିଇଓଙ୍କ କାର୍ଯ୍ୟାଳୟରେ କୌଣସି ଲିଖିତ ଅଭିଯୋଗ ହୋଇ ନଥିବା ବେଳେ ଏବଂ ଥାନାରେ ମଧ୍ୟ କୌଣସି ପ୍ରକାର ଅଭିଯୋଗ ହୋଇନଥିବା କହିଛନ୍ତି ଥାନା ଅଧିକାରୀ ଏ ସ୍ୱର୍ଣ୍ଣ ଲତା ପାତ୍ର।

## ଏସ୍‌ଆଇଆର୍ -୨୦୨୬: ଦାବି ଓ ଆପତ୍ତି ଦାଖଲ ଅବଧି ୧୯ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୧।୮ (ସମିସ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଆଜି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍ ରେ ପ୍ରକାଶ ପାଇଛି। ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ରାଜ୍ୟରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୂକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର୍. ଏସ୍. ଗୋପାଳନଙ୍କ ଅନୁରୋଧ କ୍ରମେ, Registration of Electors Rules, 1960ର Rule 12 ଅନୁଯାୟୀ ଭାରତ ନିର୍ବାଚନ ଆୟୋଗ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖକୁ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଏହି ବର୍ଦ୍ଧିତ ସମୟସୀମାର ସୁଯୋଗ ନେଇ ନିଜ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା କିମ୍ବା ଆବଶ୍ୟକ ସଂଶୋଧନ କରାଇବା ପାଇଁ ଆହ୍ୱାନ ଜଣାଇଛନ୍ତି।

## ହଁସୁଆରେ ନିଖୋଜ ଦୁଇ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଏରସମା,୧।୮ (ସମିସ): ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତର ହଁସୁଆ ନଦୀରେ ଗାଧୋଇବା ବେଳେ ନିଖୋଜ ହୋଇଥିବା ଦୁଇ ଛାତ୍ରଙ୍କୁ ଶନିବାର ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଦୀର୍ଘ ସମୟ ଧରି ଚାଲିଥିବା ସର୍ଚ୍ଚ ଅପରେସନ ପରେ ଉଭୟଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଥିଲା। ସୂଚନା ଅନୁଯାୟୀ, ଶୁକ୍ରବାର ଆମ୍ବିକି ଗ୍ରାମର ୫ ଜଣ ପିଲା ହଁସୁଆ ନଦୀର ଦହିବର-ଆମ୍ବିକି ପୋଲ ନିକଟକୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ଦଶମ ଶ୍ରେଣୀ ଛାତ୍ର ଅକ୍ଷୟ କାଣ୍ଡିଙ୍କ ପୁଅ ବୁଟୁ କାଣ୍ଡି (୧୪) ଓ ବି-ଟେକ୍ ଛାତ୍ର ବିଧାନ କାଣ୍ଡିଙ୍କ ପୁଅ କାହ୍ନା କାଣ୍ଡି (୧୯) ପ୍ରବଳ ସୁଅରେ ଭାସି ନିଖୋଜ ହୋଇଯାଇଥିଲେ। ଘଟଣା ପରେ ଅଗ୍ନିଶମ ବିଭାଗ, ସ୍ଥାନୀୟ ପ୍ରଶାସନ ଏବଂ ଗ୍ରାମବାସୀଙ୍କ ସହଯୋଗରେ ବ୍ୟାପକ ଖୋଜାଖୋଜି କରାଯାଇଥିଲା। ଅଗ୍ନିଶମ ବିଭାଗ ଆଜି ଉଭୟଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରିଛି। ମୃତଦେହ ଉଦ୍ଧାର ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ପୁଲିସ ମୃତଦେହକୁ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ଆସନ୍ତାକାଲି ପଠାଯିବ ବୋଲି ଏରସମା ପୁଲିସ ସୂଚନା ଦେଇଛି।

## ଆସନ୍ତା ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧।୮ (ସମିସ): ଆସନ୍ତା ସୋମବାର ଅଗଷ୍ଟ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ଜନ ଅଭିଯୋଗ ଶୁଣାଣି ହେବ ନାହିଁ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଜେଏନ୍‌ୟୁରେ 'ଆଦିକବି ସାରଳାଦାସ ଚେୟାର' ଦିଶାହୀନ

ଭୁବନେଶ୍ୱର,୧।୮ (ସମିସ): ଦେଶର ଅନ୍ୟତମ ପ୍ରତିଷ୍ଠିତ ଉଚ୍ଚଶିକ୍ଷାନୁଷ୍ଠାନ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ଗବେଷଣାକୁ ଜାତୀୟ ସ୍ତରରେ ସୁଦୃଢ଼ କରିବା ପାଇଁ 'ଆଦିକବି ସାରଳା ଦାସ ଚେୟାର୍ ଅଫ୍ ଓଡ଼ିଆ ଷ୍ଟଡିଜ୍' ସ୍ଥାପନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଆର୍ଥିକ ସହଯୋଗରେ ୨୦୧୬ରେ ଏହି ଚେୟାରକୁ ଅନୁମୋଦନ ମିଳିଥିବା ବେଳେ ୨୦୧୭ ଡିସେମ୍ବରରୁ କାର୍ଯ୍ୟକ୍ଷମ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଲୋକପରମ୍ପରା ଓ ଐତିହ୍ୟ ଉପରେ ଉଚ୍ଚସ୍ତରୀୟ ଗବେଷଣାକୁ ପ୍ରୋତ୍ସାହନ ଦେବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ମାତ୍ର ଆର୍ଥିକ ପ୍ରୋତ୍ସାହନ ଅଭାବ ଏବଂ ପ୍ରାଧ୍ୟାପକ ନଥିବାରୁ ଏହା ଏବେ ଲକ୍ଷ୍ୟଭ୍ରଷ୍ଟ ହେବା ସ୍ତରରେ ଉପନୀତ ହୋଇଛି।

ତତ୍କାଳୀନ ସରକାର ଏହି ଚେୟାର ପାଇଁ ୪ କୋଟି ୪୪ ଲକ୍ଷ ଟଙ୍କା ଅନୁଦାନରେ ଏକ କର୍ପସ ପାଣ୍ଠି ଗଠନ କରିଥିଲେ। ଏଥିରୁ ମିଳୁଥିବା ସୁଧରେ ଚେୟାର କାର୍ଯ୍ୟକ୍ଷମ ହେଉଥିଲା। ସମ୍ପ୍ରତି ସୁଧହାର କମିଥିବାବେଳେ ଦରମା ବୃଦ୍ଧି କାରଣରୁ ଅନୁଦାନ ନିଅଣ୍ଟ ହୋଇଛି। ଅପରପକ୍ଷରେ ବିଭିନ୍ନ ଭାଷା ପାଇଁ ଅନ୍ୟ ରାଜ୍ୟର ସରକାରମାନେ ଅଧିକ ଅନୁଦାନ ଦେଇଛନ୍ତି। କନ୍ନଡ ଚେୟାର, ମହାରାଷ୍ଟ୍ରର ୨ଟି

- ପ୍ରାଧ୍ୟାପକ ନ ଥିବାରୁ ୭ ମାସ ହେଲା କାର୍ଯ୍ୟକ୍ଷମ ହେଉନି
- ୫ କୋଟି ୫୬ ଲକ୍ଷ ଅନୁଦାନ ପାଇଁ କୁଳପତିଙ୍କ ଅନୁରୋଧ
- ଅନ୍ଧାରରେ ସ୍ୱତନ୍ତ୍ର ଓଡ଼ିଆ ବିଭାଗ ଖୋଲିବା ଏମ୍‌ଓୟୁର ଭାଗ୍ୟ

ଚେୟାର, ଅସାମୀୟାର ଶଙ୍କରଦେବ ଚେୟାର ପାଇଁ ସେହି ରାଜ୍ୟର ସରକାର ପ୍ରାୟ ୧୦ରୁ ୧୫ କୋଟି ଲେଖାଏଁ ଅନୁଦାନ ଦେଇଛନ୍ତି। ଏଣୁ ସାରଳା ଦାସ ଚେୟାର୍‌କୁ ସୁପରିଚାଳନା କରିବା ପାଇଁ ଆଉ ୫ କୋଟି ୫୬ ଲକ୍ଷ ଟଙ୍କାର କର୍ପସ ଫଣ୍ଡ ପ୍ରଦାନ କରିବାକୁ ଜେଏନ୍‌ୟୁ କୁଳପତି ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ମାତ୍ର ଏବେଯାଏଁ ଓଡ଼ିଶା ସରକାର ଏହାକୁ ଅନୁଦାନ ଦେବା ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ଚେୟାର କାର୍ଯ୍ୟକ୍ଷମ ହୋଇପାରିନାହିଁ।

ଅପରପକ୍ଷରେ ଏହି ଚେୟାର ଏବେ ମୁରବୀଶୂନ୍ୟ ହୋଇପଡ଼ିଛି। ପ୍ରାଧ୍ୟାପକ ଭାବେ ଡ. ଉଦୟନାଥ ସାହୁ ଡିସେମ୍ବର ୨୦୨୫ରେ ଅବସର ନେଇ ସାରିଥିବାବେଳେ ଦୀର୍ଘ ୭ ମାସ ହେବ ନୂତନ ନିଯୁକ୍ତି ହୋଇନାହିଁ। ପ୍ରାଧ୍ୟାପକ ପଦ ଖାଲି ପଡ଼ିଥିବାବେଳେ ମଞ୍ଜୁରୀପ୍ରାପ୍ତ ଜଣେ ସହକାରୀ ପ୍ରାଧ୍ୟାପକ, ଜଣେ କମ୍ପ୍ୟୁଟର ସହାୟକ ଓ ଜଣେ ଅଫିସ୍ ସହାୟକଙ୍କୁ ମଧ୍ୟ କାର୍ଯ୍ୟାନ୍ତର କରାଯାଇଛି। ଫଳରେ ଅନୁଦାନ ଅଭାବ ଓ ପ୍ରାଧ୍ୟାପକ ନଥିବାରୁ ସାରଳା ଦାସ ଚେୟାରେ ଏବେ ସମ୍ପୂର୍ଣ୍ଣ ଅକାମୀ ହୋଇପଡ଼ିଛି।

ଅନୁରୂପ ଭାବେ ଜେଏନ୍‌ୟୁରେ ଓଡ଼ିଆ ଭାଷାର ଏକ ସ୍ପେଶାଲ୍ ସେଣ୍ଟର ବା ସ୍ୱତନ୍ତ୍ର ଓଡ଼ିଆ ବିଭାଗ ଖୋଲିବା ପାଇଁ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ହୋଇଥିଲା। ୨୦୨୪ରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସମୟରେ ଏମ୍‌ଓୟୁ ହୋଇଥିଲେ ମଧ୍ୟ ରାଜ୍ୟରେ ନୂତନ ସରକାର ଆସିବା ପରେ ଏହାକୁ ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଦେଇ ନାହାନ୍ତି। ଫଳରେ ଦିଲ୍ଲୀରେ ଓଡ଼ିଆ ଭାଷା ପଢ଼ିବା ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ ଆଜି ମଧ୍ୟ ସ୍ୱପ୍ନ ହୋଇ ରହିଛି। ଦେଶ ଓ ବିଶ୍ୱରେ ଓଡ଼ିଆ ଭାଷାର ଲୋକପ୍ରିୟତା ପାଇଁ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସରକାର ତୁରନ୍ତ ଏହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଅନ୍ତୁ। ଆର୍ଥିକ ଅନୁଦାନ ସହିତ ପ୍ରୋତ୍ସାହନ, ଉଦ୍ୟମ ଓ ସହଯୋଗ ବିନା ଓଡ଼ିଆ ଭାଷା ପରିଚିତି ଲାଭ କରି ପାରିବ ନାହିଁ ବୋଲି ଶିକ୍ଷାବିତ ଓ ଭାଷାପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି।

ବ୍ୟାଙ୍କ କର୍ମଚାରୀଙ୍କ କଳାକାରନାମା

# ଡିଜିଟାଲ ବ୍ୟାଙ୍କିଂ ଜରିଆରେ ୮୩.୯୯ ଲକ୍ଷ ଲୁଟ୍

ଅନୁଗୋଳ,୧।୮ (ସମିସ): ଆଇସିଆଇସିଆଇ ବ୍ୟାଙ୍କ କର୍ମଚାରୀ ତଞ୍ଚକତା କରି ଗ୍ରାହକଙ୍କ ଖାତାରୁ ୮୩.୯୯ ଲକ୍ଷ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଅନୁଗୋଳ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଇସିଆଇସିଆଇ ବ୍ୟାଙ୍କର ତାଳଚେର ଶାଖା ରିଲେସନସିପ୍ ମ୍ୟାନେଜର ଅଭିମନ୍ୟୁ ସାହୁ (୨୯)। ତାଙ୍କ ଘର ଅନୁଗୋଳ ଜିଲ୍ଲା ଖମାର ଥାନା ଅନ୍ତର୍ଗତ ଛାଞ୍ଚୁନିଆ ଗ୍ରାମରେ। ପୁଲିସ ତାଙ୍କଠାରୁ ତିନିଟି ମୋବାଇଲ୍ ଫୋନ୍, ଗୋଟିଏ ଆ ଇ ସି ଆ ଇ ସି ଆ ଇ ବ୍ୟାଙ୍କ ପାସବୁକ୍, ଗୋଟିଏ ପାନ କାର୍ଡ, ଗୋଟିଏ ଭୋଟର ପରିଚୟ ପତ୍ର, ଗୋଟିଏ ଆଧାର କାର୍ଡ, ଗୋଟିଏ ଡ୍ରାଇଭିଂ ଲାଇସେନ୍ସ, ଏଟିଏମ୍ କାର୍ଡ ଜବତ କରିଛି।



ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଅନୁଯାୟୀ, ଅଭିମନ୍ୟୁ ଗ୍ରାହକଙ୍କ ପଞ୍ଜିକୃତ ମୋବାଇଲ୍ ନମ୍ବରଗୁଡ଼ିକୁ ହେରଫେର କରିଥିଲେ ଏବଂ ସେମାନଙ୍କ ଅଜାଣତରେ ଡିଜିଟାଲ୍ ବ୍ୟାଙ୍କିଂ ସୁବିଧା ସକ୍ରିୟ

## ଅଭିଯୁକ୍ତ ଗିରଫ

କରିଥିଲେ। ସେମାନଙ୍କ ସଞ୍ଚୟ ଆକାଉଣ୍ଟରୁ ପାଣ୍ଠି ସ୍ଥାନାନ୍ତର କରିଥିଲେ ଏବଂ ଅନଧିକୃତ ବ୍ୟକ୍ତିଗତ ଋଣ ମଧ୍ୟ ନେଇଥିଲେ। ଫଳରେ ବ୍ୟାଙ୍କର ୮୩,୯୯,୨୦୧ ଟଙ୍କା କ୍ଷତି ହୋଇଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ ଅଭିମନ୍ୟୁ ମହେଶ୍ୱର ଶୁଣ୍ଠି ଏବଂ ଜାମ୍ବି ଶୁଣ୍ଠି ନାମକ ଦୁଇ ଗ୍ରାହକଙ୍କ ପଞ୍ଜିକୃତ ମୋବାଇଲ୍ ନମ୍ବରକୁ ନିଜ ନିୟନ୍ତ୍ରଣରେ ଥିବା ମୋବାଇଲ୍ ନମ୍ବରରେ ପରିବର୍ତ୍ତନ କରି ତାଙ୍କ ସରକାରୀ ପଦବୀର ଅପବ୍ୟବହାର କରିଥିଲେ। ପରେ ଜାଲିଆତି କରି ସେମାନଙ୍କ ଡିଜିଟାଲ୍ ବ୍ୟାଙ୍କିଂ ଆକାଉଣ୍ଟ ପରିଚାଳନା ଏପରି ଠକେଇ କରିଥିଲେ। ୨୦୨୪ ମାର୍ଚ୍ଚରୁ ୨୦୨୫ ଅକ୍ଟୋବର ମଧ୍ୟରେ ଅନଧିକୃତ କାରବାର ମାଧ୍ୟମରେ ଟଙ୍କା ହଡ଼ପ କରିଥିଲେ। ଏ ନେଇ ଅଭିଯୋଗ ପରେ ପୁଲିସ ତାଙ୍କୁ ଗିରଫ କରିଛି।

# ଘରବାରି ଜମିକୁ ନେଇ ଜରଡ଼ାରେ ବିବାଦ



କଣିହାଁ,୧।୮ (ସମିସ): କଣିହାଁ ଖୋଲାମୁହଁ କୋଇଲା ଖଣି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହୋଇଥିବା ଜରଡ଼ା ଗ୍ରାମର ଘରବାରି ଜମି ଚିହ୍ନଟକୁ ନେଇ ହରିଜନ ସାହି ଓ ଗୋଛାୟତ ସାହି ମଧ୍ୟରେ ବିବାଦ ଦେଖାଦେଇଛି। ଏ ନେଇ ଗୋଛାୟତ ସାହି ବାସିନ୍ଦା ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିବା ସହ ନିଜ ପକ୍ଷ ଉପସ୍ଥାପନ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, କୋଇଲା ଖଣି ପାଇଁ ଜରଡ଼ା ଗ୍ରାମ ୧୯୯୫ ଓ ୨୦୦୬ରେ ଦୁଇ ପର୍ଯ୍ୟାୟରେ ଅଧିଗ୍ରହଣ କରାଯାଇଥିଲା। ୧୯୮୯ ଥଇଥାନ ଓ ନିଯୁକ୍ତି ନୀତି ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୬୪୦ ପରିବାର ଚିହ୍ନଟ ହୋଇଥିଲେ। ସେଥିମଧ୍ୟରୁ ୪୫୩ ପରିବାରକୁ ୧୦ ଡିସିମିଲ ଲେଖାଏଁ ଘରବାରି ଜମି ପ୍ରଦାନ ପାଇଁ ପଥରମୁଣ୍ଡାରେ ଜମି ଚିହ୍ନଟ କରାଯାଇଥିଲା। ପର୍ଯ୍ୟାୟକ୍ରମେ ଏହାକୁ ବଣ୍ଟନ କରାଯାଉଛି। ଅନ୍ୟପଟେ ୧୮୭ ଜଣଙ୍କୁ ଘରବାରି ଜମି ବଦଳରେ ଅର୍ଥ ପ୍ରଦାନ ପାଇଁ ରାଜ୍ୟ ସରକାର ଓ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ଅନୁମୋଦନ ମିଳିଥିଲା। ସେଥିମଧ୍ୟରୁ ୧୪୯ ଜଣ ଅର୍ଥ ପାଇଥିବା ବେଳେ ଅବଶିଷ୍ଟ ୩୮ ଜଣଙ୍କ ମଧ୍ୟରୁ ୩୬ ଜଣ ଅର୍ଥ ଫେରସ୍ତ କରି ପୂର୍ବରୁ ଚିହ୍ନଟ ହୋଇଥିବା ସ୍ଥାନରେ ଘରବାରି ଜମି ଦେବାକୁ ଦାବି କରୁଛନ୍ତି।

ଖଣି କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଘରବାରି ପାଇଁ ପ୍ରଦାନ

- ହରିଜନ ସାହି-ଗୋଛାୟତ ସାହି ମଧ୍ୟରେ ମତଭେଦ
- ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ମନ୍ତବ୍ୟ ଅଭିଯୋଗ

କରାଯାଇଥିବା ପ୍ଲଟ୍‌ରେ ଘର ନିର୍ମାଣ ନ କରି, ହରିଜନ ସାହିର ୧୨ ଜଣ ବ୍ୟକ୍ତି ଗ୍ରାମର ଉନ୍ନୟନ କାର୍ଯ୍ୟ ପାଇଁ ସଂରକ୍ଷିତ ଜମିରେ ଘର ନିର୍ମାଣ ଆରମ୍ଭ କରିଛନ୍ତି। ଏହାକୁ ନେଇ ଖଣି କର୍ତ୍ତୃପକ୍ଷ ସମ୍ପୃକ୍ତ ୧୨ ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପରେ ସାମାଜିକ ଗଣମାଧ୍ୟମରେ ହାଡ଼ି ସମ୍ପ୍ରଦାୟକୁ ନେଇ ଆପତ୍ତିଜନକ ମନ୍ତବ୍ୟ ପ୍ରଚାର ହୋଇଥିବା ଅଭିଯୋଗ କରି ଗୋଛାୟତ ସାହି ବାସିନ୍ଦା ପ୍ରତିବାଦ ଜଣାଇଛନ୍ତି। ହାତଲେଖା ତାଲିକାରେ ଉଲ୍ଲେଖ ଥିବା ବ୍ୟକ୍ତିମାନେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ଯେ କୌଣସି ସମ୍ପ୍ରଦାୟ ବିରୋଧରେ ଅପମାନଜନକ ମନ୍ତବ୍ୟ କିମ୍ବା ଅପପ୍ରଚାରକୁ ସେମାନେ ସମର୍ଥନ କରୁନାହାନ୍ତି। ସାମାଜିକ ସମ୍ପ୍ରୀତି ବଜାୟ ରଖିବା ସହ ଘରବାରି ଜମି ସମ୍ପର୍କିତ ସମସ୍ତ ସମସ୍ୟା ସମାଧାନ ଆଇନ ଓ ପୁନର୍ବାସ ନୀତି ଅନୁଯାୟୀ କରାଯିବାକୁ ସେମାନେ ଦାବି କରିଛନ୍ତି। ଗ୍ରାମବାସୀଙ୍କ ମତରେ, ଘରବାରି ଜମି ବଣ୍ଟନକୁ ନେଇ ଚାଲିଥିବା ବିବାଦର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ, ଏମ୍‌ସିଏଲ୍ ଓ ଖଣି କର୍ତ୍ତୃପକ୍ଷ ହସ୍ତକ୍ଷେପ କରିବା ଆବଶ୍ୟକ। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଅଧିକାରୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମିଳିପାରି ନାହିଁ। କାର୍ଯ୍ୟକ୍ରମରେ ଗୋଛାୟତ ସାହିର କନ୍ଦର୍ପ ଗୋଛାୟତ, ବୈରାଗୀ ଗୋଛାୟତ, କବି ଗୋଛାୟତ, ପ୍ରତାପ ଗୋଛାୟତ, ଦୀପକ ଗୋଛାୟତ, ସାହେବ ଗୋଛାୟତ ପ୍ରମୁଖ ପ୍ରତିବାଦ ଜଣାଇଥିଲେ।

# ବିଜ୍ଞାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଛେଣ୍ଡିପଦା,୧।୮ (ସମିସ): ଛେଣ୍ଡିପଦା ବ୍ଲକ ତୁକୁଡ଼ା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କୁ ପୁରାତନ ଛାତ୍ରସଂସଦ ତଥା ଶିକ୍ଷକ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଛାତ୍ର ସଂସଦ ସଭାପତି ଅପିନ୍ଦ୍ର ଦେହୁରୀ ପୌରୋହିତ୍ୟ କରିଥିଲେ। ବିଦାୟୀ ଶିକ୍ଷକ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ରାମଶଙ୍କର ସାହୁ, ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ହିନ୍ଦୀ ଶିକ୍ଷକ ରମାକାନ୍ତ ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଦାନନ୍ଦ ମୁଦୁଲି, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ସଂସଦ ସଭ୍ୟ ନାରାୟଣ ନାଏକ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ପଦ୍ମଲୋଚନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ବିଦାୟୀ ସଙ୍ଗୀତ ପରିବେଷଣ କରିଥିଲେ। ପୁରାତନ ଛାତ୍ର ସଂସଦ ସଭ୍ୟ ସନ୍ତୋଷ କୁମାର ସାହୁ, ବାସୁଦେବ ଗଡ଼ନାୟକ, ରିଙ୍କୁ ପ୍ରଧାନ, ବାବୁଲା ସାହୁ, ପ୍ରିୟବ୍ରତ ସାହୁ, ସଞ୍ଜୟ କୁମାର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦାୟୀ ଶିକ୍ଷକଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶିକ୍ଷକଙ୍କୁ ପୁରାତନ ଛାତ୍ର ସଂସଦ ସଭ୍ୟମାନେ ତାଙ୍କ କୁମଣ୍ଡସ୍ଥିତ ବାସଭବନ ପର୍ଯ୍ୟନ୍ତ ନେଇଥିଲେ।

# ବାବା ବଳିଆଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ



ବିକ୍ରମପୁର,୧।୮ (ସମିସ): ପଦ୍ମଶ୍ରୀ ବାବା ବଳିଆ ତାଳଚେର ଗସ୍ତରେ ଆସି ୩ ଦିନ ଧରି ଏକ ଭବ୍ୟ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ତାଙ୍କ ଉପଦେଶ ଓ ଆଧ୍ୟାତ୍ମିକ ବାର୍ତ୍ତା ଶୁଣି ଭକ୍ତମାନେ ଆତ୍ମିକ ଶାନ୍ତି ଓ ପ୍ରେରଣା ଲାଭ କରିଥିଲେ। ବାବା ସନାତନ ଧର୍ମର ପ୍ରକୃତ ଅର୍ଥ ଏବଂ ହିନ୍ଦୁ ସଂସ୍କୃତିରେ ସନାତନୀ ଜୀବନଶୈଳୀର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବପିଢ଼ିଙ୍କୁ ସମ୍ବୋଧିତ କରି ସେ ତମାଖୁ, ଗୁଟଖା, ଧୂମପାନ ଏବଂ ମଦ୍ୟପାନ ପରି ନିଶାଦ୍ରବ୍ୟରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ଗୀତା ମାନବ ଜୀବନର ସର୍ବଶ୍ରେଷ୍ଠ ପଥପ୍ରଦର୍ଶକ ବୋଲି କହିଥିଲେ। ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଚାରାରୋପଣର ଆବଶ୍ୟକତା ଉପରେ ଜୋର ଦେଇଥିଲେ। କାର୍ଯ୍ୟକ୍ରମରେ ତାଳଚେର ଓ ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଯୋଗଦେଇଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କିଶୋରନଗର,୧।୮ (ସମିସ): କିଶୋରନଗର ବ୍ଲକ ଝାମ୍ପୁଲ୍ଲୀ ଅଙ୍ଗନବାଡ଼ି କର୍ମୀ ତରଙ୍ଗିଣୀ ଦାଶଙ୍କୁ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହିଳା ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ସଭାଗୃହରେ ସିଡିପିଓ ଭାଗ୍ୟଲତା ସେଠୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଙ୍ଗନବାଡ଼ି



କର୍ମୀ ଦାଶ ନିଜ ଚାକିରି ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ସିଡିପିଓ ସେଠୀ ତାଙ୍କ ଅବସର ପରବର୍ତ୍ତୀ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମରେ କମ୍ପ୍ୟୁଟର ପୋଗ୍ରାମର ତଥା ଭାରପ୍ରାପ୍ତ ସୁପରଭାଇଜର ସଞ୍ଜୀବ ସାହୁ, ରାଜେଶ୍ୱରୀ ଦେହୁରୀ, ରାଜେଶ ଦେହୁରିଆ, ଋଷଭ କୁମାର ସାହୁ, ଅସ୍ମିତା ସାହୁଙ୍କ ସମେତ ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

# ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନର ପ୍ରସ୍ତୁତି ବୈଠକ



ତାଳଚେର,୧।୮ (ସମିସ): ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ ପକ୍ଷରୁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଉପେନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ ଗୁରୁପୂଜନ ଓ ପ୍ରତିଭା ସମ୍ମାନ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବବର୍ଷଗୁଡ଼ିକ ପରି ଚଳିତ ବର୍ଷ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି ସମ୍ବର୍ଦ୍ଧନା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ମାଟ୍ରିକ ଓ ଉଚ୍ଚଶିକ୍ଷାରେ ଅଧିକ ନମ୍ବର ରଖି ପାସ କରିଥିବା ଛାତ୍ରଛାତ୍ରୀ ଏବଂ ବିଭିନ୍ନ ପ୍ରତିଭା ସମ୍ପନ୍ନ ଛାତ୍ରଛାତ୍ରୀ ଓ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଅନୁଷ୍ଠାନ ସାଧାରଣ ସମ୍ପାଦକ ଇଂ ରମେଶ ଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ସଞ୍ଜୟ ସାହୁ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ପୁରାତନ ସଦସ୍ୟ ମୁରଲୀଧର ସାହୁ ଆଗାମୀ କାର୍ଯ୍ୟକ୍ରମ ପାଇଁ ଉପାଦେୟ ପ୍ରସ୍ତାବ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ସରୋଜ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ତାଳଚେର,୧।୮ (ସମିସ): ଶୁକ୍ରବାର ପୂର୍ବାହ୍ନ ୯ଟାରେ ହାଟତେଟାସ୍ଥିତ ଯୁବରାଜ ହାଇସ୍କୁଲରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବିଡିଓ ସୁଶାନ୍ତ ବରାଳ, ଏଇଇ ସୁବାସ ଚନ୍ଦ୍ର ରଥ, ଜିପିଡିଓ ଶ୍ରୀଧର ସାହୁ ଉପସ୍ଥିତ ଥିଲେ। ସମୁଦାୟ ୩ଶହ ୭୧ ବ୍ୟକ୍ତିଙ୍କ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୭୪ ଶାରୀରିକ, ୪୧ ଦୃଷ୍ଟିଶକ୍ତି ବାଧିତ, ୨୭ ଶିଶୁବିଭାଗ, ୨୨ ଭେଷଜ ବିଭାଗ, ୪୩ ଏମଆଇ ଓ ୪୧ ଜଣ କର୍ଣ୍ଣ, ନାସା ବିଭାଗରେ ପଞ୍ଜୀକରଣ କରିଥିଲେ। ଅନ୍ୟାନ୍ୟ ସରକାରୀ ସହାୟତା ପାଇଁ ମଧ୍ୟ ପଞ୍ଜୀକରଣ କରିଥିଲେ। ଶିବିରରେ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଏ ସାଇକଲ ଏବଂ ଜଣକୁ ହୁଇଲ ଚେୟାର୍ ପ୍ରଦାନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପପୁ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଙ୍ଗୀତା ସାମଲ, ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଏଡିଓ, ସରପଞ୍ଚ ଏବଂ ସମିତିସଭ୍ୟମାନେ ସହଯୋଗ କରିଥିଲେ।



# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶୋରନଗର,୧।୮ (ସମିସ): ଆଠମଲ୍ଲିକ ଉପଖଣ୍ଡ କୃତିବାସପୁର ସର୍କଲର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶମ୍ଭେଶ୍ୱର ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାହୁ ୨୦୧୨ ଜୁନ ୨୦ରେ ଏହି ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଯୋଗଦେଇଥିଲେ। ଦୀର୍ଘ ୧୫ ବର୍ଷ ଧରି ସେ ନିଷ୍ଠାର ସହ ଶିକ୍ଷାଦାନ କରିବା ସହିତ ବିଦ୍ୟାଳୟର ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ କୁମାର ସାହୁ, ସର୍ବଶିକ୍ଷା ଅଭିଯାନ ସଭାପତି ପ୍ରକାଶ ଚନ୍ଦ୍ର ପ୍ରଧାନ, ଶାସ୍ତ୍ରୀଜୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ରଞ୍ଜନ ପ୍ରଧାନ, ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ସିଂ, ଶିକ୍ଷୟିତ୍ରୀ ସଞ୍ଜୁକ୍ତା ପ୍ରଧାନ, ଜିନାରାଣୀ ସାହୁ, ସିଆରସିସି ପ୍ରଶାନ୍ତ ପଧାନ, ୱାର୍ଡମେମ୍ବର ପବିତ୍ର ବେହେରା, କର୍ମଚାରୀ, ଗ୍ରାମର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ସାହୁଙ୍କ କର୍ମମୟ ଜୀବନର ପ୍ରଶଂସା କରିଥିଲେ। ତାଙ୍କ ସୁସ୍ୱାସ୍ଥ୍ୟ, ସୁଖମୟ ଓ ଦୀର୍ଘ ଜୀବନ କାମନା କରିଥିଲେ। ଶେଷରେ ସମସ୍ତେ ତାଙ୍କୁ ତେନ୍ତୁଳିପଥରସ୍ଥିତ ତାଙ୍କ ବାସଭବନରେ ଛାଡ଼ି ଆସିଥିଲେ।

# ଭାରତ ବିକାଶ ପରିଷଦ ଅନୁଗୋଳ ଶାଖା ପ୍ରତିଷ୍ଠା ଦିବସ

ଅନୁଗୋଳ,୧।୮ (ସମିସ): ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ଶିଶୁ ବିଦ୍ୟା ମନ୍ଦିର ଶାରଦା ମଣ୍ଡପରେ ଭାରତ ବିକାଶ ପରିଷଦ ଅନୁଗୋଳ ଶାଖାର ପଞ୍ଚମ ପ୍ରତିଷ୍ଠା ଦିବସ ଶାଖା ସଭାପତି ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଦୁର୍ଗାଶଙ୍କର ମିଶ୍ରଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ମୁଖ୍ୟଅତିଥି ରୂପେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ, ସମ୍ମାନିତ ଅତିଥି ରୂପେ ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତ ସଭାପତି ସତ୍ୟବାଦୀ ଦାଶ ତଥା ପରିଷଦର ପ୍ରାନ୍ତୀୟ ପର୍ଯ୍ୟାବରଣ ପ୍ରମୁଖ ବିଜୟ କୁମାର ମୋଦୀ ଯୋଗଦେଇ ଅନୁଷ୍ଠନର ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟ ତଥା




ସଂଗଠନର ସଶକ୍ତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପରିବେଶବିତ୍ ଅମୂଲ୍ୟ ଦାସ, ପୂର୍ବତନ ସୈନିକ ଭୀମସେନ ସାହୁ ତଥା ଓଡ଼ିଶା ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାର ଅଶୋକ କୁମାର ଦାସଙ୍କୁ ମାନପତ୍ର, ସ୍ମାରକ ତଥା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶାଖା ସମ୍ପାଦକ ପ୍ରମୋଦ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ତୃପ୍ତିମୟୀ ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଆଦୃତ ଅନୁଷ୍ଠାନର ଅନ୍ତେବାସୀ କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ପରିଷଦର ସଭ୍ୟ ଆଇନଜୀବୀ ପରମାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

- ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ

# ଖସଡ଼ା ଭୋଟର ତାଲିକା ପ୍ରକାଶ ପରବର୍ତ୍ତୀ ସମୀକ୍ଷା




ଅନୁଗୋଳ,୧।୮ (ସମିସ): ଅନୁଗୋଳ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ନିର୍ବାଚନୀ ତାଲିକା ପର୍ଯ୍ୟବେକ୍ଷକ ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ (ଏସ୍ଆଇଆର୍) ଭୋଟର ତାଲିକା ସଂଶୋଧନ ୨୦୨୬ର ଖସଡ଼ା ଭୋଟର ତାଲିକା ପ୍ରକାଶ ପରବର୍ତ୍ତୀ କାର୍ଯ୍ୟକଳାପର ଅଗ୍ରଗତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲା ନିର୍ବାଚନ ଅଧିକାରୀ, ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ମୁଖ୍ୟାଳୟ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାରେ ଚାଲିଥିବା ଏସ୍ଆଇଆର୍-୨୦୨୬ର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ଦାବି ଓ ଆପତ୍ତିର ନିଷ୍ପତ୍ତି, ଦସ୍ତାବିଜ ଯାଞ୍ଚ, ଶୁଣାଣି, ଫର୍ମ-୬, ୬(କ), ୭ ଓ ୮ର ନିଷ୍ପତ୍ତି, ଚୂଡ଼ାନ୍ତ ତାଲିକା ପର୍ଯ୍ୟାୟକୁ ଯୋଗ୍ୟ ଭୋଟରଙ୍କ ସ୍ଥାନାନ୍ତରଣ, ବୁଥ୍‌ସ୍ତରୀୟ ଅଧିକାରୀ, ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ କାର୍ଯ୍ୟକଳାପ ଏବଂ ଏସ୍‌ଭିଇଇପି କାର୍ଯ୍ୟକ୍ରମ ଆଦି ବିଷୟରେ ସମୀକ୍ଷା କରାଯାଇଥିଲା।

# କାର୍ଯ୍ୟକାରୀ ହେଲା ଏଆଇ ଆଧାରିତ ଇ-ଚାଲାଣ ସିଷ୍ଟମ୍

ଅନୁଗୋଳ,୧।୮ (ସମିସ): ଟ୍ରାଫିକ୍ ନିୟମ କଡ଼ାକଡ଼ି କରିବା ଏବଂ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଅନୁଗୋଳ ପୁଲିସ ପକ୍ଷରୁ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାରେ ଏଆଇ ଆଧାରିତ ଇ-ଚାଲାଣ ସିଷ୍ଟମ୍ ଶୁଭାରମ୍ଭ ହୋଇଛି। ମୋଟରଯାନ ଆଇନର ଧାରା ୧୯୪ (ସି) ଏବଂ ୧୯୪ (ଡି) ଅନୁଯାୟୀ ଏହି ବ୍ୟବସ୍ଥା ମାଧ୍ୟମରେ ଟ୍ରାଫିକ୍ ନିୟମ

## ପ୍ରଥମ ଦିନରେ ୧୦୦ରୁ ଅଧିକ ମାମଲା

ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।



ନୂତନ ପ୍ରଣାଳୀ କାର୍ଯ୍ୟକାରୀ ହେବାର ପ୍ରଥମ ଦିନରେ ହିଁ କ୍ୟାମେରା ଓ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ୧୦୦ରୁ ଅଧିକ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଚିହ୍ନଟ କରାଯାଇଛି ଏବଂ ଉଲ୍ଲଂଘନକାରୀମାନଙ୍କୁ ଇ-ଚାଲାଣ ପଠାଯାଇଛି। ବିଶେଷକରି ବିନା ହେଲମେଟ୍ ଏବଂ ଦୁଇଚକିଆ ଯାନରେ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନେ ଏହି ବ୍ୟବସ୍ଥାର ପରିସରଭୁକ୍ତ ହୋଇଛନ୍ତି। ରାସ୍ତାରେ ଯାତ୍ରା କରୁଥିବା ସମୟରେ ସମସ୍ତ ନାଗରିକ ଟ୍ରାଫିକ୍ ନିୟମ ପାଳନ କରିବା, ନିୟମିତ ହେଲମେଟ୍ ପିନ୍ଧିବା ଏବଂ ଦାୟିତ୍ୱର ସହ ଗାଡ଼ି ଚଳାଇବା ପାଇଁ ଅନୁଗୋଳ ପୁଲିସ ପକ୍ଷରୁ ସମସ୍ତଙ୍କୁ ଅପିଲ୍ କରାଯାଇଛି।

# ଜଳବନ୍ଦୀ ସମସ୍ୟା ପରେ ଡେଙ୍ଗୁ ମ୍ୟାଲେରିଆ ଆଶଙ୍କା



ଅନୁଗୋଳ,୧।୮ (ସମିସ): କିଛିଦିନ ଧରି ଲଗାଣ ବର୍ଷା ଛାଡ଼ିଯିବା ପରେ ଏବେ ଶୁଖିଲା ପାଗ ଯୋଗୁଁ ଅନୁଗୋଳ ସହରରେ ଡେଙ୍ଗୁ ଓ ମ୍ୟାଲେରିଆ ଆଶଙ୍କା ବୃଦ୍ଧି ପାଇଛି। ଗତ ବର୍ଷାରେ ସହରର ଅନେକ ବସ୍ତି ଓ ୱାର୍ଡ ପାଣି ଘେରରେ ଥିଲା। ପାଣି ମାହାର ବନ୍ଦ କରି ଘର କରିବାରୁ ଏଭଳି ଅବସ୍ଥା ଉପୁଜିଥିଲା। ଏବେ ଡେଙ୍ଗୁ ଓ ମ୍ୟାଲେରିଆରୁ ତ୍ରାହି ପାଇଁ ପୌରପାଳିକା ପଦକ୍ଷେପ ଆରମ୍ଭ କରିଛି। ସଫେଇ କର୍ମଚାରୀମାନେ ଗତ ୨୯ ତାରିଖରୁ ଡ୍ରେନ୍, ପାଣି ଜମିଥିବା ସ୍ଥାନରେ ମଶାତେଲ ଓ ସନ୍ଧ୍ୟାରେ ଟିଫା ମେସିନ ସାହାଯ୍ୟରେ ମଶାଧୂଆଁ ଛଡ଼ାଯାଉଛି। ବର୍ତ୍ତମାନ ସୁଦ୍ଧା ୧, ୧୬, ୧୭, ୭, ୨, ୧୯ ଓ ୨୦ ନମ୍ବର୍ ୱାର୍ଡରେ ମଶାତେଲ ସ୍ପ୍ରେ କରାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ୱାର୍ଡରେ ମଧ୍ୟ ମଶାତେଲ ପଡ଼ିବ ବୋଲି ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି।

ଜବରଦଖଲରେ ରେଙ୍ଗାଳି ଦକ୍ଷିଣ କେନାଲ, ହୁଡ଼ାରେ ମାଳମାଳ ଘର

# ସଙ୍କୁଚିତ ହେବାରେ ଲାଗିଛି କେନାଲ ରାସ୍ତା

ତାଳଚେର,୧।୮ (ସମିସ): କଂଗ୍ରେସ୍ ସରକାର ଅମଳରେ ତାଳଚେର ସହର ମଧ୍ୟରେ ରେଙ୍ଗାଳି ଦକ୍ଷିଣ କେନାଲ ନିର୍ମାଣ କରାଯାଇଥିଲା। ତେବେ ରକ୍ଷଣବେକ୍ଷଣ ଅଭାବରୁ ବର୍ତ୍ତମାନ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ଗତି କରୁଛି। କିଛି ସ୍ଥାନରେ ସୁରକ୍ଷା ବାଡ଼ ନ ଥିବା ବେଳେ ଆଉ କେତେକ ସ୍ଥାନରେ ରାସ୍ତା ପାଣି କେନାଲରେ ପଶୁଛି। ତାଳଚେର ପୌରପରିଷଦ ୱାର୍ଡ ନଂ-୧୧ ଚାଳିକୁଟା ସାହି ପଛପାଖରେ ଥିବା କେନାଲ ହୁଡ଼ା ଏବେ ସ୍ଥାନୀୟ ଲୋକଙ୍କ କବଜାରେ। ଲଗାଣ ବର୍ଷାରେ ଦୁଇ ସ୍ଥାନ ଭୁଶୁଡ଼ି ପଡ଼ିଥିବାରୁ ସେହି ଅଞ୍ଚଳରେ ଭୟର ବାତାବରଣ





ସୃଷ୍ଟି ହୋଇଛି। ଏହି କେନାଲ ହୁଡ଼ାରେ ମାଳ ମାଳ ଘର ନିର୍ମାଣ କରି ସ୍ଥାନୀୟ ଲୋକେ କେନାଲକୁ ଆହୁରି ଦୁର୍ବଳ କରି ଦେଉଥିବା ଅଭିଯୋଗ ହୋଇଛି। ଲଗାଣ ବର୍ଷାରେ କେନାଲ ଧସିବା ଖବର ଗଣମାଧ୍ୟରେ ପ୍ରକାଶ ପାଇବା ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନାହାନ୍ତି। କେନାଲ ହୁଡ଼ାରେ ଗୋଡ଼ିବନ୍ଧ ବେଲପଡ଼ା ଗ୍ରାମରୁ ଥର୍ମାଲ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କରାଯାଇଛି। ମାତ୍ର ଏହି ରାସ୍ତା ଓ କେନାଲ ପାଖରେ ଘର ନିର୍ମାଣ ହୋଇଥିବାରୁ ଦୁଇଚକିଆ ଯାନ ଓ ପଥଚାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ଦ୍ୱାରା କେନାଲ ପ୍ରତି ବିପଦ ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

ଅପରପକ୍ଷେ କେନାଲ ହୁଡ଼ା ଓ ରାସ୍ତାର ଅପର ପାଖରେ ଘର ନିର୍ମାଣ ଯୋଗୁଁ ରାସ୍ତା ସଙ୍କୁଚିତ ହେବା ଓ କେନାଲ ଧୀରେ ଧୀରେ ଧସିବାରେ ମଧ୍ୟ ଲାଗିଛି। ଏ ନେଇ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ କିପରି ପ୍ରଶାସନର ଦୃଷ୍ଟି ପଡୁନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କେନାଲ ଦାୟିତ୍ୱରେ ଥିବା ଏସଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ପ୍ରତିକ୍ରିୟା ମିଳିପାରିନାହିଁ। ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ରେଙ୍ଗାଳି ଦକ୍ଷିଣ କେନାଲ ରାସ୍ତାକୁ ଜବରଦଖଲମୁକ୍ତ କରାଯାଇ ଏହାକୁ ଚଳପ୍ରଚଳ ପାଇଁ ସୁଗମ କରିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି

ଜଗତସିଂହପୁର,୧୮ (ସମିସ)



ଚଳିତ ଲଗାଣ ବର୍ଷା ସହ ମହାନଦୀ, ଦେବୀ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ କୃଷି କ୍ଷେତ୍ର ଜଳ ପ୍ଲାବିତ ହୋଇଛି। ଏହାକୁ ନେଇ ସାଂସଦ ବିଭୁ ପ୍ରସାଦ ତରାଇ, ଜିଲ୍ଲାପାଳ ଜେ ସୋନାଲଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟର ତଦାରଖ କରିଛନ୍ତି। ବନ୍ୟା ଜଳରେ ବହୁ ପଞ୍ଚାୟତ ଜଳବନ୍ଦୀ ରହିଥିବାରୁ, କେହି ଯେପରି ସହାୟତାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ, ଔଷଧ, ମହିଳା ଓ କିଶୋରୀ ମାନଙ୍କ ପାଇଁ ସାନିଟାରୀ ନାପକିନ୍ ଆଦି ପ୍ରଦାନ କରାଯାଉଛି। ମେଡିକାଲ ଟିମ୍ ଦ୍ୱାରା ବୃଦ୍ଧ ଓ ଅସୁସ୍ଥ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ବନ୍ୟା ଛାଡ଼ିବାର ୩ ଦିନ ମଧ୍ୟରେ କୃଷି ଓ ଉଦ୍ୟାନ କୃଷି ବିଭାଗ କ୍ଷୟକ୍ଷତିର ରିପୋର୍ଟ ଦେବା ପରେ ଚାଷୀମାନେ ସରକାରୀ ସ୍ତରରେ କ୍ଷତିପୂରଣ ପାଇବେ ବୋଲି ଜିଲ୍ଲାପାଳ କହିଛନ୍ତି। ଆଗକୁ ଦେବୀ ନଦୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା ସହ ସତର୍କ ଓ ପ୍ରସ୍ତୁତ ଅଛି ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଆଜି ରଘୁନାଥପୁର, ତିର୍ତ୍ତୋଲ, କୁଜଙ୍ଗର ବିଭିନ୍ନ ବନ୍ୟା ପ୍ରଭାବିତ ପଞ୍ଚାୟତ ପରିଦର୍ଶନ କରିବା ସହ ନୋଡାଲ ଅଫିସର, ବ୍ଲକ୍ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଦାୟିତ୍ୱରେ ଥିବା ବରିଷ୍ଠ ପ୍ରାଶାସନିକ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଓ ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଭାବିତଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାର ସମସ୍ତ ନଦୀ କୂଳିଆ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ନଦୀ ମଧ୍ୟରେ ସ୍ନାନ, ପହଁରିବା ଓ ମାଛ ଧରିବା ନିଷେଧ କରାଯାଇ ସତର୍କ ସୂଚନା ଲଗାଯାଇଛି। ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଆଜି ଅପରାହ୍ଣ ୫ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜଗତସିଂହପୁର ଜିଲ୍ଲାରେ ଏ ପର୍ଯ୍ୟନ୍ତ ସମୁଦାୟ ୧୭୩୪ ଜଣଙ୍କୁ ଉଦ୍ଧାର କରାଯାଇ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ୩୫ଟି ଫ୍ରି କିଚେନ ସେଣ୍ଟରରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ୩୬.୯୯ କ୍ୱିଣ୍ଟାଲ୍ ଚୁଡ଼ା, ୯.୭୫ କ୍ୱିଣ୍ଟାଲ୍ ଗୁଡ଼, ୪୨୫ଟି ପଲିଥିନ୍ ରୋଲ୍ ବଣ୍ଟା ସରିଛି। ୧୧ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସମୁଦାୟ ୩୫୪୭ ବଡ଼ ଓ ୧୭୯୪ ଛୋଟ ଗୃହପାଳିତ ପଶୁ, ୭୭୦ କୁକୁଡ଼ା ପ୍ରଭାବିତ ହୋଇଥିବା ବେଳେ ୪୧୯୦ ଗୃହପାଳିତ ପଶୁଙ୍କୁ ଟିକା ପ୍ରଦାନ କରାଯାଇଛି। ୨୫ଟି ପଶୁ ଚିକିତ୍ସା ଶିବିର, ୮ଟି ମୋବାଇଲ ୟୁନିଟ୍ ଦ୍ୱାରା ୧୧୯୪ଟି ପଶୁଙ୍କ ଚିକିତ୍ସା କରାଯାଇଛି ବୋଲି ବିଭାଗୀୟ ଅଧିକାରୀଙ୍କ ନିକଟରୁ ସୂଚନା ମିଳିଛି।

## ବନ୍ଦର ନିଷିଦ୍ଧାଞ୍ଚଳରୁ ମହିଳାଙ୍କ ମୃତଦେହ ଉଦ୍ଧାର

ପାରାଦୀପ,୧୮ (ସମିସ): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ୫ ନମ୍ବର ଗେଟ ପାଖର୍ ଅଞ୍ଚଳରୁ ଜଣେ ମୃତ ମହିଳାଙ୍କ ଶବ ଉଦ୍ଧାର କରାଯାଇଛି। ଖବର ପାଇ ଜଟାଧାରୀ ମୁହାଣ ମେରାଇନ ଥାନା ପୁଲିସ ପହଞ୍ଚି ଶବକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲେ। ତେବେ ତଦନ୍ତରୁ ଜଣାପଡିଛି ଯେ ମୃତ ମହିଳା ଜଣଙ୍କ ହେଲେ କଟକ ଜିଲ୍ଲାର ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋପାଳ ନଗର ଗ୍ରାମର ଅରୁଣୀ ଭୋଇ (୫୦)। ତାଙ୍କର ସ୍ୱାମୀ ସ୍ୱର୍ଗତ ଗୋଲେଖ ଭୋଇ। ସେ ଗତ ୨୯ ତାରିଖ ଦିନ ସକାଳେ ଦେବୀ-କନ୍ଦଳ ନଈକୁ ଗାଧୋଇବାକୁ ଯାଇ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ କୌଣସି ଖବର ନ ମିଳିବାରୁ ଗୋବିନ୍ଦପୁର ଥାନାରେ ମହିଳାଙ୍କ ନିଖୋଜ ହେବା ନେଇ ଲିଖିତ ଅଭିଯୋଗ କରିଥିଲେ। ତେବେ ଗତକାଲି ଜଣେ ମହିଳାଙ୍କ ଶବ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଭାସୁଥିବା ଖବର ପାଇ ପରିବାର ଲୋକେ ପାରାଦୀପରେ ପହଞ୍ଚି ମହିଳାଙ୍କୁ ଚିହ୍ନଟ କରି ଶବ ବ୍ୟବଚ୍ଛେଦ କରାଇ ନେଇଥିଲେ। ତେବେ ମହିଳାଙ୍କର କିଭଳି ମୃତ୍ୟୁ ହେଲେ ପୁଲିସ ତଦନ୍ତ କରିବା ସହିତ ଥାନାରେ ଏକ ମାମଲା ରୁଜୁ କରିଛି।

## ବନ୍ୟାଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ



କୁଜଙ୍ଗ,୧୮ (ସମିସ): ପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ପାଣି ବଢିବାରେ ଲାଗିଛି। ବନ୍ୟା ଜଳ ପ୍ରବାହିତ ହୋଇ ମାଡ଼ି ଆସିଛି। ପାରାଦୀପ ନିର୍ବାଚନମଣ୍ଡଳୀର ବିଭିନ୍ନ ବ୍ଲକରେ ଶତାଧିକ ପରିବାର ବନ୍ୟା ପାଣିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ପାରାଦୀପର ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ପଞ୍ଚାୟତର ହରିପୁର ଗ୍ରାମର ବନ୍ୟା କ୍ଷତିଗ୍ରସ୍ତ ଜନ ସାଧାରଣଙ୍କୁ ଭେଟିଛନ୍ତି। ସୂଚନା ଅନୁଯାୟୀ ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ପରିବାରର ୬୦୦ରୁ ଅଧିକ ଲୋକ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଘରେ ପାଣି ପଶି ଅଧିକ କ୍ଷତିଗ୍ରସ୍ତ ହୋଇଥିବା ୧୧ ପରିବାରଙ୍କୁ ବନ୍ୟା ଅଞ୍ଚଳରୁ ଉଦ୍ଧାର କରାଯିବା ସହ ବାତ୍ୟା ଆଶ୍ରୟସ୍ଥଳୀକୁ ଅଣାଯାଇ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଏହି ସବୁ ଅଞ୍ଚଳରେ ରାସ୍ତା ଘାଟ ବୁଡି ଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଏହି ଅଞ୍ଚଳକୁ ମନ୍ତ୍ରୀ ଲୋକଙ୍କୁ ପାଖକୁ ଯାଇ ଶୁଖିଲା ଖାଦ୍ୟ ଚୁଡ଼ା, ଚିନି, ବିସ୍କୁଟ ଯୋଗାଇ ଦେଇଛନ୍ତି। ବନ୍ୟା ପ୍ଲାବିତ ଅଞ୍ଚଳରେ ଲୋକଙ୍କ ନିମନ୍ତେ ପିଇବା ପାଣି ସହିତ ଗୃହପାଳିତ ପଶୁ ମାନଙ୍କୁ ମଧ ଖାଦ୍ୟ ପ୍ରଦାନ କରାଯାଉଛି। ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ଲୋକମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝୁଛନ୍ତି। ଆଗାମୀ ପରିସ୍ଥିତି ପାଇଁ ପ୍ରାକ ପ୍ରସ୍ତୁତି ନିମନ୍ତେ ପ୍ରଶାସନିକ ଅଧିକାରୀମାନେ ତତ୍ପର ଅଛନ୍ତି। ଏହି ଅବସରରେ ପ୍ରତାପ ଦାସ, ଶରତ ଚନ୍ଦ୍ର ସ୍ୱାଇଁ, ରଜତ କୁମାର ନନ୍ଦୀ, କାର୍ତ୍ତିକ ସାହୁ, ପ୍ରସନ୍ନ ସ୍ୱାଇଁ, ଜିତେନ୍ଦ୍ର ସାହୁ, ଦିଲ୍ଲୀପ ବେହେରା, ଜିତେନ୍ଦ୍ର ସ୍ୱାଇଁ, ଦିଲ୍ଲୀପ ସାହୁ, ତୈଲୋକନାଥ ମହାନ୍ତି, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବନ୍ୟାଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ

ତିର୍ତ୍ତୋଲ,୧୮ (ସମିସ): ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେପି ନେତା ଆଇନଜୀବୀ ରାଜକିଶୋର ବେହେରା ଆଜି ମହାନଦୀ ବନ୍ୟା ଦ୍ୱାରା ପ୍ରଭାବିତ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତରଜଙ୍ଗ ପଞ୍ଚାୟତ କୋଟକଣା ଗ୍ରାମ ଆଦିବାସୀ ପଡା ଓ ତିର୍ତ୍ତୋଲର ଆଦିବାସୀପଡା ପରିଦର୍ଶନ କରିବା ସହ ବନ୍ୟା ପ୍ରପୀଡ଼ିତ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥି ସହିତ ସମସ୍ତ ବନ୍ୟା ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଠିକ୍ ସମୟରେ ପହଞ୍ଚାଇବା, ସାପ କାମୁଡ଼ା ଇଞ୍ଜେକ୍ସନ ଆବଶ୍ୟକ ମୁତାବକ ରଖିବା, ଗାଈ ଗୋରୁଙ୍କ ଖାଦ୍ୟ ପର୍ଯ୍ୟନ୍ତ ସମସ୍ତ ସୁବିଧା ସୁଯୋଗ ମିଳୁଛି କି ନାହିଁ ବୋଲି ସ୍ଥାନୀୟ ସରପଞ୍ଚଙ୍କ ସହିତ ଆଲୋଚନା କରିଥିଲେ। ଏହି ବନ୍ୟା ପ୍ରପୀଡ଼ିତ ଜନସାଧାରଣଙ୍କୁ ମଶାରି ଯୋଗାଇ ଦେବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଓ ବିଡିଓଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ତିର୍ତ୍ତୋଲ ମଣ୍ଡଳ ବିଜେପି ସଭାପତି ତ୍ରିନାଥ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାରଳା ମଣ୍ଡଳ ସଭାପତି ଶୁଭ୍ରକାନ୍ତ ରଣା, ଜଗନ୍ନାଥପୁର ମଣ୍ଡଳ ସଭାପତି ଗଗନ ବିଶ୍ୱାଳ, ଦାଇଁଲୋ ମଣ୍ଡଳ ସଭାପତି ଜ୍ୟୋତି ରଞ୍ଜନ ସାହୁ, ଜଇପୁର ମଣ୍ଡଳ ସଭାପତି ବନୋଜ ନାୟକ, କ୍ଷୀତିଶ ଦାସ, ତାପସ ମହାନ୍ତି, ସୁଦୀପ୍ତ ନାଥ, ସୌଦାମିନୀ ନାୟକ, ଇତିଶ୍ରୀ ପାତ୍ର, ସତ୍ୟଜିତ୍ ସେଠୀ, ଅଭୟ ମହାରଣା, ସତ୍ୟଜିତ୍ ପଣ୍ଡା, ପ୍ରସନ୍ନ ଦାସଙ୍କ ସମେତ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ବନ୍ୟାଞ୍ଚଳ ଅନୁଧ୍ୟାନ ପାଇଁ କଂଗ୍ରେସ କମିଟି ଗଠିତ

ଜଗତସିଂହପୁର,୧୮ (ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକ ମାନଙ୍କ ଉଦ୍ଧାର, ଥଇଥାନ ଓ ରିଲିଫ ସାମଗ୍ରୀ ପାଇଁ ବ୍ଲକ ସଭାପତି ମାନେ ନିଜ ନିଜ ବ୍ଲକରେ କମିଟି ଗଠନ କରି ବନ୍ୟାଞ୍ଚଳ ଗ୍ରସ୍ତ କରିବା ଆରମ୍ଭ କରିଦେଇଛନ୍ତି। ତଳିଆ ଅଞ୍ଚଳରୁ ଲୋକ ଓ ଗୃହପାଳିତ ପଶୁ ମାନଙ୍କୁ ନିରାପଦ ସ୍ଥାନକୁ ଆଣିବା, ଉଦ୍ଧାର କରିବା ଏବଂ ଆବଶ୍ୟକ ଶୁଖିଲା ରିଲିଫ ସାମଗ୍ରୀ ପହଞ୍ଚାଇବା ପାଇଁ ଗଠିତ ଏହି କମିଟି ପ୍ରଶାସନ ସହ ଯୋଗସୂତ୍ର ରକ୍ଷା କରି ଲୋକଙ୍କ ପାଇଁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦୁଇ ଗୋଟି ହେଲ୍ପ ଲାଇନ ନମ୍ବର ୯୮୬୧୪୧୭୬୬୨ ଏବଂ ୮୦୭୯୮୭୦୬୩୧ ଜାରି କରାଯାଇଛି। ଆଜି ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ, କୁଜଙ୍ଗ ବ୍ଲକ କଂଗ୍ରେସ ଓ ପାରାଦୀପ ନଗର କଂଗ୍ରେସ ତରଫରୁ ଜିଲ୍ଲାରେ ସର୍ବାଧିକ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା କୁଜଙ୍ଗ ବ୍ଲକ ହରିପୁର ଗ୍ରାମରେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ସେହିପରି ଜିଲ୍ଲା କଂଗ୍ରେସ ତିର୍ତ୍ତୋଲ ବ୍ଲକ କଂଗ୍ରେସ ତରଫରୁ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ମଣିଜଙ୍ଗା, କୋଲର, ତିର୍ତ୍ତୋଲ ଓ ତରଜଙ୍ଗ ଠାରେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ତତ୍ ସହିତ ଜିଲ୍ଲା କଂଗ୍ରେସ ଓ ରଘୁନାଥପୁର ବ୍ଲକ କଂଗ୍ରେସ ତରଫରୁ ରଘୁନାଥପୁର ବ୍ଲକର ଜଇପୁର ଠାରେ ରିଲିଫ ବଣ୍ଟନ କରାଯାଇଛି।



## ହରିପୁରରେ ଜିଲ୍ଲା ପରିଷଦ ସଭ୍ୟଙ୍କ ରିଲିଫ୍ ବଣ୍ଟନ



କୁଜଙ୍ଗ,୧୮ (ସମିସ): କୁଜଙ୍ଗ ବ୍ଲକ ପ୍ରାୟ ୫ ଟି ପଞ୍ଚାୟତର ୧୮ଟି ଗ୍ରାମ ବହୁଳ ଭାବରେ ମହାନଦୀ ବନ୍ୟା ଜଳରେ ପ୍ରଭାବିତ। ଏହି ବନ୍ୟା ଜଳ ପ୍ରଥମେ ରାହାମା ନିକଟ ସାଇଲୋ ପଞ୍ଚାୟତ ହରିପୁର ଓ ତେରମାଣପୁର ଗ୍ରାମ କିଛି ଅଂଶକୁ ପ୍ରବେଶ କରିଥିଲା। ହରିପୁର ଗ୍ରାମର ବହୁଳ ଭାବରେ ବନ୍ୟା ଦ୍ୱାରା ପ୍ରପୀଡ଼ିତ ହୋଇଥିବା ବେଳେ କୁଜଙ୍ଗ ବ୍ଲକ ୨ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରବି ନାରାୟଣ ସାହୁ ଏହି ଗ୍ରାମରେ ବ୍ୟାପକ ଭାବରେ ଶୁଖିଲା ଖାଦ୍ୟ ସହ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ କରୁଛନ୍ତି। ଜିଲ୍ଲା ପରିଷଦ ସଭ୍ୟଙ୍କ ସହ ସାଇଲୋ ପଞ୍ଚାୟତର ନାଏବ ସରପଞ୍ଚ ଝରଣା ଦାସ, ସମିତିସଭ୍ୟା ମନୀଷା ରାଣୀ ମଲ୍ଲ, ୱାର୍ଡ ସଭ୍ୟ ଦିଲୀପ କୁମାର ମଲ୍ଲିକ, ଗୋପାଳ ଦାସ, ନବଘନ ଖୁଣ୍ଟିଆ, ଧୁରନ୍ଧର ପାତ୍ର, କଳ୍ପନା ସେଠୀ, ମନୋଜ ସାହୁ, ରୀତାରାଣୀ ଦାସ ଓ ରଶ୍ମିକାନ୍ତ ଦାସ ପ୍ରମୁଖ ସାମିଲ ହୋଇ ରିଲିଫ୍ ବଣ୍ଟନ ରେ ସହଯୋଗ କରିଥିଲେ।

**ଛୁଟି ନ କାଟି ସ୍କୁଲକୁ ଆସିବାରୁ ଛାତ୍ରଙ୍କୁ ମାଡ଼**

## ୪ କିମି ସାଇକଲରେ ଯାଇ ଥାନାରେ ଅଭିଯୋଗ

ପାରାଦୀପ,୧୮ (ସମିସ): ସ୍କୁଲ ଶିକ୍ଷକଙ୍କ ଅମାନୁଷିକ ମାଡରେ ଛାତ୍ର ଆହତ। ଶେଷରେ ପ୍ରତିଶୋଧ ପରାୟଣ ହୋଇ ୪ କିମି ସାଇକଲ ଚଲାଇ ପୁଲିସ ଷ୍ଟେସନରେ ପହଞ୍ଚି ଥାନାରେ ଅଭିଯୋଗ କଲେ ଛାତ୍ର। ପାରାଦୀପ ଉପକଣ୍ଠ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଝିମାଣୀରେ ପ୍ରାର୍ଥନା ସମୟରେ ଶିକ୍ଷକ ଆଶୁତୋଷ ମୁଦୁଲି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ଚୁଟି କାହିଁକି କାଟିନାହୁଁ ବୋଲି ପଚାରିଥିଲେ। ଛାତ୍ର ଜଣକ ବୋଲବମ୍ ମାସ ସରିଲେ ଚୁଟି କାଟିବେ ବୋଲି କହିବାରୁ ଶିକ୍ଷକ ଛାତ୍ରଙ୍କୁ ସମସ୍ତ ଛାତ୍ରଛାତ୍ରୀଙ୍କ ସାମ୍ନାରେ ମାଡ଼ ମାରିବା ସହ ବିଦ୍ୟାଳୟରୁ ବହି ବ୍ୟାଗ ଦେଇବାହାର କରିଦେଇଥିଲେ। ଛାତ୍ରଜଣଙ୍କ ସ୍କୁଲରୁ କାନ୍ଦି କାନ୍ଦି ବାହାରି ସିଧା ସାଇକଲ ଧରି ଅଭୟଚାନ୍ଦପୁର ଥାନାରେ ପହଞ୍ଚିଥିଲେ। ପୁଲିସ ଛାତ୍ରଙ୍କ ପରିବାର ସହ ଯୋଗାଯୋଗ କରି ଛାତ୍ରଙ୍କ ଘର ଲୋକଙ୍କ ସହ ପଠାଇଥିଲେ। ପରିବାରର ଅଭିଯୋଗ, ପିଲାଟି ଏତେ ବାଟ ଏକାକୀ ଥାନାକୁ ଯାଇଥିବା ବେଳେ ବିଦ୍ୟାଳୟ ପକ୍ଷରୁ କୌଣସି ଖୋଜଖବର ନିଆଯାଇନଥିଲା। କିଛି ଅଘଟଣ ଘଟିଥାନ୍ତା, ତାହାର ଦାୟିତ୍ୱ କିଏ ନେଇଥାନ୍ତା ବୋଲି ପରିବାର ପକ୍ଷରୁ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକ ଛାତ୍ରଙ୍କ ଘରକୁ ଯାଇ ଅଭିଭାବକ ଓ ପରିବାର ସହ ଆଲୋଚନା କରି ଘଟଣାର ସମାଧାନ କରିଥିବା ଜଣାପଡ଼ିଛି।

## ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



ଏରସମା,୧୮ (ସମିସ): ବୀଣାପାଣି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ଲେଙ୍କାଙ୍କୁ ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ ଓ ବିଦ୍ୟାଳୟ ପକ୍ଷରୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧିଲାଲ ସୋରେନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୁରାତନ ଛାତ୍ର ଅରୁଣ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମଲ୍ଲିକ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ତଥା ପୂର୍ବତନ ସରପଞ୍ଚ କେଶବ ପାତ୍ର, ସରପଞ୍ଚ ପ୍ରତିଭା ରାଣୀ ପାତ୍ର, ପୋଖୋରିଆପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ଜେନା, ସମିତି ସଭ୍ୟ ନାରାୟଣ ସେଠୀ, ସିଆର୍‌ସିସି ଲକ୍ଷ୍ମୀଲତା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭକ୍ତଚରଣ ଜେନା, ପଶ୍ଚିମେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଶାରଦା ପ୍ରସନ୍ନ ଦାସ, ତିର୍ତ୍ତୋଲ ବ୍ଲକ ଶିକ୍ଷା ଅଧିକାରୀ ସୂର୍ଯ୍ୟ ଦାଶ, ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାସ ଏବଂ ସମାଜସେବୀ ଉପେନ୍ଦ୍ର ସାମନ୍ତ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶିକ୍ଷକ କୃଷ୍ଣ ପ୍ରସାଦ ଶତପଥୀ, ସର୍ବେଶ୍ୱର ବେହେରା, ପ୍ରିୟରଞ୍ଜନ ଜେନା, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପୂରାତନ ଛାତ୍ରଛାତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ସଭାରେ ଉପସ୍ଥିତ ଥିଲେ।

## ଅନିରୁଦ୍ଧ ଇଫ୍‌କୋ ପାରାଦୀପରେ ନୂଆ ମୁଖ୍ୟ



ପାରାଦୀପ,୧୮ (ସମିସ): ଅନିରୁଦ୍ଧ ବିକ୍ରମ ସିଂହ ଇଫ୍‌କୋ ପାରାଦୀପ ୟୁନିଟର ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଇଫ୍‌କୋ କାଣ୍ଡଲା ୟୁନିଟର ୟୁନିଟ୍ ମୁଖ୍ୟ ଭାବରେ କାର୍ଯ୍ୟ କରୁଥିଲେ। ଜଣେ ଯାନ୍ତ୍ରିକ ଇଞ୍ଜିନିୟରିଂ ସ୍ନାତକ ଶ୍ରୀ ସିଂହ ଇଫ୍‌କୋ ସ୍ନାତକ ଇଞ୍ଜିନିୟର ଭାବରେ ତାଙ୍କର କ୍ୟାରିଅର୍ ଆରମ୍ଭ କରିଥିଲେ। ପ୍ରାୟ ତିନି ଦଶନ୍ଧି ଧରି ସଂଗଠନ ସହିତ ଜଡିତ ଅଛନ୍ତି। ସେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ, ପ୍ଲାଣ୍ଟ କମିଶନିଂ, ପରିଚାଳନା ଏବଂ ଜଟିଳ ସାର ଉତ୍ପାଦନ ସୁବିଧାଗୁଡ଼ିକର ରକ୍ଷଣାବେକ୍ଷଣରେ ବ୍ୟାପକ ବିଶେଷଜ୍ଞତାର ଅଭିଜ୍ଞତା ରଖିଛନ୍ତି। ସେ ବରିଷ୍ଠ ମହାପ୍ରବନ୍ଧକ ଭାବରେ ପାରାଦୀପରେ ଜଟିଳ ସାର ଉତ୍ପାଦନ ୟୁନିଟରେ ନେତୃତ୍ୱ ନେବେ।

## ସାର ବୋଝେଇ ଗାଡ଼ି ଜବତ

ନାଉଗାଁ,୧୮ (ସମିସ): ବେଆଇନ ଭାବେ ଚାଲାଣ ହେଉଥିବା ସାରକୁ ଜବତ କରିଛି ପୁଲିସ୍। ଆଜି ନାଉଗାଁ ବଜାର ଦେଇ ଏକ ଟ୍ରକ୍ ଯୋଗେ ୫୦ରୁ ଊର୍ଦ୍ଧ୍ୱ ବସ୍ତା ସାର ବେଆଇନ ଭାବେ ଚାଲାଣ ହେଉଥିବା ସମୟରେ ଗାଡିଟି ନାଉଗାଁ ବଜାର ନିକଟରେ ହଟାତ ଖରାପ ହୋଇଯାଇଥିଲା। ଗାଡିଟିକୁ ଡ୍ରାଇଭର ଯାଞ୍ଚ କରୁଥିବା ସମୟରେ ନବ ନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ ଏହା ଦେଖି ସନ୍ଦେହ ହେବାରୁ ଗାଡିକୁ ଅଟକ ରଖି ନାଉଗାଁ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଗାଡିରେ ଥିବା ସାରର ଉପଯୁକ୍ତ ବିଲ୍ ଯାଞ୍ଚ ପାଇଁ ମାଗିବାରୁ ଗାଡିର ଚାଳକ କୌଣସି ଉପଯୁକ୍ତ କାଗଜପତ୍ର ଦେଖାଇ ପାରିନଥିଲେ। ଫଳରେ ଗାଡିଟିକୁ ପୁଲିସ ନିଜ ହେପାଜତକୁ ନେଇ ଯାଇଥିଲା।

# ଆରମ୍ଭ ହେଲା ପୋଷ୍ଟ ଅଫିସ ଛକ- ଆଳିପିଙ୍ଗଳ ରାସ୍ତା କାର୍ଯ୍ୟ

ଜଗତସିଂହପୁର,୧୮ (ସମିସ)

'ସକାଳ' ପ୍ରଭାବ



ଜଗତସିଂହପୁର ରାସ୍ତା ଓ ଗୃହନିର୍ମାଣ ବିଭାଗ ଅଧୀନରେ ଥିବା ଜଗତସିଂହପୁର ପୋଷ୍ଟ ଅଫିସ ଠାରୁ ଆଳିପିଙ୍ଗଳ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ନିୟମିତ ବ୍ୟବଧାନରେ ମରାମତି ଓ ନବୀକରଣ କରାଯାଇ ଆସୁଥିଲେ ମଧ୍ୟ କାମ ସରିବାର ଦିନ କେଇଟା ମଧ୍ୟରେ କେଉଁଠି ରାସ୍ତାରୁ ପିଚୁ ଉଠିଯାଉଛି ତ ଆଉ କେଉଁଠି ଗର୍ତ୍ତ ସୃଷ୍ଟି ହୋଇ ଗମନାଗମନ ବାଧାପ୍ରାପ୍ତ ହେଉଛି। ବର୍ଷାଧିକ କାଳ ଏହି ୫ କିଲୋମିଟର ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ରାସ୍ତାରେ ପ୍ରାୟ ୫୦୦ ଗର୍ତ୍ତ ସୃଷ୍ଟି ହୋଇ ନିୟମିତ ଭାବରେ ଛୋଟବଡ ଦୁର୍ଘଟଣା ଘଟି ଆସୁଥିଲା। ତେବେ ଦୈନିକ 'ସକାଳ'ରେ ଗତ ଜୁଲାଇ ୧୬ ତାରିଖରେ ଏହି ବ୍ୟସ୍ତବହୁଳ ରାସ୍ତା ସମ୍ପର୍କୀତ ଏକ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ନିଦରୁ ଉଠିଛି ଜଗତସିଂହପୁର ପୂର୍ତ୍ତ ବିଭାଗ। ପ୍ରଥମ ପର୍ଯ୍ୟାୟରେ ପୋଷ୍ଟ ଅଫିସ ଛକ ଠାରୁ ହାଟବଜାର ପର୍ଯ୍ୟନ୍ତ ରାସ୍ତାର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଆଗକୁ ମଧ୍ୟ ବାକି ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଗତ ୨୦୨୪ ମସିହାରେ ଏହି ରାସ୍ତାର ପୋଷ୍ଟ ଅଫିସ ଛକ ଠାରୁ ଅତାମଳା ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ସେହିପରି ଗତ ୨୦୨୫ ମାର୍ଚ୍ଚ ମାସରେ ଅତାମଳା ଠାରୁ କାଠପୋଲ ପର୍ଯ୍ୟନ୍ତ ୨ କିମି ରାସ୍ତା ପିଚୁ କରାଯାଇଥିଲା। ହେଲେ ୨୪ ଘଣ୍ଟା ନ ପୂରୁଣୁ ଅତାମଳା ନିକଟରେ ଗୋଡ଼ ମାରିଦେଲେ ଫଡ଼ା ଫଡ଼ା ହୋଇ ପିଚୁ ଛାଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଅବଶ୍ୟ ଏହାକୁ ମରାମତି କରାଯାଇ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ବର୍ଷକୁ ପ୍ରାୟତଃ ୩/୪ ଥର ଏହି ରାସ୍ତାର ମରାମତି କରାଯାଇଥାଏ। ମରାମତି ଆଳରେ ରାସ୍ତାରେ ହୋଇଥିବା ଖାଲଖମାକୁ କେବଳ ଧର୍ମକୁ ଆଖିଠାର ମାରିବା ଭଳି ପ୍ୟାଚ୍ କରାଯାଏ ଯାହାକି ଅସରାଏ ବର୍ଷାରେ ପୂର୍ବ ଅବସ୍ଥାକୁ ଫେରିଆସେ। କିଛିବର୍ଷ ପୂର୍ବେ ଏହି ରାସ୍ତାର ଏକ ବଡ ଅଂଶକୁ କଂକ୍ରିଟ ଢଳେଇ କରାଯାଇଥିଲା। ହେଲେ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବାରୁ ଦିନ କେଇଟା ପରେ ସିମେଣ୍ଟ ଅଂଶ ଧୋଇଯାଇ ମେଣ୍ଟାଲ ସବୁ ବାହାରି ପଡିଥିଲା। ବିଭିନ୍ନ ଗଣମାଧ୍ୟମରେ ଏ ସଂପର୍କୀତ ଖବର ପ୍ରକାଶ ପାଇବା ପରେ ପୁଣିଥରେ ରାସ୍ତା ମରାମତି ହୋଇଥିଲା। ଏବେ ଚାଲିଥିବା ଏହି ରାସ୍ତାର ନବୀକରଣ କାର୍ଯ୍ୟ ସଠିକ୍ ଭାବରେ କରାନଗଲେ ପୁଣି ପୂର୍ବ ଭଳି ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ରାସ୍ତା ନବୀକରଣ କାର୍ଯ୍ୟର ନିୟମିତ ତନଖି କରିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଜନସାଧାରଣ ଦାବୀ କରିଛନ୍ତି।

# ଟପ୍ ଟପର୍ ଟପର୍ ଟପ୍ ଟପ୍



ବିରଜା ରାଉତରାୟ

ଝରକା ସେପଟେ ଅଝଟ ଛୁଆଙ୍କ ପରି ଗୋଡ଼ କଚାଡ଼ି ନାଚୁଥାଏ ବର୍ଷା। ଟିଣଦସ୍ତା ଉପରେ ତା'ର ଲଗାଣ ଢୁ ଢୁ ପାଦ ଶବ୍ଦ ଆଡ଼କୁ ଏକଲୟରେ କାନପାତି ରହିଥାଏ ଖୋକନ୍। ତଳଚଟାଣ ଉପରେ ବାମଗୋଡ଼ର ଆଣ୍ଠୁକୁ ଭାଙ୍ଗି ଛକିପକାଇ ବସି ରହିଥାଏ। ତା'ର ଡାହାଣ ଗୋଡ଼ଟା ସିଧା ପଇଁଚାଳିଶ ଡିଗ୍ରୀ ପ୍ରାୟ ଉପରକୁ ସଳଖି ରହି ମଝିଫାଙ୍କ ତଳ ମୁଚୁଳା ଉପରେ ଚାପି ଧରିଥାଏ ଗୋଟିଏ ମୃଦଙ୍ଗ। ଦୁଇପଟର କିରଣ ମୁହଁକୁ ଢଳି ଦୁଇହାତ ପାପୁଲି ସାମାନ୍ୟ ଭାରାଦେଇ ଝୁଲି ରହିଥାନ୍ତି। ଖୋକନ୍ ତା'ର ସମସ୍ତ ଲୟକୁ ଠୁଳକରି ଏହି ବର୍ଷାନାଦର ବୋଲଟାକୁ ଧରିବା ପାଇଁ ଉଦ୍‌ଗ୍ରୀବ ହୋଇ ରହିଥାଏ। କେତେବେଳେ ଛାଏଁ ତା' ହାତର ତଳ ପାପୁଲି ଆଙ୍ଗୁଠିଗୁଡ଼ିକ ଉଠପଡ଼ ହୋଇ ନାଚି ଉଠୁଥାନ୍ତି, "ଧିନ୍ ତାକଡ଼ ତାକଡ଼... ଧା... ।"

ପରେ ପରେ କେମିତି ଗୋଟେ ଅଶାନ୍ତ ଭଉରୀ ଖେଳି ଉଠିବା ପରି ଏକ ପ୍ରତିକ୍ରିୟା ତା' ମୁହଁରେ ବାରିହୋଇ ଆସେ, "ଛ୍ୟା...ଶଶୁର ପୁଅ ପାଦର ତାଳଟାକୁ ଜମା ଧରି ହେଉନାହିଁ! କୋଉ ଗୋଟେ ବର୍ଣ୍ଣରେ ସିନା ପାଦ କଚାଡୁଥିଲେ ଧରି ହୁଅନ୍ତା! ଇଏତ ଅବିରତ ଘନଘୋର ନାଦ! କେତେବେଳେ ଟପ୍‌ଟପ୍.... କେତେବେଳେ ଥପ୍‌ଥପ୍... କେତେବେଳେ ଡବଡବ ହୋଇ କଚାଡ଼ି ହେଉଛି! ଛୋଟଟୋପା! ପୁଣି ବଡ଼ଟୋପା! ଯା'କୁ ଛାଡ଼ି ପୁଣି ମଝାମଝିଆ ଥୋପା ବି ଅଛି! କୋଉ ସେ ଏତେ ଧୁରନ୍ଧର ଯେ ଧରିପାରନ୍ତା ଏହାର କ୍ଷିପ୍ର ସୁତୀବ୍ର ବିବିଧ ନାଦକୁ! "ତେରେକେଟେ ତେରେକେଟେ... ଧିନ୍... ଧା...!" ଆଉଥରେ ଛାଏଁ ମୃଦଙ୍ଗର ଦୁଇପଟ କିରଣ ଉପରେ ପହଁରିଗଲା ତା'ର ଦୁଇ ଚପଳ ହାତର ଆଙ୍ଗୁଠି।

ବାହାରପଟେ ବର୍ଷୁଣି ମେଘମେଦୁର ଆକାଶ। ସନ୍ଧ୍ୟା ଉପଗତ ସମୟ ନ ଥିଲେ ସୁଦ୍ଧା ଅପରାହ୍ଣର ମୁଖମଣ୍ଡଳରେ କଳାଓଢ଼ଣୀ ଖଣ୍ଡେ ଢାଙ୍କି ପକାଇବା ପରି ମେଘ ଘୋଡ଼ାଇ ଆଣିଥାଏ ମାଛି ସଞ୍ଜପରି ଅନ୍ଧାରର ରଙ୍ଗ। ଖୋକନ୍‌ର ସେହି ଅସଜଡ଼ା କୋଠରି ମଧ୍ୟରେ ବିକ୍ଷିପ୍ତ ହୋଇ ପଡ଼ିରହିଥାଏ କିଛି ଅସମ୍ପୂର୍ଣ୍ଣ ଡୁବିତାବଲା ଓ ମୃଦଙ୍ଗ ସହ ଇତଃସ୍ତତ ପଡ଼ିରହିଥିବା ଚମଡ଼ାର ଟୁକୁରା ଓ ହାର, କିରଣ ପାଇଁ ଗୁଣ୍ଡ ତାଟିଆ ଆଦି ତାଳବାଦ୍ୟ ଯନ୍ତ୍ରର ଉପକରଣ।

ସେହି ଦୋକାନ ଘରକୁ ଲାଗି ଏକମାତ୍ର ସଂଯୁକ୍ତ କୋଠରି। ଯାହାର ଟିଣଦସ୍ତାର ଫାଙ୍କ ବାଟଦେଇ ନିର୍ଗତ ଧୂଆଁସବୁ ଜମାଟ ବାନ୍ଧି ଠୁଳ ଆକାରରେ କଡ଼ମୋଡ଼ି ହେଉଥାନ୍ତି। ବାହାର ବର୍ଷାଟା ଦାଉ ସାଜିବା ପରି ସେମାନଙ୍କ ଉର୍ଦ୍ଧ୍ୱ ଉଡ଼ାଣକୁ ବାଟ ଓଗାଳି ବସିଥାଏ।

କେବେକେବେ ସେଥିରୁ ପ୍ରଥମ କୋଠରିକୁ ଛିଟିକ



ଆସୁଥାଏ ବାସନପତ୍ରର ଠୁଣଠାଣ୍ ସାଙ୍ଗକୁ ଖଡ଼ିକାର ଖର୍‌ଖର୍ ମିଶା ଶବ୍ଦ। ମଝିରେ ମଝିରେ ଧୂଆଁ ରୁନ୍ଧା ଖଣ୍ଡିକାଶ। ଠିକ୍ ପଛକୁ ଧସେଇ ଆସେ ଏକ ନାରୀକଣ୍ଠର ସତର୍କ ଜିଜ୍ଞାସ, "କରୁଥାଅ...କରୁଥାଅ...ସେମିତି ଟୁଙ୍ଗଟାଙ୍ଗ୍! କାଲିକି ମ୍ୟୁନିସପାଲିଟିର ଡୋଜର୍ ଗାଡ଼ି ଯେ ଆସି ଦୁଆର ମୁହଁରେ ଲାଗିବ, ସେଥାଡ଼କୁ ପର୍‌ବାୟ ନାହିଁ! କି ଅଦ୍ଭୁତ ଏ ଲୋକଟା! ସାମାନପତ୍ର ବାନ୍ଧିବା ଲାଗି ଚିନ୍ତାଟିକେ ସୁଦ୍ଧା ନାହିଁ!"

ସେହି ସଂକୀର୍ଣ୍ଣ ରୋଷେଇ ଘରୁ ସବୁତକ ଉତ୍‌କ୍ଷିପ୍ତ ଶବ୍ଦଗୁଡ଼ା ବର୍ଚ୍ଛା ପରି ଛୁଟି ଆସୁଥିଲେ ବି କେଜାଣି କାହିଁକି ହାର୍ ମାନିଯାନ୍ତି ଖୋକନ୍‌ର ଦୁଇ କର୍ଣ୍ଣପଟଳ ପାଖରେ! ସମୁଦ୍ରରୁ ବଳ ଗୋଟେଇପାରି ନ ଥିବା ବାତ୍ୟା ଯେପରି ସ୍ଥଳଭାଗରେ ଧକ୍କା ଖାଇବା ଆଗରୁ ଦୁର୍ବଳ ହୋଇପଡ଼େ, ସେହିପରି ଘଟିଥାଏ ସବୁଥର। ମୃଦଙ୍ଗ ହେଉ କି ତାବଲାର ଦୁଇ କିରଣରେ ଉତ୍ପାଦ ବର୍ଣ୍ଣକୁ ମିଶାଇ ନୂଆ ବୋଲ ଖଣ୍ଡେ ତିଆରି କରିବାରେ ମଜ୍ଜିଯାଇଥାଏ। ଆଜିବି ସେଠାରୁ ଛୁଟି ଆସିଥିବା ତୀକ୍ଷ୍ଣ ଶରରୂପୀ ଶବ୍ଦଗୁଡ଼ାକ ଅକାମୀ ହୋଇଯାଇଥିଲା।

ଅର୍ଦ୍ଧଶତାବ୍ଦୀ ଖଣ୍ଡେ ହୋଇଯିବଣି ଖୋକନ୍‌ର ବାପା ନିତ୍ୟମୋହନ ନଦିଆରୁ ଓଡ଼ିଶା ମୁହାଁ ହୋଇ ବସା ବାନ୍ଧିବା। ଏହି ସହରର ଛାତି ଉପର ଦେଇ ଯେଉ ମୁଖ୍ୟରାସ୍ତାଟି ଯାଇଥାଏ ତାହାରି କଡ଼ରେ ବାନ୍ଧିଥିଲା ପ୍ରଥମେ ଅସ୍ଥାୟୀ ନୀଡ଼। ତାଳବାଦ୍ୟ ନିର୍ମାଣର ବିଶାରଦ ଭାବେ କେଇଟା ବର୍ଷ ମଧ୍ୟରେ ପରିଚୟ ପାଇଯାଇଥିଲା। ଖୋକନ୍‌ର ଜନ୍ମ ଏହି ଠିକଣାରେ। ବାପାଠାରୁ ବାଦ୍ୟକାରିଗରୀ କଳାତକ ଆୟତ୍ତ କରୁକରୁ ବଜାଇବାରେ ମଧ୍ୟ ଅପୂର୍ବ ଦକ୍ଷତା ହାସଲ କରିପାରିଥିଲା। କିନ୍ତୁ ବାପା ପରି ଥିଲା ଅସମ୍ଭବ ଭାବରେ ନିଜ ପ୍ରତିଭା ପ୍ରଦର୍ଶନରେ ଥିଲା ଉଦାସୀନ। ବିକ୍ରି ଆଉ ମରାମତିରେ ଯାହା ଯେତିକି ମିଳୁଥାଏ ସେତିକିରେ ଥାଏ ସନ୍ତୁଷ୍ଟି।

ଦିନକୁ ଦିନ ସହରର କଳେବର ଓ ରୂପରେଖରେ ଅଭିବୃଦ୍ଧି ଘଟି ଚାଲେ। ଠା' ଠା' ଦୋକାନର ରୂପାନ୍ତରଣ ଘଟି ଧାଡ଼ିଧାଡ଼ି ସୁଦୃଶ୍ୟ ଦୋକାନ ସବୁ ଉଭା ହୁଅନ୍ତି। ଅଥଚ ପୁରୁଣା ସବ୍‌ରେଜିଷ୍ଟ୍ରର ଛକ କଡ଼କୁ ଥିବା ଏହି ସର୍ବସାଧାରଣ ସ୍ଥାନକୁ ଲାଗି ଖୋକନ୍‌ର ଛୋଟ ଆବାସଯୋଗ୍ୟ ଦୋକାନ ଘରଟିର ରୂପଚିତ୍ରରେ କିଛି ପରିବର୍ତ୍ତନ ଆସି ନ ଥାଏ। କେବଳ ଗୋଟିଏ ଫରକ୍ ଘଟିଥିଲା। ନିତ୍ୟମୋହନ ସ୍ଥାପନ କରିଥିବା ଛପର ଘରଟା ଇଟାକାନ୍ଥ ଓ ଟିଣଦସ୍ତାକୁ ପରିବର୍ତ୍ତିତ ହୋଇଥିଲା। ସହର ବଢୁଥିବାରୁ ଏବେ ମୁଖ୍ୟ ବଜାର ରାସ୍ତା ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥାଏ। ପ୍ରଥମଦଫା ପରେ ଦ୍ୱିତୀୟ ଥର ପାଇଁ ଖୋକନ୍‌ର ଦୋକାନ ଦାଣ୍ଡରେ ଅଠା ନେସାସହ ଝୁଲି ସାରିଥାଏ ଉଚ୍ଛେଦର ନୋଟିସ। ମାତ୍ର ଖିଆଲି ଖୋକନ୍ ମନରେ ଏହାର ସାମାନ୍ୟତମ ରେଖାପାତ ସୁଦ୍ଧା ପଡ଼ି ନ ଥାଏ। ତା'ର ଏହି ବେପାରୁଆ ଭାବକୁ ଚେତାଇ ଦେବାକୁ ଯାଇ ମଝିରେ ମଝିରେ ସତର୍କ ଘଣ୍ଟି ବଜାଇବା ପରି ଚିତ୍କାର କରି ଉଠୁଥାଏ ତା' ସ୍ତ୍ରୀ। ସେ କିନ୍ତୁ ଗୋଟାପଣ ହଜିଯାଇଥାଏ ସେଇ ଆବିଷ୍ଟ ଅନ୍ୱେଷାରେ। କିପରି ଏହି ଟପର୍ ଟପର୍ ବର୍ଷାର ବୋଲ୍‌ଟାକୁ ଉଠେଇବ ଦୁଇ କିରଣ ସଂସର୍ଗ ନାଦରେ। ବାହାରେ ବର୍ଷାର ଆବେଶ ସେହିପରି ଆଚ୍ଛନ୍ନ କରି ରଖିଥାଏ। ଢୁ ଢୁ ବର୍ଷୋରେ ଶୁଭୁଥାଏ ନିରବଧି ପଦପାତ। ଏକାମ୍ ହୋଇ ସେହିପରି ଝରକା ବାହାରକୁ ଚାହିଁ ମୃଦଙ୍ଗ କିରଣରେ ଟୁଙ୍ଗଟାଙ୍ଗ୍ ଜାରି ରଖିଥାଏ ଖୋକନ୍।

ନିଜର ଏହି ବିଚିତ୍ର ମଣିଷଟିର ହାବଭାବକୁ କୋଡ଼ିଏ ବର୍ଷ ଧରି ବୁଝି ଆସିଛି ତା'ର ସ୍ତ୍ରୀ। ସେଥିପାଇଁ, ଥାଳିରେ ରାତିର ଖାଇବାତକ ବାଢ଼ି ତା' ହାତପାଆନ୍ତାରେ ରଖି କଣମୁଣ୍ଡ ଖଟ ଉପରକୁ ଉଠି ଯାଇଥିଲା ଶୋଇବାକୁ।

ବାହାରେ ନିଶା ଗରଜୁଥାଏ। ଅବିରତ ଛନ୍ଦରେ ତା'ର ପାଦ କଚାଡ଼ି ଚାଲିଥାଏ ବର୍ଷା। ଖୋକନ୍‌ର ସନ୍ଧାନୀ ଦୁଇଆଖି ଓ ଉଜାଗରୀ ଚିତ୍ତ ସାରାରାତି ଖୋଜି ଚାଲିଥାନ୍ତି ସେଇ ଈପ୍‌ସିତ ବୋଲକୁ। ଥକ୍କା ପଡ଼ି ଆସୁଥିବା ଦୁଇହାତ ପାପୁଲିର ସଂଘାତରେ ମଝିରେ ମଝିରେ ତରଙ୍ଗ ପରି ଚେଇଁ ଉଠୁଥାଏ... ଧି ତାକ୍... ଧି ତାକ... ଧି ତାକ୍... ଶବ୍ଦ।

ଭୋର ମେଘୁଆ ଆକାଶ କୋଣରୁ ଆଲୋକ ଜନ୍ମ ନେଉଥାଏ। ନିରବୀ ସାରିଥାଏ ବର୍ଷା ହେଲେ, ଏହା ଭିତରେ କେତେବେଳେ ରାତିର ବିଦାୟ ଆଉ ସକାଳର ଆସିବାଟା ପ୍ରତି ସମ୍ପୂର୍ଣ୍ଣ ଥାଏ ସେ ଅନ୍ୟମନସ୍କ!

ସେହି ଉଦୟ ଲଗ୍ନରେ ହଠାତ୍ ତା'ର ଦୁଇ ନିମଜ୍ଜିତ ଆଖି କିଛି ଗୋଟେ ଅପୂର୍ବ ପ୍ରାପ୍ତିର ଚମକରେ ଖୋଲି ଉଠିଲା! ଛାଏଁ ତା' ପାଟିରୁ ବାହାରି ଆସିଲା, "ଟପ୍ ଟପର୍ ଟପର୍ ଟପ୍ ଟପ୍.. ଧିନ୍ ତା... ତେରେକେଟେ... ତେରେକେଟେ... ଧିନ୍ ତା... ଧିନ୍ ତା... ଟପ୍ ଟପର୍ ଟପର୍ ଟପ୍ ଟପ୍...!"


ସହରକୁ ଛୁଇଁଥିବା ପ୍ରଥମ ସକାଳ ସହ ମ୍ୟୁନିସପାଲିଟିର ବୁଲଡୋଜରଟି ଆସି ଠିଆହୋଇ ସାରିଥାଏ ଖୋକନ୍‌ର ଏହି ଅବୈଧ ଦୋକାନଘର ସମ୍ମୁଖରେ। ତା'ର ଷଣ୍ଢଆଖି ଉପରମୁହାଁ ହୋଇ ଉଠିବା ଆଗରୁ ଶେଷଥର ପାଇଁ ସେହି ଘରଟି ସିତ୍କାର କରି ଉଠିଥିଲା, "ଧିନ୍ ତାକ୍... ତେରେକେଟେ... ତେରେକେଟେ... ଧିନ୍ ତାକ୍... ଧିନ୍ ତାକ୍... ଟପ୍ ଟପର୍ ଟପର୍ ଟପ୍ ଟପ୍!!" ■

ମୋ: ୯୬୫୮୮୧୦୨୪୪

## ପୁସ୍ତକ ପରିଚୟ

### ଅଚିନ୍ତ୍ୟ ଶ୍ରୀଜଗନ୍ନାଥ

ସଂପାଦନା: ପୀତବାସ ରାଉତରାୟ



ମହାବୀର ପ୍ରକାଶନ
ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୪୦୦ ଟଙ୍କା

ଶ୍ରୀଜଗନ୍ନାଥଙ୍କ ଲୀଳା ବୁଝିବା ଅସମ୍ଭବ। ଭକ୍ତ ଓ ଭଗବାନଙ୍କ ସଂପର୍କ ଅତ୍ୟନ୍ତ ନିବିଡ଼। ମହାପ୍ରଭୁଙ୍କୁ ଭିନ୍ନ ଭିନ୍ନ ରୂପରେ ଭକ୍ତମାନେ ଅନୁଭବ କରିଛନ୍ତି। ସେଭଳି କିଛି ବିରଳ ଅନୁଭବ, ଅନୁଭୂତିକୁ ନେଇ ପୀତବାସ ରାଉତରାୟଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଅଚିନ୍ତ୍ୟ ଶ୍ରୀଜଗନ୍ନାଥ' ପୁସ୍ତକ। ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ, ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବ୍ୟକ୍ତି, ବିଶିଷ୍ଟ କବି, ସାହିତ୍ୟିକ, ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ, ସେବକ, ଅଭିନେତା ପ୍ରମୁଖ ବହୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ଉଚ୍ଚକୋଟୀର, ଗବେଷଣାଧର୍ମୀ, ଅନୁଭବ ଓ ଅନୁଭୂତିମୂଳକ ଲେଖା ଏହି ପୁସ୍ତକରେ ପ୍ରକାଶ ପାଇଛି। 'ମହାମହିମ ରାଷ୍ଟ୍ରପତିଙ୍କ ଭକ୍ତି ସୁମନ', 'ପ୍ରଚ୍ଛଦ ପ୍ରସଙ୍ଗ', 'ପଦ୍ମଶ୍ରୀ ପୁରସ୍କାର ପ୍ରତିଭାଙ୍କ ବୟାନ', 'ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥକାଠ ପାଇଁ ରଚନା ପଠନ', 'ଶ୍ରୀମନ୍ଦିର ପ୍ରଶାସକଙ୍କ ସ୍ମୃତିଚାରଣ', 'ଅପୂର୍ବ ମନ୍ଦିରର ବୟାନ', 'ବାଇଶି ପାହାଚରେ ସୁଭଦ୍ରାଙ୍କ କଥା ଓ କବିତାର ବୟାନ', 'ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚାରି ସୁମନ' ଆଦି ବିଭାଗର ଲେଖାଗୁଡ଼ିକରେ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରକୁ ନେଇ ଅନନ୍ୟ ଅନୁଭୂତି ପ୍ରକାଶ ପାଇଛି। ଏହି ଗ୍ରନ୍ଥଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ହୃଦୟକୁ ଭକ୍ତିଭାବରେ ଆପ୍ଳୁତ କରିବ ନିଶ୍ଚୟ। ■

# ଆତ୍ମ ବିଶ୍ଳେଷଣର ବେଳ



ସ୍ୱୟଂପ୍ରଭା ରଥ

ସ୍ୱପ୍ନ କ'ଣ ନୟନ ଶେଜରେ
ଉଷୁମ ନିଦରେ ଶୋଇପଡ଼ିଥିବା ଆଖିର ପାଣି?
ସ୍ୱପ୍ନ ପରା ତିଳ ତିଳ କରି
ନିଜକୁ ନିଃଶେଷ କରି
ମନ ଇଲାକାରେ ନିତି ଆଙ୍କୁଥିବା
ସୁନେଲି ରାଇଜ
ତୁଷାରଠୁ ମସୃଣ ରୁପେଲି କାହାଣୀ !

ଏମିତି ତାକୁ ଯଦି ଭାଙ୍ଗିବାର ଥିଲା
କାହିଁକି ବଳୀ ପଡ଼ିଗଲା
କଞ୍ଚା ନିଦରୁ ଉଠିଥିବା କୋମଳ ତାରୁଣ୍ୟ
ସବୁଜେଇଯିବା ବୟସରେ କାହିଁ
କାରୁଣ୍ୟରେ ଲିଭିଯାଏ ଦୀପ୍ତ ଅରୁଣ!
ଖଡ଼ ଖଡ଼ କଲେ ଯେବେ କବାଟ ନଖୋଲେ
ତାକୁ ଚିତ୍କାର କରିବାକୁ ହେବ
ଶବ୍ଦ, କବିତା ହାର ମାନିବାକୁ ଅସ୍ୱୀକାର କରନ୍ତି
ତାକୁ ନେଇ ଆଗକୁ ବଢ଼ିବାକୁ ହେବ
ସେ'ଦେଶ ଭକ୍ତ, ଦେଶଦ୍ରୋହୀ ତ ନୁହେଁ!
ଦେଶ ପାଇଁ ପ୍ରାଣବଳୀ ଦେଇପାରିବ
କିନ୍ତୁ ଭ୍ରଷ୍ଟାଚାରରେ ତିଆରି ପୋଲରେ ଚାପି ହୋଇ ନୁହେଁ!

ପରୀକ୍ଷା ଆଗରୁ ପ୍ରଶ୍ନପତ୍ର ଆସି ବଜାରରେ
ଜଙ୍ଗଲ କଟି ଯାଉଛି, ପର୍ବତ ଭାଙ୍ଗିଯାଉଛି
ବିଷାକ୍ତ ରାସାୟନ ଆସି ମିଶିଯାଉଛି ନଦୀର ଜଳରେ!
ଏସବୁ ବିରୁଧରେ ସ୍ୱର ଉତ୍ତୋଳନ କରିବା
କ'ଣ ଦେଶଦ୍ରୋହ?
ଦେଶପ୍ରେମ ନୁହେଁ?

ଦିନ ଦ୍ୱିପ୍ରହରେ ନାବାଳିକାକୁ ଗଣ ଦୁଷ୍କର୍ମ କରିଥିବା
ଜଘନ୍ୟ ଅପରାଧୀ ଆସି ଖୋଲାରେ ବୁଲୁଛି ରାଜରାସ୍ତାରେ
ଦରିଦ୍ର୍ୟରେ, ଆଣ୍ଠୁଏ ପାଣିରେ କାହାଘରେ
ଚାରିଦିନ ହେଲା ଚୂଲି ଜଳିନାହିଁ!
ଅଥଚ ପୁଞ୍ଜିପତି, ନେତା
ଗୋଲାପ ଶେଜରେ, ଗହଳ ନିଦରେ
କୀଟ ପତଙ୍ଗଙ୍କ କଥା ଶୁଣିବାକୁ
ସେମାନଙ୍କର ବା ବେଳ କାହିଁ?
ସମୟରେ ଟ୍ୟାକ୍ସ ଦେଉଥିବା ଲୋକଙ୍କର
କ'ଣ କିଛି କହିବାର ବି ଅଧିକାର ନାହିଁ?
ନିଜ ଭାଗର ନ୍ୟାୟ ଟିକିଏ
ମାଗିବା କ'ଣ ଦେଶଦ୍ରୋହ ?
ଦେଶପ୍ରେମ ନୁହେଁ?

ଆଜି ବିଚାର କରିବାର ବେଳ
ଆତ୍ମ ବିଶ୍ଳେଷଣର ବେଳ!
ମୌନ ମୂକ ପାଷାଣର ଜଡ଼ତା ଛାଡ଼ି ବଞ୍ଚିବାର ବେଳ!
ଧୂଆଁଳିଆ ଦିନର ସୂର୍ଯ୍ୟ ଅପସରି ଯାଉ
ଦିନ ଦିନର ଅନ୍ଧକାର ପୋଛି
ରାତ୍ରୀ ଜ୍ୟୋତ୍ସ୍ନାସ୍ନାତା ହେଉ
ନୂତନ ସମ୍ଭାବନାର ସୂର୍ଯ୍ୟ ଉଇଁଆସି
ପୂର୍ବାକାଶକୁ ଝଟକେଇ ଦେଉ
ଆସ ଆମେ ସ୍ୱାଗତ କରିବା
ଆଉ ଏକ ନୂତନ ସକାଳ !! ■

ଫ୍ଲାଟ୍ ନମ୍ବର -୫୧୩
୭୮ ଡ୍ରିମ୍ସ ଆପାର୍ଟମେଣ୍ଟ
ଘାଟିକିଆ, ଭୁବନେଶ୍ୱର
ମୋ: ୯୪୩୭୪୬୭୮୧୨

# ହରତାଳ



ଯାଦବେନ୍ଦ୍ର ସାହା

ଦେଖୁନ, ମୋର ପୁଣି ଗୋଟେ ଇଚ୍ଛା
ଖୁବ୍ ସାଧାରଣ ଭାବରେ
ହରତାଳରେ ସାମିଲ ହେବାଟା,
ହେଲେ ମୁଁ କେମିତି ଜାଣୁନି ଯେ'
ମଝି ରାସ୍ତାର ଲାଠି ମାଡ଼ରେ
ମୁଣ୍ଡରୁ ଝରଝର ରକ୍ତ ଦେବାକୁ ହେବ।

ପୁଣି କିଛି ହୋ ହାଲ୍ଲା ହେବ, କାନ୍ଦ ବୋବାଳି ହେବ
କିଛି ବନ୍ଧୁଙ୍କ ଭିତରେ ବ୍ୟସ୍ତତା,
ପୁଣି କାହାରି ମନରେ ଚିନ୍ତା ଉଠିବ
ମୋର ରକ୍ତ ନିଥିରି ପଡୁଥିବା ଚିତ୍ରକୁ ଚାହିଁ।

ମୁଁ ମୋ ସ୍ତ୍ରୀକୁ କହିଛି, ଆଦୌ କାନ୍ଦିବୁନି
ମୋର ଯଦି କିଛି ହେଇଯାଏ -
ଯେତିକି ପାରିଛି ପ୍ରେମ ଦେଇଛି,
ସେତିକି ସମ୍ଭାଳି ନେବୁ ଯତନେ
ବାସ ! ଲୁହ ଢାଳି ଦେବୁ କେଇଟା ଦିନ...

ମୋର ବୁଢ଼ା ବାପାକୁ ବୁଝାଇ ଦେଇଛି-
ବାପା ! ଏ ଏକ ସବୁଦିନିଆ ଘଟଣା
ଜମା ମନ ଊଣା କରିବନି,
କେତେ ଥର ବୁଝେଇଛି ବି କେତେଥର
ଭିନ୍ନଭିନ୍ନ ବାଗରେ...

ତଥାପି, ମାଆ ମୋର ରାଗ କରେ
ମୋର ଏଭଳି କଥା ଶୁଣି ଦେଲେ
କୁହେ- ପୁଅ !
କେବେ ଏମିତି କହିବୁନି ?
ମୋ' ଛାତି ଭିତରେ କ'ଣ ଗୋଟେ ଧଡ଼ଧଡ଼ ଶୁଭେ।

ମୁଁ ତା' କଥା ଶୁଣି ହସେ ଓ କୁହେ -
ଶୁଣିଛୁ !
ଦିନେ ଗାନ୍ଧିଜୀଙ୍କ ମୁଣ୍ଡରୁ ବି କୁଆଡ଼େ
ଝର ଝର ରକ୍ତ ଝରିଛି ଲୋ ମାଆ ! ■

ବୋରିଙ୍ଗପଦର, କେସିଙ୍ଗା
କଳାହାଣ୍ଡି
ମୋ: ୯୯୩୮୭୧୧୭୦୫



## ଭାଷାଞ୍ଜଳି

ଦାଶ ବେନହୁର



ଶବ୍ଦସ୍ପର୍ଶ
ଭୁବନେଶ୍ୱର
ପ୍ରକାଶ କାଳ : ୨୦୨୪
ମୂଲ୍ୟ: ୨୦୦ ଟଙ୍କା

ନିଜ ମାତୃଭାଷା ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟକୁ ସ୍ପନ୍ଦିତ କରେ। ସଚେତନଶୀଳ ବ୍ୟକ୍ତିମାନେ ନିଜ ମାତୃଭାଷାକୁ ଭଲ ପାଇବା ସହିତ ତା'ର ସୁରକ୍ଷା, ପ୍ରଚାରପ୍ରସାରକୁ ପ୍ରାଥମିକତା ଦେଇଥାଆନ୍ତି। ମାତୃଭାଷାର ମହନୀୟତା ଓ ମମତ୍ୱବୋଧ ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି ଦାଶ ବେନହୁରଙ୍କ 'ଭାଷାଞ୍ଜଳି' ପୁସ୍ତକର କବିତା ଗୁଡ଼ିକରେ। ମାତୃଭାଷା ପ୍ରତି ଛୋଟ ଛୋଟ ପିଲାଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା, ଭାଷା ପ୍ରତି ଅଙ୍ଗୀକାରବଦ୍ଧତାକୁ ଦୃଢ଼ୀଭୂତ କରିବା, ମାତୃଭାଷା ପ୍ରତି ଅନୁରାଗ ବୃଦ୍ଧି କରିବା, ମମତ୍ୱବୋଧ ଜାଗ୍ରତ କରିବା ପାଇଁ ଏହି ପୁସ୍ତକର କବିତାଗୁଡ଼ିକରେ ପ୍ରକାରାନ୍ତରରେ ପ୍ରେରଣା ରହିଛି। ମାତୃଭାଷାର ମହତ ରକ୍ଷା ପାଇଁ କବି ସାମାଜିକ ଗଣମାଧ୍ୟମରେ ଲେଖିଥିବା ଏହି କବିତାଗୁଡ଼ିକ ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। ମାତୃଭାଷା ହେଉଛି ଗୋଟିଏ ଜାତିର ମହକ, ଜାତିର ଗାଥା, ଜାତିର ପରିଚୟ, ମଥାର ମଣି ସ୍ୱରୂପ। ସରଳ ଓ ବୋଧଗମ୍ୟ ଭାଷା, ଛଳ ଛଳ ଭାବ, ମାତୃଭାଷା ପ୍ରତି ମମତ୍ୱବୋଧ ଜାଗ୍ରତ କରିବାର ମହନୀୟ ଚିନ୍ତାଧାରା ଯୋଗୁଁ କବିତାଗୁଡ଼ିକ ଅଧିକ ହୃଦୟସ୍ପର୍ଶୀ ହୋଇଛି। 'ଭାଷାଞ୍ଜଳି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟ ନିଶ୍ଚୟ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

ମୁଁ କାହିଁକି ଲେଖେ

# "ମୋର ବିଶ୍ୱାସ କବିତା ନିଜକୁ ଲେଖେଇ ନିଏ"



ପ୍ରହଲ୍ଲାଦ ଶତପଥୀ

ପ୍ଲାଟୋଙ୍କ ଉକ୍ତିରୁ ଆରମ୍ଭ କରା ଯାଇପାରେ କବିତାର ଯାତ୍ରା। "Every heart sings a song, incomplete until another heart whispers back. Those who wish to sing always finds a song. At the touch of a lover, everyman becomes a poet."

ଯିଏ ଗୀତ ଗାଇବାକୁ ଚାହେଁ, ସର୍ବଦା ଗୀତଟିଏ ପାଇଯାଏ। ପ୍ରେମାସ୍ପଦର ସ୍ପର୍ଶ ପାଇଲେ, ପ୍ରତ୍ୟେକ ମଣିଷ କବି ପାଲଟି ଯାଏ। ମୋ' କ୍ଷେତ୍ରରେ ସେଇମିତି ଘଟିଛି। ଯେମିତି ବିଧିବଦ୍ଧ ଯୋଜନା ପ୍ରେମ ପାଇଁ ନ ଥିଲା, କବିତା ଲେଖା ବି ଆକସ୍ମିକ ଥିଲା। ହଠାତ୍ କବିତାର ପ୍ରେମରେ ପଡ଼ିଲି। ମୋର ବିଶ୍ୱାସ କବିତା ନିଜକୁ ଲେଖେଇ ନିଏ। କବି ମାଧ୍ୟମଟିଏ।

ହଁ, କବିତା ମୋ' ପାଇଁ ଏକ ସୁନ୍ଦର ଆକସ୍ମିକ। ମୁଁ କେବଳ ମାଧ୍ୟମ ଟିଏ। ମୁଁ ନିଜେ ହିଁ ସେଇ କବିତା ଯାହାକୁ ମୁଁ ଲେଖି ଚାଲିଛି ଅନବରତ।

ମୋର ବିଶ୍ୱାସ କବିତା ଶବ୍ଦ ହୋଇ, ଧ୍ୱନି, ରୂପକଳ୍ପ ହୋଇ ଥାଏ କୋଉଠି ନା କୋଉଠି। କବିତା ଲେଖିଲା ବେଳେ ସେମାନେ କବି ପାଖକୁ ଆସନ୍ତି, ଓ ଲେଖା ସରିଲା ପରେ ଚାଲି ଯାଆନ୍ତି ଯିଏ ଯାର ଜାଗାକୁ। କବିତା ଲେଖା ଜାରି ଥାଏ।

ପ୍ରକୃତରେ କବିତା କ'ଣ ଭାଷାରେ ସୀମିତ ଥାଏ?

କବିତା ଘୂରୁ ଥାଏ ନିମଗ୍ନ ହୋଇ କେଉଁ ଏକ ଘୂର୍ଣ୍ଣି ଝଡ଼ରେ, ଧୂଳିର ପ୍ରତିଟି ଅଣୁରେ, ପବନ ସହ ତାଳ ଦେଇ ନାଚୁ ଥାଏ, ଡାଳ ପତ୍ର ସନ୍ଧି ରେ, ନିର୍ଦ୍ଦିଷ୍ଟ କେଉଁ ଏକ ରିୟାଜ୍‌ରେ, ନୀରବରେ, ତପସ୍ୱୀ ପରି, ଗଛ ବସିଥିବା ବେଳେ, ଯୋଗ ମୁଦ୍ରାରେ।

ମୁଁ ଲେଖୁ ନ ଥିବା ବେଳେ, କ'ଣ କବିତା ଲେଖା ଚାଲିନି?

ମୁଁ ଯାହାକୁ ଅନାଉଛି, ତା' ଆଖିରେ କବିତା ଦେଖୁଛି। କୋଦାଳ ନେଇ ମାଟି ହାଣୁଥିବା ହାତ, ଚାରା ରୋପୁଥିବା ଆଙ୍ଗୁଳି, ଫୁଲ ଫୁଟଉଥିବା ଗଛ, ପତ୍ରରେ ନିଜସ୍ୱ ଅଙ୍ଗ ପ୍ରତ୍ୟଙ୍ଗକୁ ଢାଙ୍କୁ ଥିବା ନଙ୍ଗଳା ଡାଳ, ନୂଆଁ ହୋଇ ଉଡ଼ି ଶିଖୁଥିବା ପକ୍ଷୀ, ମାଟି ଭିତରକୁ ପଶୁଥିବା କୀଟ, ଗୋଟାଏ ଉଦାସ ସନ୍ଧ୍ୟାକୁ କୂଳରେ ଅପେକ୍ଷା କରିଥିବା ନଈ, ଦିଓଟି ପାହାଡ଼ ସନ୍ଧିରେ ଉଦିବାକୁ ଥିବା ସୂର୍ଯ୍ୟ, ରାବିବାକୁ ଉଦ୍ୟମରତ ପକ୍ଷୀ, ସଭିଁଏ କବିତା ଯେଉଁମାନଙ୍କୁ ମୁଁ ଲେଖିନି, ଅଥଚ ସେମାନେ କବିତା ନିଜ ନିଜ ବାଗରେ।

କବିତା ନୂଆଁ ଦୃଷ୍ଟିକୋଣ ଦିଏ। ସାଧାରଣ ଘଟଣାକୁ ଅସାଧାରଣ କରିପାରେ। କବିତା ଜରିଆରେ ନକରାତ୍ମକ ଆବେଗ ସବୁ ସକରାତ୍ମକ ଅନେକାଂଶରେ ହୋଇପଡ଼େ ଓ ମନ ହାଲୁକା ହୋଇପଡ଼େ। କବିତା ମଣିଷ ଭିତରେ ସମବେଦନା ଜାଗ୍ରତ କରେ।

ଦୃଶ୍ୟମାନ ଜଗତ ପଛର ଅଦୃଶ୍ୟ ସତ୍ୟକୁ କବିତା ମାଧ୍ୟମରେ ଖୋଜିହୁଏ। ଏକାକୀପଣରୁ ମୁକ୍ତି ଦିଏ ଓ ସମ୍ପର୍କରେ ସେତୁ ତିଆରି କରେ। ଶବ୍ଦ ସେତୁ ସଦୃଶ ମଣିଷ ମଣିଷ ଭିତରେ, ଜୀବନ ଓ ଜୀବନ ଭିତରେ ସବୁବେଳେ ରହିଥାଏ। କବିତା ସମୟର ସାକ୍ଷୀ।

ମୁଁ କେବେବି ପଚାରିନି କବିତାକୁ, ଏତେ ଲୋକ ଥାଉ ଥାଉ ମୋତେ କିଆଁ ମାଧ୍ୟମ କଲା। ତେବେ କବିତା ଜରିଆରେ ମୁଁ ମୋର ଶାବ୍ଦିକ କୃତଜ୍ଞତା, ମଣିଷ ସ୍ଥାବର ଜଙ୍ଗମ କୀଟ ପତଙ୍ଗ ସଭିଙ୍କୁ ଜଣେଇବାର ସୁଯୋଗ ପାଇଲି। ହୃଦୟରେ ଅନ୍ୟ ଏକ ହୃଦୟକୁ କେମିତି ରୋପି ଦିଆଯାଇପାରେ, କବିତା ଶିଖେଇଲା। ବିଶ୍ୱାସ ଟିକକ ଛାତିରେ ଅଙ୍କୁରେଇବାର ପ୍ରଚେଷ୍ଟା ଜାରି ଥାଉ, ସେଇଥି ପାଇଁ ହୁଏତ କବିତାର ପାଖେ ପାଖେ ରହିଛି। କଳା ଜହ୍ନାଟିଏ ମାଡ଼ି ଯାଉଛି ଆଗକୁ, ତା' ପାଇଁ ଅଙ୍କୁରେଇବାକୁ ହେବ ଦାନା, ନଙ୍ଗଳା ବୁଭୁକ୍ଷିତ କଙ୍କଡ଼ା ବିଛାମାନଙ୍କ ପାଇଁ ଅଙ୍କୁରେଇବାକୁ ହେବ କନା, ଲହ ଲହକା ଲହଁପି ଯାଉଥିବା ଅଙ୍ଗ ପ୍ରତ୍ୟଙ୍ଗମାନଙ୍କ ପାଇଁ ଛାଉଣି, ଶିଶିର ପାଇଁ ଅଙ୍କୁରେଇବାକୁ ହେବ ଦୁବଘାସର ହୃଦୟ। ରାତି ଅଧରେ ରାସ୍ତାରେ ଚରି ବୁଲୁଥିବା ଭୟମାନଙ୍କ ପାଇଁ ଅଙ୍କୁରେଇବାକୁ ହେବ ବିଶ୍ୱାସ।

ବେଳେବେଳେ ମନରେ ପ୍ରଶ୍ନ ଆସେ, ଆମେ କାହିଁକି ଲେଖୁ, ଯେତେବେଳେ ଲେଖିବା ନ ଲେଖିବା ଏକା ପରି ଲାଗୁଛି। ସହରଟିଏ ଅନ୍ଧ ମୂକ ବଧିର ସାଜୁଛି, ଯେତେବେଳେ ଉଜୁଡ଼ି ଯାଉଛି କ୍ଷେତ, ସବୁଜ ପତ୍ର ସବୁକୁ ଚରି ଯାଉଛନ୍ତି ପୋକ, ଯେତେବେଳେ ବର୍ବର ହାତ ଅଲଗା କରି ଦେଉଛି ସର୍ବାଙ୍ଗ, ଆଖି ଓଠ ହୃତପିଣ୍ଡ। ଆମେ କାହିଁକି ଲେଖୁଛୁ ଯେତେବେଳେ ଲୋକେ ଅକ୍ଷର ଭୁଲିଗଲେଣି ଶବ୍ଦର, ଭାଷା ଭୁଲିଗଲେଣି କବିତାର। ଗଜୁରିବାର ନ୍ୟାର୍ଯ୍ୟ ଦାବିରୁ ବଞ୍ଚିତ କରୁଛନ୍ତି ଚାରାକୁ, ରୋପିବାର ମନ୍ତ୍ର ଭୁଲିଗଲେଣି, ତିରସ୍କାର କରି ବସିଲେଣି ଦୋରସା ମାଟିର ମହନୀୟତାକୁ। ଆମେ କାହିଁକି ଲେଖୁଛେ?

ଯେତେବେଳେ ଉପଭୋକ୍ତା ସଂସ୍କୃତିର ବିରାଟ ଆଁ ଭିତରକୁ ପଶି ସବୁକିଛି କ୍ଷଣିକେ ଲୀନ ହେଇ ବସୁଛି।। ଜଣେ ଶିଳ୍ପପତିଙ୍କ ଚାରି ହଜାର କୋଟିର କୋଠା, ସେପଟେ ହଜାର ହଜାର କୋଟିର ନିଦୁଆ ଆଖିପତା, ଡ୍ରଇଂ ରୁମ୍ କାନ୍ଥରେ ପୁଞ୍ଜିବାଦର ସାଇତା ଜଳପ୍ରପାତ, ଗୋଟାଏ ପଟେ ପଞ୍ଚାବନ ପ୍ରତିଶତ ଲୋକଙ୍କ ମୁଣ୍ଡ ପିଛା ଖର୍ଚ୍ଚ ମାତ୍ର ସତର, ସେପଟେ ଦ୍ୱୈତ ଅର୍ଥନୀତି, ଦାରିଦ୍ର୍ୟର ସୀମାରେଖା ଟପି ପାରୁ ନ ଥିବା ହସ, ବଜାରୀକରଣର।

ଆମେ କାହିଁକି ଲେଖୁଛେ, ଯେତେବେଳେ ଗମଲାରେ ପାହାଡ଼ଗୁଡିକକୁ ସଜାଉଛି ରାଜ୍ୟ, ସେଲୁନରେ ଗଛମାନଙ୍କୁ ଟ୍ରିମିଂ କରୁଛି ରାଜଧାନୀ। ଯେତେବେଳେ ଅଧିବାସୀ ଜଳ ଜମି ଜଙ୍ଗଲକୁ ନେଇ ସରକାର ବିରୁଦ୍ଧରେ ଯୁଦ୍ଧ ଘୋଷଣାରତ ଏକ ଲଜୁଆ ଅପଶବ୍ଦ।

ଏମିତି ଏକ ବାସ୍ତବିକତା ସହ ମୁଁ ଆମେ ସଭିଏଁ ଯୁଝୁଥିବା ବେଳେ, ଯଦି କବିଟିଏ ଓଠ ପିଠିରେ ଜହ୍ନ ନେଇ ଫେରୁଛି ଓ ଓହ୍ଲେଇ ଦେଉଛି ଆକାଶ, ଛାଟି ଦେଉଛି ଇନ୍ଦ୍ରଧନୁର ତମ୍ବୁ, ଶବ୍ଦର ଚଞ୍ଚୁ ଘସା ଘଷି ରେ ପାହି ଯାଉଛି ରାତି, ଶୁଣୁଛି ସକାଳ ନଈର, କାକଳିର, ଶୁଣୁଛି ସକାଳ କଲ୍ଲୋଳର ଓ କହୁଛି, ଶବ୍ଦ ବି ଭୋକ ମେଣ୍ଟାଇ ପାରେ ଗୋଟାଏ ସଭ୍ୟତାର, ଖାଲି ଶବ୍ଦ ପ୍ରତି ସଭ୍ୟତାର ଭୋକ ଥିବା କଥା, ତାକୁ ପଚାରନା, ସେ କାହିଁକି ଲେଖେ? ■

ଟିକ୍ରାପରା,
ପୋ/ଜି: ବଲାଙ୍ଗୀର, ୭୬୭୦୦୧
ମୋ: ୯୪୩୭୧୫୦୯୫୧

## ନିଟ୍-ପିଜି ପରୀକ୍ଷା ପ୍ରସ୍ତୁତିର ସମୀକ୍ଷା କଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା

ନୂଆଦିଲ୍ଲୀ,୧।୮(ଏଜେନ୍ସି): ନିଟ୍-ପିଜି ୨୦୨୬ ଅଗଷ୍ଟ ୩୦ରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ପରୀକ୍ଷା ପରିଚାଳନା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡା ଶନିବାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ପରୀକ୍ଷା ପରିଚାଳନାକୁ ସ୍ୱଚ୍ଛ, ସୁରକ୍ଷିତ ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ କରିବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ମୋଟ ୨,୭୩,୧୮୩ ଜଣ ପରୀକ୍ଷାର୍ଥୀ ନିଟ୍-ପିଜି ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ଗତବର୍ଷ ତୁଳନାରେ ଏହି ସଂଖ୍ୟା ୧୨.୫% ବୃଦ୍ଧି ପାଇଥିବା କୁହାଯାଇଛି। ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ଦେଶର ପ୍ରାୟ ୩୪୦ଟି ସହରର ୧,୩୦୦ରୁ ଅଧିକ କେନ୍ଦ୍ରରେ ଏହି ପରୀକ୍ଷା ଗୋଟିଏ ସିଫ୍ଟରେ ପରିଚାଳିତ ହେବ। ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ପରୀକ୍ଷାର୍ଥୀମାନେ ନିଜ ଘର ନିକଟସ୍ଥ ପରୀକ୍ଷା କେନ୍ଦ୍ର ପାଇଁ ୩ଟି ରାଜ୍ୟ ଚୟନ କରିପାରିବେ। ପରୀକ୍ଷାର ପ୍ରାୟ ୩ ସପ୍ତାହ ପୂର୍ବରୁ ପରୀକ୍ଷା କେନ୍ଦ୍ର ବିଷୟରେ ସୂଚନା ପ୍ରଦାନ କରାଯିବ। ପରୀକ୍ଷାକୁ ଅଧିକ ସୁବିଧାଜନକ କରିବା ପାଇଁ ୧୮୦ଟି ପ୍ରଶ୍ନ ପାଇଁ ୨୧୦ ମିନିଟ୍ ସମୟ ଧାର୍ଯ୍ୟ କରାଯାଇଛି। ଫଳରେ ପରୀକ୍ଷାର୍ଥୀମାନେ ପ୍ରତି ପ୍ରଶ୍ନ ପାଇଁ ଅଧିକ ସମୟ ପାଇବେ। ମନ୍ତ୍ରୀ ଜେପି ନଡ୍ଡା ପରୀକ୍ଷାର୍ଥୀମାନଙ୍କୁ କୌଣସି ପ୍ରକାର ଗୁଜବ କିମ୍ବା ଜାଲିଆତିର ଶିକାର ନହେବାକୁ ଅନୁରୋଧ କରିଛନ୍ତି। ପ୍ରଶ୍ନପତ୍ରର ଗୋପନୀୟତା ଏବଂ ସୁରକ୍ଷା ନେଇ ସେ ଆଶ୍ୱାସନା ଦେଇଛନ୍ତି। ସୁରକ୍ଷା ପାଇଁ ଆଧାର ଭିତ୍ତିକ ବାୟୋମେଟ୍ରିକ୍ ଏବଂ ଆଇରିସ୍ ଯାଞ୍ଚ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ୬୦,୦୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସହ ସିସିଟିଭି ଏବଂ ସିଗନାଲ୍ ଜାମର୍ ବ୍ୟବହାର କରାଯିବ। କୌଣସି ଅସାଧୁ କାର୍ଯ୍ୟକଳାପ ସମ୍ପର୍କରେ ରିପୋର୍ଟ କରିବା ପାଇଁ ଏନ୍‌ବିଇଏମ୍‌ଏସ୍ ପକ୍ଷରୁ ସ୍ୱତନ୍ତ୍ର ଇମେଲ୍ କାର୍ଯ୍ୟକାରୀ କରାଯାଇଛି।

**ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଘୋଷଣା**

## ପୋଖରୀକୁ ବାଇକ୍ ଖସି ୩ ମୃତ

ବାରିପଦା/କୁଆମରା, ୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଗ୍ରାମରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁଆମରା ଗ୍ରାମର ସହଦେବ ସିଂ, ଶକ୍ତି ସିଂ ଓ ରଘୁ ସିଂ। କୁଆମରା ହାଟ ସାରି ସମସ୍ତେ ଏକ କେଟିଏମ୍ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ନିଶାସକ୍ତ ଅବସ୍ଥାରେ ବେପରୁଆ ଚାଳନା ଓ ଦ୍ରୁତ ଗତି ପାଇଁ ଗାଁ ପୋଷ୍ଟ ଅଫିସ ନିକଟ କଲଭରର୍ଟରେ ନିୟନ୍ତ୍ରଣ ହରାଇ ବାଇକ୍‌ଟି ରାସ୍ତା ପାଶ୍ୱର୍ ପାଚେରିରେ ପିଟି ହୋଇ ପାଖ ପୋଖରୀ ଭିତରକୁ ଖସିପଡ଼ିଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ବାଇକ୍‌ରେ ଥିବା ତିନିଜଣ ଯୁବକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୁଣ୍ଟା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ମଧ୍ୟରୁ ମୃତଦେହ ଓ ବାଇକ୍‌କୁ ଉଦ୍ଧାର କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। କୁଆମରା ଡାକ୍ତରଖାନାରେ ତିନିଜଣଙ୍କୁ ମୃତ ଘୋଷଣା କରାଯାଇଛି। ଖୁଣ୍ଟା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। କୁଆମରା ଅଞ୍ଚଳରେ ଚୋରାମଦ ବିକ୍ରି ବନ୍ଦ ପାଇଁ ସାଧାରଣରେ ଦାବି ହୋଇଛି।



**ଶାଳୀନତା ଭୁଲିଗଲେ ଯୋଗାଣ ମନ୍ତ୍ରୀ**

## ସର୍ବସମ୍ମୁଖରେ ଅଧିକାରୀଙ୍କୁ କହିଲେ ଅପଶବ୍ଦ

ଢେଙ୍କାନାଳ,୧।୮(ସମିସ): ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ବିବାଦ ପିଛା ଛାଡୁନି। ଅତୀତରେ ଆଳୁ, ପିଆଜ ଦର ବୃଦ୍ଧି ଓ ଯୋଗାଣ ସଂକଟ, ପିଡିଏସ୍ ସାମଗ୍ରୀ ବଣ୍ଟନ ଅନିୟମିତତା, ଚାଷୀ ପଞ୍ଜୀକରଣ, ଇ-କେୱାଇସି, ସାର ସଂକଟ ଆଦି ବିଭିନ୍ନ ପ୍ରସଙ୍ଗରେ ବାତୁଳା ମନ୍ତବ୍ୟ ଦେଇ ସମାଲୋଚନାର ଶୀକାର ହୋଇଥିବା ମନ୍ତ୍ରୀ ଶ୍ରୀ ପାତ୍ର ପୁଣି ଚର୍ଚ୍ଚାକୁ ଆସିଛନ୍ତି।

ସେ ନିଜ ଶାଳୀନତା ଭୁଲି ସର୍ବସମ୍ମୁଖରେ ଦୁଇ ବରିଷ୍ଠ ଅଧିକାରୀଙ୍କୁ ଅପଶବ୍ଦ ପ୍ରୟୋଗ କରିଥିବା ଭଳି ସଙ୍ଗୀନ ଘଟଣା ସାମ୍ନାକୁ ଆସିଛି। ମନ୍ତ୍ରୀ ଶ୍ରୀ ପାତ୍ର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ 'ଚୁପ୍ ବେ' ବୋଲି କହିବା ସହ ବଦଳି କରିଦେବାକୁ ଧମକ ମଧ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକର ପିଇଓମାନେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ କାଇମାଟି ପଞ୍ଚାୟତ ଗହମଖୁଣ୍ଟି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଖବର ପାଇ ମନ୍ତ୍ରୀ ସମୀକ୍ଷା କରିବାକୁ ସେଠାକୁ ଯାଇଥିଲେ। ଗରିବ ତଥା ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ଜାଣିବା ପରେ ସେ ବିଡିଓ ରାହୁଲ ମଣ୍ଡଳ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱର୍ଣ୍ଣପ୍ରଭା ସାହୁଙ୍କ ତାଗିଦ କରିଥିଲେ। ଏପରିକି ଗ୍ରାମବାସୀଙ୍କ ସମ୍ମୁଖରେ ବିଡିଓଙ୍କୁ ବଦଳି କରିଦେବେ ବୋଲି ମଧ ଧମକ ଦେଇଥିଲେ।

ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପାତ୍ର କହିଲେ, ଆମେ ଚାହୁଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗରିବ ଲୋକମାନେ ପାଆନ୍ତୁ। ଗରିବ ଲୋକଙ୍କ ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି। କିନ୍ତୁ ସର୍ଭେ ସମୟରେ ଅଧିକାରୀମାନେ ଭୁଲ୍ କରିଛନ୍ତି। ସେଥିପାଇଁ ତାଗିଦ କରିଥିବା କହିଥିଲେ।

## ୬ ମାସରେ ୧୭,୫୯୦ ନିଖୋଜ ମହିଳା ଓ ଶିଶୁ ଉଦ୍ଧାର

କଟକ,୧।୮(ସମିସ): ପରିବାରଠାରୁ ବିଚ୍ଛିନ୍ନ ତଥା ନିଖୋଜ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃମିଳନ କରାଇବାରେ ଓଡ଼ିଶା ପୁଲିସ ସଫଳତା ହାସଲ କରିଛି। ଗତ ଜାନୁଆରୀରୁ ଜୁନ ୬ମାସ ମଧ୍ୟରେ ମୋଟ ୧୭ହଜାର ୫୯୦ଜଣ ନିଖୋଜ ମହିଳା ଓ ଶିଶୁ ଉଦ୍ଧାର ହୋଇଛନ୍ତି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନ ଏବଂ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ତଦନ୍ତ, ଆନ୍ତଃରାଜ୍ୟ ସମନ୍ୱୟ ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ରାଜ୍ୟରେ ମୋଟ ୪,୮୭୩ ଜଣ ଶିଶୁ (୫୩୮ ନାବାଳକ, ୪,୩୩୪ ନାବାଳିକା ଏବଂ ୧ ଜଣ ଟ୍ରାନ୍ସଜେଣ୍ଡର) ନିଖୋଜ ହୋଇଥିବା ନେଇ ରିପୋର୍ଟ ହୋଇଥିବାବେଳେ, ଓଡ଼ିଶା ପୁଲିସ ତତ୍ପରତା ପ୍ରକାଶ କରି ଏହି ସମୟ ମଧ୍ୟରେ ମୋଟ ୫,୪୧୩ ଜଣ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଶିଶୁ ଉଦ୍ଧାର କ୍ଷେତ୍ରରେ ପୁରୀ ଜିଲ୍ଲା (୧୧୬୧), ଯୁପିଡି ଭୁବନେଶ୍ୱର (୩୯୯) ଏବଂ ମୟୂରଭଞ୍ଜ (୨୭୮) ଜିଲ୍ଲା ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସେହିପରି ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ରାଜ୍ୟରେ ୧୦,୬୦୫ ଜଣ ମହିଳା ନିଖୋଜ ହୋଇଥିବାବେଳେ, ଓଡ଼ିଶା ପୁଲିସ ଦକ୍ଷତାର ସହ ୧୨,୧୭୭ ଜଣ ନିଖୋଜ ମହିଳାଙ୍କୁ ଉଦ୍ଧାର କରିଛି। ମହିଳା ଉଦ୍ଧାର କ୍ଷେତ୍ରରେ ପୁରୀ ଜିଲ୍ଲା (୩୭୧୩), ଯାଜପୁର (୮୨୦) ଏବଂ ଗଞ୍ଜାମ (୫୮୧) ଜିଲ୍ଲା ସର୍ବାଧିକ ସଫଳତା ହାସଲ କରିଛନ୍ତି। ସମୁଦାୟ ୧୧୬୧ ଜଣ ଶିଶୁ ଏବଂ ୩୭୧୩ ଜଣ ମହିଳାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ରାଜ୍ୟରେ ସର୍ବଶ୍ରେଷ୍ଠ ଜିଲ୍ଲା ଭାବେ ପରିଗଣିତ ହୋଇଛି।

ନିଖୋଜ ମହିଳା ଓ ଶିଶୁଙ୍କୁ ଖୋଜି ବାହାର କରିବା ମହିଳା ଓ ଶିଶୁ ସୁରକ୍ଷା ଶାଖା ପକ୍ଷରୁ ନିୟମିତ ଭାବେ 'ଅପରେସନ୍ ଅନ୍ୱେଷଣ' ସ୍ୱତନ୍ତ୍ର ଅଭିଯାନ କରାଯାଉଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ୨ଟି ସ୍ୱତନ୍ତ୍ର ଅଭିଯାନ କରାଯାଇଥିବା ବେଳେ ଗତ ୧୮.୦୭.୨୦୨୬ ରୁ ୨୨.୦୭.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ଅପରେସନରେ ୩୨୧ ଜଣ ନିଖୋଜ ଶିଶୁ (୩୫ ନାବାଳକ, ୨୮୬ ନାବାଳିକା) ଏବଂ ୨,୪୩୪ ଜଣ ନିଖୋଜ ମହିଳାଙ୍କୁ ପୋଲିସ ସଫଳତାର ସହ ଉଦ୍ଧାର କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହିମସ୍ଖଳନରେ ଚାଲିଗଲା...

ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ସମସ୍ତ ୧୪ଟି ଶିଖରକୁ ମାତ୍ର ଛଅ ମାସରେ ଆରୋହଣ କରି ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଥିଲେ। ପରେ ତାଙ୍କ ଏହି ଅସାଧାରଣ ସଫଳତା ଉପରେ ନିର୍ମିତ ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ଲୋକପ୍ରିୟତା ଲାଭ କରିଥିଲା। ଶୀତକାଳରେ ବିଶ୍ୱର ଦ୍ୱିତୀୟ ଉଚ୍ଚତମ ଶିଖର କେ–୨କୁ ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ନେପାଳୀ ଦଳ ସହ ଆରୋହଣ କରିଥିବା ବୀରମାନଙ୍କ ମଧ୍ୟରେ ମଧ ସେ ସାମିଲ ଥିଲେ। ନିର୍ମଳ ପୁର୍ଜାଙ୍କ ଅକାଳ ବିୟୋଗକୁ ପର୍ବତାରୋହଣ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କୁହାଯାଉଛି।

### କମୁଛି ପାଣି...

ହୀରାକୁଦ ବନ୍ଧ ପାଇଁ ଚଳିତ ବର୍ଷ ଏକ ବଡ଼ ବନ୍ୟା ଦାଉରୁ ଆମେ ରକ୍ଷା ପାଇଛନ୍ତି। ଆମେ ଧୈର୍ଯ୍ୟର ସହ ହୀରାକୁଦ ବନ୍ଧର ପରିଚାଳନା କରିଥିଲୁ। ଯାହାଫଳରେ ଆମେ ତଳମୁଣ୍ଡରେ ବନ୍ୟାକୁ ଏଡ଼ାଇ ଦେଇପାରିଛୁ। ହୀରାକୁଦରେ ଏବେ ୬୨୫ .୨୧ ଫୁଟ ପାଣି ଅଛି। ଉପରମୁଣ୍ଡରୁ ମଧ ପାଣି କମିଛି। ଗତକାଲି ୨୨ ଗେଟ ଖୋଲା ଥିଲା। ଦୁଇ ଦିନ ଯାଏଁ ଆଉ ଗେଟ ବନ୍ଦ ହେବନି। ଆସନ୍ତା ୩ ତାରିଖ ବେଳକୁ ଏହା ୬୧୮ ଫୁଟକୁ ଜଳସ୍ତର ଖସିବା ନେଇ ଆମେ ଲକ୍ଷ୍ୟ ରଖିଛୁ। ତେବେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ତଳିଆ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ଦେଖାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅପରପକ୍ଷେ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବନ୍ୟାରେ ମୋଟ ୯ଟି ଜିଲ୍ଲାର ୪୫ ଟି ବ୍ଲକ୍ ଅନ୍ତର୍ଗତ ୩୩୧ ଟି ଗ୍ରାମ ପଞ୍ଚାୟତର ୧୩୪୧ ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ତା ମଧ୍ୟରେ ୪୮୮୬୮ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବରେ ୫ ଟି ବଡ଼ ପ୍ରାଣୀ, ୧୨୦ ଟି ଛୋଟ ପ୍ରାଣୀ ଓ ୮୦୯୦୦ ଟି କୁକୁଡ଼ାଙ୍କର ମୃତ୍ୟୁ ଘଟିଛି। ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡିକୁ ୮୦୦ ମେଟ୍ରିକ ଟନ ଗୋ ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୭୩.୨ କ୍ୱିଣ୍ଟାଲ ସବୁଜ ଘାସ ଏବଂ ୧୩.୯ କ୍ୱିଣ୍ଟାଲ ଶୁଖିଲା ଘାସ ଓ ନଡା ବଣ୍ଟନ କରାଯାଇଛି। ଏହି ବନ୍ୟା ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ସେବା ପାଇଁ ୫୮ଟି ରାପିଡ୍ ରେସପନ୍ସ ଟିମ୍ ମୁତୟନ କରାଯାଇଥିବା ବେଳେ ୨୪୫ ଟି ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇ ୧୫୧୭୯ ଟି ପ୍ରାଣୀଙ୍କର ଚିକିତ୍ସା କରାଯାଇଛି ବୋଲି ରାଜ୍ୟ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୯୩ ପ୍ରତିଶତ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇଥିବା ଶକ୍ତି ବିଭାଗ ସୂଚନା ଦେଇଛି। ରାଜ୍ୟ ସରକାର ପ୍ରଭାବିତ ଅଞ୍ଚଳରେ ନିରାପଦ ପାନୀୟକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ରାଜ୍ୟସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି ବୋଲି ସୂଚନା ମିଳିଛି।

### ଆକାଶମାର୍ଗରୁ ବନ୍ୟା...

ସୁଧୁରୁଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି। ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଞ୍ଚଳଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ ସତର୍କ ଦୃଷ୍ଟି ରଖାଯାଇଛି। ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବନ୍ୟାରେ ଉଦ୍ଧାର କାର୍ଯ୍ୟରେ ୧୭ଟି ଓଡ୍ରାଫ, ୭ଟି ଏନଡିଆରଏଫ ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ଅଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲି' ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ସେ କହିଥିଲେ। ବନ୍ୟା ପ୍ରପୀଡ଼ିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ୍, ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ଯୋଗାଇଦିଆଯାଉଛି। କ୍ଷତିଗ୍ରସ୍ତ ରାସ୍ତାଗୁଡିକୁ ମଧ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନ ଉପୁଜେ ସେଥିପାଇଁ ମଧ ତୀକ୍ଷ୍ଣ ନଜର ରଖାଯାଇଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁ ବନ୍ୟାଜନିତ ବଡ କ୍ଷୟକ୍ଷତିକୁ ରୋକାଯାଇ ପାରିଛି ବୋଲି ସେ କହିଥିଲେ।

### ୨୦୨୯ ସୁଦ୍ଧା...

ଏହି କାର୍ଯ୍ୟକ୍ରମ ପାଇଁ ମୋଟ ୨୯୯୫ କୋଟିର ବ୍ୟୟବରାଦକୁ ଅନୁମୋଦନ ମିଳିଛି। ଯୋଜନା ଅଧୀନରେ ପ୍ରତ୍ୟେକ ପରିବାରକୁ ୩୦ ହଜାର କୋଟିର ଅନୁଦାନ ରାଶିକୁ ଦୁଇଟି ସମାନ କିସ୍ତିରେ ପ୍ରଦାନ କରାଯିବ। ପିଭିଟିଜିମାନଙ୍କ ଭିତ୍ତିଭୂମି ଉନ୍ନୟନ ପାଇଁ ୫୦୦ କୋଟିର ଏକ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା ମଧ ଏଥିରେ କରାଯାଇଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ କ୍ରମେ ରାଜ୍ୟ କ୍ଷେତ୍ର ଯୋଜନା ଯଥା 'କୃଷି ଯନ୍ତ୍ରପାତି, ଉପକରଣ ଏବଂ ଡିଜେଲ ପମ୍ପସେଟର ଲୋକପ୍ରିୟକରଣ' ଯୋଜନାକୁ ଆଉ ୫ ବର୍ଷ ବୃଦ୍ଧି ପାଇଁ ଅନୁମୋଦନ ଦେଇଛି କ୍ୟାବିନେଟ। କୃଷି ଯାନ୍ତ୍ରିକୀକରଣକୁ ଆହୁରି ସୁଦୃଢ଼ କରିବା ଏବଂ ଏହି ଯୋଜନା ମାଧ୍ୟମରେ ହାସଲ ହୋଇଥିବା ଅଗ୍ରଗତିକୁ ବଜାୟ ରଖିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଏଥିପାଇଁ ୨୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଥିବାବେଳେ ଏଥିରେ ୩୭୯୦୦୦ ଜଣ କୃଷକଙ୍କୁ ଉପକୃତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଭାବେ କ୍ୟାବିନେଟରେ ଜଳସମ୍ପଦ ବିଭାଗର ୪ଟି ପ୍ରସ୍ତାବକୁ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ। ତନ୍ମଧ୍ୟରେ ଦୁଇଟି ପ୍ରସ୍ତାବ ଅଧିନରେ କ୍ଲଷ୍ଟର-୩୪ ଏବଂ କ୍ଲଷ୍ଟର-୩୫ ମାଧ୍ୟମରେ ପୁରୀ, ଖୋର୍ଦ୍ଧା, ରାୟଗଡା ଓ ଗଜପତି ଜିଲ୍ଲାରେ ମୋଟ ୯ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ୩୬୭ କୋଟି ୯୮ ଲକ୍ଷ ୬୯୬୮୪ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହାଦ୍ୱାରା ୧୧୭୫୦ ହେକ୍ଟର ଚାଷଜମିରେ ଜଳସେଚନ ଉପଲବ୍ଧ ହେବ। ସେହିପରି ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧୀନରେ ସାଳନ୍ଦୀ ବାମ ମୁଖ୍ୟ କେନାଲରେ ୧୫ .୮ ରୁ ଅଧିକ କିଲୋମିଟର ଲମ୍ବର ଭୂତଳ ପାଇପଲାଇନ ବ୍ୟବସ୍ଥା(ୟୁଜିପିଏଲ) ଦ୍ୱାରା ବିତରଣ ପ୍ରଣାଳୀ ନିର୍ମାଣ କରାଯିବ। ଏ ସମ୍ପର୍କିତ ୨ଟି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୧୨୨୩ ହେକ୍ଟର ଚାଷଜମି ଜଳସେଚିତ ହେବ ବୋଲି ଜଣାପଡ଼ିଛି।

ସେହିପରି ବ୍ୟବସାୟକୁ ସୁଗମ କରିବା ସହ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ ଆଇନ-୨୦୧୭ରେ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଜିଏସଟି ପରିଷଦର ୫୬ତମ ବୈଠକର ସୁପାରିସ ଆଧାରରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଯାହାଫଳରେ ଏଣିକି ବିକ୍ରୟ ପରବର୍ତ୍ତୀ ରିହାତି କ୍ଷେତ୍ରରେ ପୁରୁଣା ଇନ୍‌ଭଏସ୍ କିମ୍ବା ଚୁକ୍ତିନାମା ସହ ସଂଯୋଗ ନ କରି ମଧ ଟିକସଦାତାମାନେ ସହଜରେ କ୍ରେଡିଟ୍ ନୋଟ୍ ଜାରି କରିପାରିବେ, ଯାହା ଆଇନଗତ ମାଲିମକଦ୍ଦମା ହ୍ରାସ କରିବ। ଅପରପକ୍ଷେ ରାଜ୍ୟରେ ଭିତ୍ତିଭୂମି କ୍ଷେତ୍ରକୁ ଅଗ୍ରାଧିକାର ଦେଇ ରାଜ୍ୟ କ୍ୟାବିନେଟ୍ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରସ୍ତାବ କ୍ରମେ 'ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍, ୧୯୮୨'ର ସଂଶୋଧନ ବିଲ୍-୨୦୨୬କୁ ମଞ୍ଜୁରୀ ଦେଇଛି। 'ବିକଶିତ ଓଡ଼ିଶା' ପରିକଳ୍ପନା ଅନୁଯାୟୀ ଏକାଧିକ ଜିଲ୍ଲାକୁ ନେଇ ଅର୍ଥନୈତିକ କରିଡର ଗଠନ ପାଇଁ 'ଅର୍ଥନୈତିକ ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ' (ଇଆରଡିଏ) ସ୍ଥାପନ କରାଯିବ। ଶିଳ୍ପ, ପୁଞ୍ଜିନିବେଶ ଓ ନିଯୁକ୍ତିରେ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ କେନ୍ଦ୍ରୀୟ ବଜେଟରେ ସ୍ୱୀକୃତିପ୍ରାପ୍ତ ଦେଶର ୪ଟି ପ୍ରମୁଖ ସହରୀ ଅର୍ଥନୈତିକ ଅଞ୍ଚଳ ମଧ୍ୟରୁ ଓଡ଼ିଶାର 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ' (ବିକେପିପିଇଆର)କୁ ରାଜ୍ୟର ପ୍ରଥମ ବିଜ୍ଞପିତ ଆର୍ଥିକ ଅଞ୍ଚଳ ଭାବେ ଗଠନ କରାଯିବ। ସେହିପରି ସରକାରୀ ମକଦ୍ଦମା ପରିଚାଳନାକୁ ଅଧିକ କାର୍ଯ୍ୟକ୍ଷମ ଓ ସୁଚାରୁ କରିବା ପାଇଁ ଗୃହ ବିଭାଗରୁ ବିଧି ବିଭାଗକୁ ଓଡ଼ିଶା ରାଜ୍ୟ ବିଧି ସେବା କ୍ୟାଡର ସ୍ଥାନାନ୍ତର କରାଯିବା ପରେ 'ଓଡ଼ିଶା ରାଜ୍ୟ ବିଧି ସେବା କ୍ୟାଡର ନିୟମାବଳୀ, ୨୦୨୬'କୁ ମଧ କ୍ୟାବିନେଟ୍‌ର ଅନୁମୋଦନ ମିଳିଛି।

### ଲୀନହେଲା ରାସ୍ତା...

ହୋଇପଡିଛନ୍ତି ଗ୍ରାମବାସୀ। ପୂର୍ବରୁ ସମୁଦ୍ର ଗ୍ରାମର ୨ କିଲୋମିଟରର ଦୂରରେ ଥିବା ବେଳେ ଏବେ ଆଉ ମାତ୍ର ୫୦ ମିଟର ଦୂରରେ ରହିଛି। ସ୍ଥାୟୀ ପ୍ରତିକାର ନିମନ୍ତେ ବିଭିନ୍ନ ଫୋରମ୍‌ରେ କହି ଆସୁଥିଲେ ମଧ ଏହାର ସ୍ଥାୟୀ ସମାଧାନ ହୋଇପାରୁନି। ଗ୍ରାମର ଶେଷ ଭାଗରେ ଥିବା କୋଠ ଘର, ମନ୍ଦିର ଆଦି ସମୁଦ୍ର ଗର୍ଭରେ ମିଶି ଯାଇଥିବାରୁ ଗ୍ରାମବାସୀମାନେ ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରି ଆସୁଥିଲେ। ଗତ କିଛିଦିନ ତଳେ ଗଞ୍ଜାମ ଜିଲ୍ଲାପ୍ରଶାସନ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ନିମନ୍ତେ ପ୍ରତିଶୃତି ଦେଇଥିଲେ। ଏବେ ଗାର୍ଡ ୱାଲ୍ ନିର୍ମାଣ ପାଇଁ ଗ୍ରାମବାସୀମାନେ ଦାବି କରୁଛନ୍ତି। ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବୈଷୟିକ ବିଶ୍ଳେଷଣ କରି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉ କି, ପୂର୍ବରୁ ଚେନ୍ନାଇସ୍ଥିତ ଜାତୀୟ ସମୁଦ୍ର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ପକ୍ଷରୁ ଚିକିଟି ବ୍ଲକର ରାମୟାପାଟଣା ଓ ଆର୍ଯ୍ୟପଲ୍ଲୀ ବେଳାଭୂମି କ୍ଷୟ ଉପରେ ବିଶ୍ଳେଷଣ କରି ତାହାର ଡିପିଆର୍ ଅତି ନିକଟରେ ପ୍ରସ୍ତୁତ ହେବାକୁ ଯାଉଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ। ଏବେ ସମୁଦ୍ର କୂଳ ଲଘିଂବା ପରେ ଗାର୍ଡ ୱାଲ୍ କାର୍ଯ୍ୟ ଶୀଘ୍ର ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ସମୁଦ୍ର ଜୁଆରରେ...

ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିଶୁ ତୃତୀୟ ଶ୍ରେଣୀର ଛାତ୍ର ଥିଲେ। ସେ ପରିବାରର ଏକମାତ୍ର ପୁଅ ଥିବାବେଳେ ତାଙ୍କର ଆହୁରି ଦୁଇଜଣ ଭଉଣୀ ରହିଛନ୍ତି। ବାପା ଗୁରେୟା ରୋଜଗାର ନଥିବାରୁ ଜୀବିକା ନିର୍ବାହ ପାଇଁ ସେ କିଛି ଦିନ ପୂର୍ବରୁ କେରଳ ଯାଇଥିବା ସୂଚନା ମିଳିଛି। ଏକମାତ୍ର ପୁଅର ଅକାଳ ବିୟୋଗରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଘଟଣାକୁ ନେଇ ପୋଡେମପେଟା ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଘଟଣା ପରେ ସମୁଦ୍ର କୂଳକୁ ଯାଉଥିବା ଶିଶୁମାନଙ୍କ ସୁରକ୍ଷା ପ୍ରତି ଅଭିଭାବକମାନେ ଅଧିକ ସତର୍କ ରହିବା ଏବଂ ଜୁଆର ସମୟରେ ସମୁଦ୍ର ନିକଟକୁ ନଯିବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ପରାମର୍ଶ ଦେଇଛନ୍ତି।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ପଶ୍ଚିମ ରେଳବାଇ–ରତଲାମ ଡିଭିଜନ – ଇ-ଟେଣ୍ଡର ବିଜ୍ଞପ୍ତି: କ୍ରମିକ ସଂଖ୍ୟା ୧: ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: M247GLRSGRREH262721 • କାର୍ଯ୍ୟର ନାମ: ବିଦ୍ୟୁତ୍ ଲୋକୋମୋଟିଭ୍‌ର Type N-32 Tap Changersର ପୁନରୁଦ୍ଧାର କାର୍ଯ୍ୟ • ସ୍ଥାନ: CWMଙ୍କ କାର୍ଯ୍ୟାଳୟ, ଦାହୋଦ, ପଶ୍ଚିମ ରେଳବାଇ • କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୫,୮୦,୭୧,୧୯୬/- • ବିଡ୍ ସିକ୍ୟୁରିଟି: ଟ. ୧୧,୬୧,୫୦୦/- • ଇ-ଟେଣ୍ଡର ଦାଖଲ ଏବଂ ଖୋଲିବାର ତାରିଖ ଓ ସମୟ: ଇ-ଟେଣ୍ଡର ୨୦.୦୮.୨୦୨୬ ତାରିଖ ଅପରାହ୍ନ ୧୪:୩୦ ଘଣ୍ଟା ପର୍ଯ୍ୟନ୍ତ ଦାଖଲ କରାଯାଇପାରିବ ଏବଂ ସେହି ଦିନ ୧୫:୦୦ ଘଣ୍ଟାରେ ଖୋଲାଯିବ • ଟେଣ୍ଡର ବିଜ୍ଞପ୍ତି ଓ ଦଲିଲ ଉପଲବ୍ଧ: www.ireps.gov.in / E-Tenders/Works/IRElectrical V/0181

Like us on: facebook.com/WesternRly

**LOST**

ମୁଁ ଜୁଗଳ କିଶୋର ଦୀପ, ପି- ସ୍ୱ.ବିଶି କେଶନ ଦୀପ, ନି-ୱାର୍ଡ୬, କେସିଙ୍ଗା, ଜି-କଳାହାଣ୍ଡି, ଗତ ତା-31.07.2026 ରିଖରେ, ଭବାନୀପାଟଣା ସହର ରେ ମୋ ପିତା ଙ୍କ ନାମରେ ଥିବା ଦୁଇଟି ଦଲିଲ ଯାହାର "ନଂ.- ୮୭୬/୧୯୯୦ ଓ ୮୭୭/୧୯୯୦, (ଭ.-୧୬, ପୃ.-୧୨୩)" ତାହା ୧୯୯୦ ମସିହାରେ ସମ୍ପାଦିତ ହୋଇଥିଲା, ତାହା ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଇଅଛନ୍ତି ତେବେ ଏହାକୁ ମୋତେ ଫେରସ୍ତ କରିବାକୁ ଅନୁରୋଧ। ଆମେ ଉକ୍ତ ଦଲିଲଙ୍କୁ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖିନାହୁଁ। ଯୋଗାଯୋଗ-8249134125

**LOST**

I, **Debesh Kumar Agrawal,** S/o Late Mangtu Ram Agrawal, resident of Silda, PO: Dumerpani, PS & District: Nuapada, (Odisha), Prop. Vishesh Industries, do hereby solemnly declare that I deposited a sum of **Rs. 1,25,712/-** on **25.10.2004,** toward a security deposit, for which **Money Receipt No. 636071, dated-25.10.2004,** was duly issued to me. That, the aforesaid original money receipt of said amount of Rs. 1,25,712/- has been lost somewhere, which cannot be trace out after all effort, this affidavit is to filled before the **TPWODL, Nuapada** for release of aforesaid security deposit as affirmed in the affidavit No. 546, dated-31.07.2026, executed before the Executive Magistrate, Nuapada, Odisha.

**GOVERNMENT OF ODISHA** 34001/563/2627

**OFFICE OF THE SUPERINTENDING ENGINEER, BOUDH (R&B) DIVISION, BOUDH**

Phone: - 06841-296119 Email: - eeboudhrb@gmail.com

**INVITATIONS FOR BIDS (IFB)**

e-Procurement Notice

Letter No. 3719 Dated. 30-07-2026

BID IDENTIFICATION No. : SE (R&B)-BDH 06/2026-27

| | | | |
|---|---|---|---|
| 1. | Number of work | : | 03 (Three) Nos. of EI work (Single cover) |
| 2. | Estimated cost | : | As per the column No. 3 of the table |
| 3. | Period of completion | : | As per the column No. 8 of the table |
| 4. | Date & time of availability of Bid documents in the portal | : | From 04.08.2026, 10:00 AM to 12.08.2026, 05:00 PM |
| 5. | Last date / time for seeking of Tender clarification | : | 12.08.2026 up to 01:00 PM |
| 6. | Last date / time for receipt of bids in the portal | : | Up to 5:00 PM of Dtd. 12.08.2026 |
| 7. | Date & time of opening of Tender / Bid | : | 13.08.2026 at 11:30 AM |
| 8. | Name and address of the officer inviting bid | : | Superintending Engineer, Boudh (R&B) Division, Boudh |

A. Other details can be seen from detailed notice.
B. Inviting tenders, available in the website : www.tendersorissa.gov.in
C. Corrigendum if any shall only be published in the website : www.tendersorissa.gov.in

Superintending Engineer, Boudh (R&B) Division, Boudh

OIPR-34001/34134/1/26-27/0010

**LOST**

I, Tapan Kumar Kalo, S/o Aswini Kumar Kalo, Resident of Jhankarpada, P.O. Hirakud, Dist. Sambalpur, Odisha, hereby inform the public that I have lost my original educational certificates:B.Tech (Electrical Engineering) – Registration No. 1021317021, Certificate Sl. No. BDC14118193 10th Board Certificate – Roll No. 04PE235, Certificate Sl. No. 051090201 Diploma in Electrical Engineering – Registration No. 072502017, Certificate Sl. No. 10/2409741. The certificates have been reported lost, and an FIR/GD has been lodged at Dhanupali Police Station, Sambalpur, vide GD No. 021, dated 30/07/2026.If anyone finds these certificates, please kindly inform me on below mentioned contact number -8093331253

**AFFIDAVIT**

By virtue of an affidavit sworn before the Executive Magistrate, Gunupur, Rayagada, I, Visweswar Subudhi, S/o- T. Minna Rao, resident of Town/Post- Gunupur, Dist-Rayagada, Odisha vide affidavit no. 113, dt: 31.07.2026 that now onwards I will be known as **Bisweswar Subudhi** for all future purposes.

**GOVT. OF ODISHA** 25001/861/2627

**OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR**

E-Mail:- eerw_anandapur@yahoo.co.in

**NOTICE INVITING TENDER**

NATIONAL COMPETITIVE BIDDING THROUGH e-PROCUREMENT NOTICE

On line-10 /SE/RW/AND/2026-27

Construction of Building work in the District of Keonjhar for the year 2026-27.

No. 5629 Date: 28.07.2026

Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Building work through e-Procurement as per annexure in Single Cover system. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Anandapur | NCB-On line 10/ SE/RW/ AND/ 2026-27 | 01.08.2026 at 11.00 A.M. | 11.08.2026 up to 5.00 P.M. | 10.08.2026 up to 11.00 A.M. | 12.08.2026 at 11.30 A.M. |

Superintending Engineer, R.W. Division, Anandapur

OIPR-25001/25055/1/26-27/0014

**AFFIDAVIT**

By Virtue of an affidavit sworn before Executive Magistrate Bhograi , no- 3959, dated 31.07.2026, I ,s/o Gangadhar Khamari, At/Po -Dubsahi, PS-Kamarda District-Balsore, Odisha, pin-756035 declare that, I have changed my name from Sunil Kumar Khamari to Samir Kumar Khamari.Henceforth,I shall be known as **Samir Kumar Khamari** for all purpose.

**GOVT. OF ODISHA** 32001/633/2627

DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER, RENGALI RIGHT CANAL DIVISION NO-I, KHUNTUNI, DHENKANAL

Email Id - eebaghuabol@gmail.com

**'e' Procurement Notice**

The Superintending Engineer, Rengali Right Canal Division No-I, Khuntuni At/Po-Mahisapat, Dhenkanal, PIN-759001 on behalf of the Governor of Odisha invites **on line percentage rate bid** in double cover system from the eligible mampower service provider for sanitation work as detailed below:

| | | | |
|---|---|---|---|
| 1. | Name of the work | : | Construction of RCC Drain near CD at RD 27210M (L/s) & near VRB at RD 27453M (R/s) & C.C. Guard Wall near VRB at RD 27453M (L/s) of DBC of RRIP. |
| 2. | Tender Cost | : | Rs. 50,35,997.00 |
| 3. | Bid Document Cost | : | Rs. 10,000.00 (on line) |
| 4. | Bid Security | : | Rs. 50,400.00 |
| 5. | Class of Contractor | : | 'B' Class |
| 6. | Period of Completion | : | 6 months |
| 7. | Other details are as follows: | | |

| Procurement Officer | Bid Identification No. | Availability of Tender On- line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, RRC Division No-I, Khuntuni | SERRCDI-12/ 2026-27 | 04.08.2026 10.00 AM | 19.08.2026 5.00 PM | 20.08.2026 11.00 AM |

Further details can be seen from the e-procurement portal https://www.tendersodisha.gov.in

Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Superintending Engineer, Rengali Right Canal Division No-I, Khuntuni, Dhenkanal

OIPR-32001/32082/1/26-27/0001

**AFFIDAVIT**

By virtue of an affidavit sworn before the Notary Public, Nuapada, dtd 10.04.2026, I, Anjana Panda, At/Po/Dist.-Nuapada hereby declare that my daughter's correct name is MANISA SHUKLA, whereas in her Birth Certificate her name has inadvertently been recorded as MANASA SHUKLA. That both names refer to one and the same person. Henceforth she shall be known as **MANISA SHUKLA** for all purposes.

**Minara Panda**

**AFFIDAVIT**

By virtue of an affidavit sworn before In the Court of Executive Magistrate, Basta, Balasore. Vide Affidavit Sl No-3380, Dated-28/07/2026. I, Sukanti Dhungia, W/o- Chakradhar Dhungia, of Village-At/Po-Futukisole, Ps-Moroda, Dist-Mayurbhanj, Pin-757023, Odisha, declare that I have changed the name of my Minor Son from "ROUDRADHWAJA DHUNNGIA" to "RUDRADHARYA DHUNGIA". Henceforth, He shall be known as **"RUDRADHARYA DHUNGIA"** for all future purposes.

**Sukanti Dhungia**

**OFFICE OF THE SUPERINTENDENT** 10001/429/2627

**FAKIR MOHAN MEDICAL COLLEGE & HOSPITAL, BALASORE**

Remuna, Balasore, Pin-756019 (Odisha)

TENDER NOTICE FOR OFFICE STATIONARY & CONSUMABLE ITEMS OF FMMCH, BALASORE (2026-27)

Bid Ref. No. **5084** /S/FMMCHB Date : 30/07/2026

FMMCH, Balasore invites sealed Tender from registered Firm/ Agencies/ Company for **Office Stationary & Consumable Items** for FMMCH, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by Dt. **31/08/2026 up to 05.30 PM** through Registered post/ speed post/ courier only and the same will be opened on **Dt. 02/09/2026, 11.00 AM** at Office chamber of Superintendent, Remuna, FMMCH, Balasore. Application form as well as other details will be available and downloaded from district website https://balasore.odisha.gov.in/ www.fmmch.odisha.gov.in . Authority reserves every right to reject all or any of the Tender without assigns any reason thereof.

Superintendent FMMCH, Balasore

OIPR-10001/10134/1/26-27/0008

**AFFIDAVIT**

By virtue of an affidavit (CF No. 107, dtd- 28.07.2026) sworn before The Executive Magistrate, Bhubaneswar. I, **Pankaj Kumar Amar** (new name), S/o- Bishwambhar Prasad Singh, permanent resident of B3/303, Bright Residency, Road No.12, Jagannath Nagar, PO: GGP Colony, P.S. Mancheswar, Bhubaneswar, Dist: Khordha, Odisha, Pin-751025 declare that I have changed my name from **P K Amar** (old name) to **Pankaj Kumar Amar** (new name). Henceforth, I shall be known as **Pankaj Kumar Amar** (new name) for all purposes.

**Pankaj Kumar Amar**

# କାମରେ ଲାଗୁନି ନୌଯାତ୍ରୀ ପ୍ରତୀକ୍ଷାଗାର

ରାଜକନିକା,୧।୮ (ସମିସ)



ରାଜ୍ୟ ସରକାରଙ୍କ ବନ୍ଦର ଓ ଅନ୍ତର୍ଦେଶୀୟ ଜଳପଥ ପରିବହନ ବିଭାଗ ପକ୍ଷରୁ ବୈତରଣୀ ନଦୀର ମାନପୁର ଘାଟରେ ଥିବା ନୌଯାତ୍ରୀ ପ୍ରତୀକ୍ଷାଗାର ଘାଟଠୁ ଦୂରରେ ବଣ ଭିତରେ କରାଯାଇଥିବାରୁ ତାହା କାମରେ ଲାଗିପାରୁନାହିଁ। ଦୂରଦୃଷ୍ଟି ନ ଥାଇ ଜୁଆର ଓ ଭଟ୍ଟାକୁ ନଜର ନ ଦେଇ ଠିକାଦାର ନିଜ ସ୍ୱାର୍ଥରେ ଯେଉଁଠି ନାହିଁ ସେଇଠି ଏଭଳି ନୌଯାତ୍ରୀ ପ୍ରତୀକ୍ଷାଗାର ନିର୍ମାଣ କରି ବିଲ୍ ନେଇ ପାର ହେଉଥିବାବେଳେ ଏଭଳି ଘାଟ କେବେ ବି କାହା କାର୍ଯ୍ୟରେ ଲାଗିପାରିବନାହିଁ, ତାହା ବେଳହୁଁ ସ୍ପଷ୍ଟ ହୋଇଥିଲା।

ନହୁଣୀ ପଞ୍ଚାୟତ ଅଧୀନ ଏହି ଘାଟରେ ଦୁଇବର୍ଷ ହେବ ନିର୍ମାଣ ସରିଥିବା ଏହି ଯାତ୍ରୀ ପ୍ରତୀକ୍ଷାଗାର ଏବେ ବଣ ଭିତରେ ଜୁଆରିଆ ଜାଗାରେ ହୋଇଥିବାରୁ ଯାତ୍ରୀ ଆଗ ଭଳି ପ୍ରତୀକ୍ଷାଗାର ନିର୍ମାଣ ପରେ ବି ହୀନସ୍ତା ହେଉଛନ୍ତି। ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରତୀକ୍ଷାଗାର ନଦୀ ପାର ହେଉଥିବା ଯାତ୍ରୀଙ୍କ ଝଡ଼, ବର୍ଷା, ଖରା ଓ ଶୀତ ସମୟରେ ଘାଟକୁ ଅପେକ୍ଷା କରିବା ସମୟରେ ଆଶ୍ରୟ ନେବାକୁ ଏହା ନିର୍ମିତ ହୋଇଛି। ମାତ୍ର ଏହି ପ୍ରତୀକ୍ଷାଗାର ନିର୍ମାଣ ସମୟରେ ଯାତ୍ରୀଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଅଣଦେଖା କରି ଘାଟଠୁ ଦୂରରେ ବଣ ଭିତରେ ଏକ ସ୍ଥାନରେ ନିର୍ମାଣ କରି ଠିକାଦାର ଚାଲିଯିବା ଦ୍ୱାରା ଏବେ ବର୍ଷାଦିନେ ଆଗଭଳି ଯାତ୍ରୀ ହୀନସ୍ତା ହେଉଛନ୍ତି। ରାଜକନିକା ବ୍ଲକ୍ ମାନପୁର ପଟରୁ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଆଖଣ୍ଡଳମଣି ପୀଠକୁ ଏହି ନଦୀ ପାର ହୋଇଗଲେ ଅଳ୍ପ ବାଟ ହୋଇଥିବାରୁ ବର୍ଷ ତମାମ ଏହି ଘାଟରେ ଭିଡ଼ ଲାଗେ। ବିଶେଷକରି ବର୍ତ୍ତମାନର କାଉଡିଆଙ୍କ ପାଇଁ ଏହି ଘାଟରେ ବହୁତ ଭିଡ଼ ହେଉଥିବାବେଳେ ବିଶ୍ରାମ ନେବାକୁ ନିର୍ମିତ ପ୍ରତୀକ୍ଷାଗାର କାମରେ ଲାଗୁନାହିଁ।

ଅର୍ଥ ବ୍ୟୟ ପରେ ଯଦି ଘାଟର ପ୍ରତୀକ୍ଷାଗାର ଯାତ୍ରୀଙ୍କୁ ଆଶ୍ରୟ ଦେଇପାରୁନାହିଁ, ତେବେ କାହାକୁ କହିବା। ବର୍ଷାଦିନେ ହଠାତ ଝଡ଼ ହେଉ କି ଖରାଦିନର ଟାଇଁ ଟାଇଁ ଖରାରେ ମୁଣ୍ଡ ଗୁଞ୍ଜିବାକୁ ଏହି ନୌଯାତ୍ରୀ ପ୍ରତୀକ୍ଷାଗାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ଏଭଳି ପ୍ରତୀକ୍ଷାଗାର ନିର୍ମାଣ ପାଇଁ କିଏ କେମିତି ଓ କେଉଁ ଆଧାରରେ ଏକ ଅନୁପଯୁକ୍ତ ସ୍ଥାନରେ ନିର୍ମାଣ କରିଛି, ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏହାପୂର୍ବରୁ ଚିରାଚରିତ ଢଙ୍ଗରେ ଏହି ଘାଟରେ ଯିବାଆସିବା କରୁଥିବା ଯାତ୍ରୀ ଘାଟ ନିକଟରେ ଗଢି ଉଠିଥିବା ଅସ୍ଥାୟୀ ବଜାରର ଦୋକାନ ତାଟି ତଳେ ଆଶ୍ରୟ ନେଉଥିବାବେଳେ ଏବେ ବି ବର୍ଷା ଓ ଖରାରେ ସେମିତି ଦୋକାନ ନିକଟରେ ଗୁଞ୍ଜି ହୋଇ ସମୟ କଟାଇବା ସାର ହୋଇଛି। ଏ ସମ୍ପର୍କରେ ବନ୍ଦର ଓ ଅନ୍ତର୍ଦେଶୀୟ ଜଳପଥ ପରିବହନ ଧାମରା କାର୍ଯ୍ୟାଳୟର ସିଭିଲ ଇଞ୍ଜିନିୟର ସଞ୍ଜୟ ଘଡେଇଙ୍କୁ ପଚାରିବାରୁ ଏହା ଆମର କାମ ନୁହେଁ, ଟେକ୍ନିକାଲ ଟିମର ଏହି କାମ ବୋଲି କହି ଏଡାଇ ଯାଇଥିଲେ। ତେବେ ନଦୀ ପଥର ପରିବହନକୁ ସୁରକ୍ଷିତ ଓ ଜନସ୍ୱାର୍ଥରେ ଉତ୍ସର୍ଗ ପାଇଁ ନିର୍ମିତ ପ୍ରତୀକ୍ଷାଗାର ଯଦି ନିଜେ ସ୍ୱରକ୍ଷିତ ନୁହେଁ, ତେବେ କହିବା କାହାକୁ? ଏ ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ୱତନ୍ତ୍ର ଅନୁଧ୍ୟାନ କରି ନୌଯାତ୍ରାକୁ ସୁରକ୍ଷିତ ରଖିବାକୁ ଦାବି ହୋଇଛି।

## ମା' ବାସୁଲେଇ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ପଟ୍ଟାମୁଣ୍ଡାଇ,୧।୮ (ସମିସ): ପବିତ୍ର ବାହୁଡ଼ା ଅବସରରେ ପଟ୍ଟାମୁଣ୍ଡାଇ ବଜାର ପୋଲ ପାଖରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ବାସୁଲେଇ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୀଲ କୁମାର ପଣ୍ଡା ସସ୍ତ୍ରୀକ କର୍ତ୍ତା ଭାବେ ସମସ୍ତ ରୀତିନୀତି ସମ୍ପାଦନ କରିଥିଲେ। ପଣ୍ଡିତ ରାଧାନାଥ ତ୍ରିପାଠୀ, ପ୍ରଭାତ ମିଶ୍ର, ମନୋଜ ମହାପାତ୍ର, ହରିଚନ୍ଦନ ତ୍ରିପାଠୀ ପ୍ରମୁଖ ମା'ଙ୍କ ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ମହାର୍ଘ୍ୟ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ପର୍ଶୁରାମ ଷଣ୍ଢେ, ପ୍ରଫୁଲ୍ଲ ଲେଙ୍କା, କିରଣ ଭୂୟାଁ, ସୁଦର୍ଶନ ଦାସ, ରବୀନ୍ଦ୍ର ସାହୁ (ଥାନପତି), କାଉନସିଲ ବିଦ୍ୟାଧର ସେଠୀ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଉପେନ୍ଦ୍ର ନାୟକ, ଆଡଭୋକେଟ ପ୍ରମୋଦ ସାହୁ, ସଞ୍ଜୟ ବର୍ମା, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏ ଅବସରରେ ପୁରାତନ ବ୍ୟବସାୟୀ କାହ୍ନୁଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମା' ବାସୁଲେଇ ମନ୍ଦିର ପରିଚାଳନା କମିଟି ଓ ବଣିକ ସଂଘ ସଦସ୍ୟ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇ ବିଡିଓଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ପଟ୍ଟାମୁଣ୍ଡାଇ,୧।୮ (ସମିସ): ପଟ୍ଟାମୁଣ୍ଡାଇ ବିଡିଓଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୀତଲ ଅଗ୍ରୱାଲ, ଏବିଡିଓ ନନ୍ଦିନୀ ଶତପଥୀ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବିତ୍ତ ଅଧିକାରୀ ଗୌରୀ ଶଙ୍କର ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ ଓ ପ୍ରସନ୍ନ ରାଉତ, ସହକାରୀ ଯନ୍ତ୍ରୀ ବିନୟ ମିଶ୍ର, ବନ୍ଦିତା ବେହୁରା, ପ୍ରକୃତି ମହାପାତ୍ର, ଜ୍ଞାନରଞ୍ଜନ ବେହେରା, ଶୁଭସ୍ମିତା ବେହେରା, ତପସ୍ୱିନୀ ମହାପାତ୍ର, ମୋନାଲିସା ପ୍ରଧାନ, ଉପବିଭାଗୀୟ ଅଧିକାରୀ ଗୌରୀ ବେହେରା, ସରପଞ୍ଚ ପ୍ରିୟବ୍ରତ ଓଝା, ନିରାକାର ନାୟକ, ସନ୍ତୋଷ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସଂଗ୍ରାମ ସ୍ୱାଇଁ ଓ ଶଶୀଭୂଷଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ରାଜଗଡ଼ ବିଦ୍ୟାଳୟ ପରିଚାଳନା କମିଟି ଗଠନ ବିବାଦ

## ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର: କମିଟି ଗଠନ କର, ନଚେତ ଆନ୍ଦୋଳନ

ରାଜନଗର,୧।୮ (ସମିସ)



ରାଜଗଡ଼ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟି ଗଠନକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଚଳିତ ମାସ ୧୫ ତାରିଖ ଦିନ ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା ହୋଇଥିଲା ଓ ବୈଠକରେ ଉତ୍ତେଜନା ଯୋଗୁଁ ଅଧିକାଂଶ ଅଭିଭାବକ ଚାଲି ଆସିବା ସତ୍ତ୍ୱେ ପ୍ରଧାନଶିକ୍ଷୟିତ୍ରୀ ବେଆଇନ ଭାବେ ପରିଚାଳନା କମିଟି ଗଠନ କରିଥିଲେ। ବେଆଇନ ଭାବେ ପରିଚାଳନା କମିଟି ଗଠନ ହୋଇଥିବା ନେଇ ଅଭିଭାବକମାନେ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ନୂତନ ଭାବେ କମିଟି ଗଠନ ପାଇଁ ପଦକ୍ଷେପ ନିଅ, ନଚେତ ବିଦ୍ୟାଳୟରେ ତାଲା ପକାଇ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବୁ ନାହିଁ ବୋଲି ଅଭିଭାବକମାନେ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ ସିଆରସିସିଙ୍କୁ ରିପୋର୍ଟ ମଗାଯାଇଛି, ରିପୋର୍ଟ ଆସିଲେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସିଆରସିସି ଚିତ୍ତରଞ୍ଜନ ସାହୁଙ୍କୁ ପଚାରିବାରୁ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ବୈଠକ ଡକାଯାଇଥିଲା। ବୈଠକରେ ପାଟିତୁଣ୍ଡ ହେବାରୁ ମୁଁ ପଳାଇ ଯାଇଥିଲି ବୋଲି କହିଛନ୍ତି।

## ବିପଦସଂକୁଳ ଅବସ୍ଥାରେ ପତ୍ରପୁର ସେତୁ

ଆଳି,୧।୮ (ସମିସ): କଟକ-ଚାନ୍ଦବାଲି ରାସ୍ତାର ଆଳି-ପଟ୍ଟାମୁଣ୍ଡାଇକୁ ସଂଯୋଗ କରୁଥିବା ଏକମାତ୍ର ପତ୍ରପୁର ସେତୁର ରାସ୍ତା ଦବିଯିବ ସହ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଆଳି ପଟୁ ସେତୁ ଆରମ୍ଭରୁ ଏହି ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ସେତୁରେ ବହୁ ସ୍ଥାନରେ ଫାଟ ସୃଷ୍ଟି ହୋଇ ରଡ୍ ଦେଖାଗଲାଣି। ଯାହାକୁ ନେଇ ସାଧାରଣ ଲୋକ ସେତୁର ସୁରକ୍ଷା ନେଇ ଆତଙ୍କିତ ହୋଇପଡିଛନ୍ତି। କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ



ଶତାଧିକ ବସ୍, ବାଇକ, କାର୍, ମାଲ୍ ବୋଝେଇ ଗାଡ଼ି ଯାତାୟାତ କରୁଛି। ଏହି ସେତୁ ନିକଟସ୍ଥ ଜିଲ୍ଲା ଯାଜପୁର ଓ ଭଦ୍ରକ ସହ କଟକକୁ ମଧ୍ୟ ସଂଯୋଗ କରୁଛି। ଯଦି ଏହାର କିଛି ଅବକ୍ଷୟ ହୁଏ, ତେବେ ଯୋଗାଯୋଗ ସମ୍ପୂର୍ଣ୍ଣ ଭୁଶୁଡି ପଡିବ। ଦୈନିକ ବହୁ ଭାରୀଯାନ ଏହି ରାସ୍ତା ଦେଇ ଅତିକ୍ରମ କରୁଥିବାବେଳେ କେତେବେଳେ ଯେ ଦୁର୍ଘଟଣା ଘଟିବ, କହି ହେବନାହିଁ। କ୍ରମଶଃ ଗର୍ତ୍ତଟି ବଢ଼ିବାରେ ଲାଗିଥିବାବେଳେ ତୁରନ୍ତ ଏହି ଗର୍ତ୍ତ ମରାମତି ସହ ନୂତନ ସେତୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ଲୋକ ଦାବି କରିଆସୁଛନ୍ତି। ତେବେ କେହି କର୍ଣ୍ଣପାତ କରୁନାହାନ୍ତି। ଯାହାକୁ ନେଇ ପତ୍ରପୁରସ୍ଥ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ତଥା ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡ଼ାଙ୍କ ସମେତ ମଞ୍ଚର ଅନ୍ୟ ସଭ୍ୟ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ରାଜନଗର-ପଟ୍ଟାମୁଣ୍ଡାଇ ଓ ମଦନପୁର-ଗୋପାଳପୁର ରାସ୍ତା ଉନ୍ନତୀକରଣ ଦାବି

ରାଜନଗର,୧।୮ (ସମିସ)



ରାଜନଗର-ପଟ୍ଟାମୁଣ୍ଡାଇ ବନ୍ୟା ସୁରକ୍ଷା ରାସ୍ତା ଓ ମଦନପୁର- ଗୋପାଳପୁର ଭାୟା କେରଡ଼ାଗଡ଼ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏ ନେଇ ଜିଲ୍ଲାପାଳଙ୍କୁ ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତ ଭେଟି ଦାବିପତ୍ର ପ୍ରଦାନ କରି ରାସ୍ତା ଦୁଇଟିର ଉନ୍ନତିକରଣ ପାଇଁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ମାସ ୧୦ ତାରିଖଠାରୁ ଆମରଣ ଅନଶନ କରିବାକୁ ଧମକ ଦେଇଛନ୍ତି। ରାଜନଗର-ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତା ଦୀର୍ଘଦିନ ଧରି ଖାଲଖମାରେ ପରିଣତ ହୋଇ ମରଣଯନ୍ତା ପାଲିଟିଛି। ଏହି ରାସ୍ତା ଦେଇ ରାଜନଗର ବ୍ଲକ ସମେତ ପଟ୍ଟାମୁଣ୍ଡାଇ ବ୍ଲକର ୮/୯ଟି ପଞ୍ଚାୟତ ସମେତ ପଟ୍ଟାମୁଣ୍ଡାଇ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୁଖ୍ୟ ରାସ୍ତାଭାବେ ବ୍ୟବହୃତ ହେଉଛି। ସେହିପରି ମଦନପୁର-ଗୋପାଳପୁର ଭାୟା କେରଡ଼ାଗଡ଼ ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦେଇ ରାଜନଗର ବ୍ଲକର ୭ଟି ପଞ୍ଚାୟତ ସହିତ ଆଳି ବ୍ଲକର ୨ଟି ପଞ୍ଚାୟତବାସୀଙ୍କ ନିତିଦିନିଆ ମୁଖ୍ୟ ରାସ୍ତା ହେତୁ ରାଜନଗର ସଦର ମହାକୁମାକୁ ଛାତ୍ରଛାତ୍ରୀ ଓ ଜନସାଧାରଣ ଜନତା ବ୍ଲକ, ଥାନା, ତହସିଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥା'ନ୍ତି। ଯଦି ଏହି ୨ଟି ରାସ୍ତାର କାମ ଆସନ୍ତା ଅଗଷ୍ଟ ମାସ ୮ ତାରିଖ ସୁଦ୍ଧା ନ ହୁଏ, ତେବେ ବାଧ ହୋଇ ଅଗଷ୍ଟ ୧୦ ତାରିଖ ଦିନ ଗୋପାଳପୁର ଛକଠାରେ ବ୍ଲକ କଂଗ୍ରେସ ତରଫରୁ ଆମରଣ ଅନଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବ୍ଲକ କଂଗ୍ରେସ ସଭାପତି ଶ୍ରୀ ରାଉତ ଜଣାଇଛନ୍ତି।

## ନଳପୋଖରୀ ଗାଁ ପ୍ରବେଶ ପଥ କାଦୁଅ ପଚ ପଚ



ରାଜକନିକା, ୧।୮ (ସମିସ): ଗାଁକୁ କଂକ୍ରିଟ ରାସ୍ତା ତିଆରି ହୋଇଥିଲା। ଲୋକେ କାଦୁଅରୁ ମୁକ୍ତ ହୋଇ ପକ୍କା ସଡ଼କରେ ଯିବା ଆସିବା କଲେ। ଏଥିପାଇଁ ସରକାରୀ ଅର୍ଥ ଖର୍ଚ୍ଚ ବି ହେଲା। ତେବେ ଏହି ରାସ୍ତା ତା'ର ଅସ୍ତିତ୍ୱ ହରାଇଛି। ଏବେ ଅବସ୍ଥା ଏମିତି, ଯେମିତି ପୂର୍ବରୁ ଥିଲା। ଯେଉଁ କାଦୁଅକୁ ସେହି କାଦୁଅ। ଏକଥା କହିବେ କାହାକୁ ଶୁଣିବ କିଏ? ଯେଉଁ ପଞ୍ଚାୟତର ଯନ୍ତ୍ରୀ ଓ ଦଳୀୟ ଠିକାଦାର ମିଶି ରାସ୍ତା କାମକୁ ନିମ୍ନମାନର କାମ କରି ଲୁଟିଲେ, ସେ ଆଉ ଧରାଛୁଆଁ ଦେଉନାହାନ୍ତି। ଏମିତି ଅବସ୍ଥାରେ ତ୍ରୈଲୋକ୍ୟପୁର ପଞ୍ଚାୟତର ନଳପୋଖରୀ ଗାଁର ୪୮ ପରିବାରଙ୍କ ଦୁଃଖ କହିଲେ ନ ସରେ। ଘରୁ ବାହାରିବାକୁ ହେଲେ କାଦୁଅ ହେବାକୁ ପଡୁଛି। ସ୍କୁଲ ଛାତ୍ରଛାତ୍ରୀ, ଅଙ୍ଗନବାଡି ପିଲାଙ୍କ ସହ ଗ୍ରାମର ବୟସ୍କ ବ୍ୟକ୍ତି ଏହି ରାସ୍ତା ଦେଇ ଯିବାକୁ ବିପଦ ମନେ କଲେଣି। ଏହି ରାସ୍ତାକୁ କଂକ୍ରିଟ ରାସ୍ତା କରାଯିବାକୁ ଦାବି ହେଉଛି।

## ଫାଇନାନ୍ସ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଗରଦପୁର,୧।୮ (ସମିସ): ଗରଦପୁର ବ୍ଲକ୍‌ର ଫାଇନାନ୍ସ ଅଧିକାରୀ ସୁଦର୍ଶନ ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ୍ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ଅତିଥି ଭାବେ ଯୋଗଦେଇ ଫାଇନାନ୍ସ ଅଧିକାରୀ ସୁଦର୍ଶନ ବେହେରାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ସଞ୍ଜୟ ଦାସ, ପଞ୍ଚାୟତ ଅଧିକାରିଣୀ ପାର୍ବତୀ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଭଦ୍ରା ଓଝା, ମୁଖ୍ୟ ଲିପିକ ପ୍ରମୋଦ ସାହୁ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଚୈତନ୍ୟ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଶାନ୍ତ ସାହୁ, ସନ୍ତୋଷ ନାୟକ, ରିତେଶ ମହାନ୍ତି, ଦିଲ୍ଲୀପ ସାହୁ ସହଯୋଗ କରିଥିଲେ।

କାର୍ଯ୍ୟାଳୟରେ ଶୃଙ୍ଖଳା ଆଣିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

## ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ; ନିୟମ ନ ମାନିଲେ ବନ୍ଦ ହେବ ଦରମା

କେନ୍ଦ୍ରାପଡ଼ା,୧।୮ (ସମିସ): ସରକାରୀ କାର୍ଯ୍ୟାଳୟରେ ସମୟାନୁବର୍ତ୍ତିତା, ଶୃଙ୍ଖଳା ଓ ଜନସେବାର ଗୁଣବତ୍ତା ସୁନିଶ୍ଚିତ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ କଡ଼ା ପଦକ୍ଷେପ ନେଇଛନ୍ତି। ଆଧାର ସଂଯୁକ୍ତ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥାକୁ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଦରମା ବନ୍ଦ ଭଳି କଠୋର ବ୍ୟବସ୍ଥା କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୧୩୧୩/୨୮/୭/୨୦୨୬ ଅନୁଯାୟୀ ଏହି ନିର୍ଦ୍ଦେଶ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଚିକିତ୍ସା ଅଧିକାରୀ (ଏମ୍ଆଣ୍ଡଏସ୍), ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ, ପୌରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଜରୁରୀ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ଓ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକଙ୍କୁ ପଠାଯାଇଛି। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ବହୁ କର୍ମଚାରୀ ନିୟମିତ ଭାବେ ବାୟୋମେଟ୍ରିକ ଉପସ୍ଥାନ ପଞ୍ଜୀକରଣ କରୁନାହାନ୍ତି। ଅନୁପସ୍ଥିତ ଥିଲେ ମଧ୍ୟ ସମ୍ପୃକ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଉନାହିଁ। ଏହା ପ୍ରଶାସନିକ ଶୃଙ୍ଖଳା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପ୍ରତି ପ୍ରଶ୍ନ ସୃଷ୍ଟି ହୋଇ ସିଧାସଳଖ ପ୍ରଭାବ ସାଧାରଣ ଲୋକଙ୍କୁ ମିଳୁଥିବା ସରକାରୀ ସେବା ଉପରେ ପଡୁଛି। ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, ବାୟୋମେଟ୍ରିକ ଉପସ୍ଥାନ କେବଳ ଏକ ଔପଚାରିକତା ନୁହେଁ, ବରଂ ସରକାରୀ କାର୍ଯ୍ୟାଳୟରେ ଜବାବଦେହିତା ଓ କାର୍ଯ୍ୟ ସଂସ୍କୃତିକୁ ସୁଦୃଢ଼ କରିବାର ଏକ ପ୍ରମୁଖ ମାଧ୍ୟମ। ଯେଉଁ କର୍ମଚାରୀ ବାୟୋମେଟ୍ରିକ ଉପସ୍ଥାନ ନିୟମ ପାଳନ କରିବେ ନାହିଁ, ସେମାନଙ୍କ ଦରମା ବନ୍ଦ କରିବା ସହ ଆବଶ୍ୟକ ଅନ୍ୟାନ୍ୟ ପ୍ରଶାସନିକ ପଦକ୍ଷେପ ନିଆଯିବ। ପ୍ରଶାସନର ଏହି ପଦକ୍ଷେପକୁ ସାଧାରଣ ଲୋକ ସ୍ୱାଗତ କରିଥିବାବେଳେ ଏହା ମାଧ୍ୟମରେ ସରକାରୀ କାର୍ଯ୍ୟାଳୟରେ ସମୟାନୁବର୍ତ୍ତିତା, ଜବାବଦେହିତା ଓ ସେବା ପ୍ରଦାନ ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଆସିବ ବୋଲି ଆଶା ପ୍ରକାଶ ପାଇଛି।

## ରାସନରୁ ବଞ୍ଚିତ ଦଳିତ ମହିଳା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କେନ୍ଦ୍ରାପଡ଼ା,୧।୮ (ସମିସ): ରାସନ କାର୍ଡ ଥିବା ସତ୍ତ୍ୱେ ମାସ ମାସ ଧରି ଖାଉଟି ସାମଗ୍ରୀ ନ ମିଳିବାରୁ ଜଣେ ଦଳିତ ମହିଳା ନ୍ୟାୟ ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାର ଲାଭରୁ ବଞ୍ଚିତ ହେବା ସହ ଅଭିଯୋଗ କରିବା ପରେ ଧମକ ମିଳିଥିବା ଅଭିଯୋଗ ଘଟଣାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଡେରାବିଶ ବ୍ଲକ ଅଧୀନ ବାରିମୂଳ ପଞ୍ଚାୟତ ଖଣ୍ଡସାହି ଗ୍ରାମର ଭଗବତୀ ମଲିକଙ୍କ ନାମରେ ରାସନ କାର୍ଡ ରହିଛି। ତେବେ ଗତ କିଛି ମାସ ଧରି ରାସନ ଦୋକାନରେ ଫିଙ୍ଗରପ୍ରିଣ୍ଟ ନିଆଯାଉଥିଲେ ମଧ୍ୟ ତାଙ୍କୁ ଚାଉଳ କିମ୍ବା ଅନ୍ୟକୌଣସି ଖାଉଟି ସାମଗ୍ରୀ ପ୍ରଦାନ କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ସେ ଡେରାବିଶ ବ୍ଲକର ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସମ୍ପୃକ୍ତ ବ୍ଲକର ମାର୍କେଟିଂ ଇନ୍ସପେକ୍ଟର ତାଙ୍କ ଘରକୁ ଆସି ଧମକ ଦେବା ସହ ଏକ କାଗଜରେ ଦସ୍ତଖତ ନେଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏହାପରେ ମଧ୍ୟ ତାଙ୍କୁ ରାସନ ସାମଗ୍ରୀ ମିଳୁ ନ ଥିବାରୁ ସେ ଆର୍ଥିକ ଓ ମାନସିକ ସଙ୍କଟରେ ପଡ଼ିଥିବା କହିଛନ୍ତି। ଭଗବତୀ ମଲିକ ଓ ତାଙ୍କ ସ୍ୱାମୀ ଉଭୟ ଦିନମଜୁରିଆ ହୋଇଥିବାରୁ ପରିବାରର ଜୀବିକା ପାଇଁ ସରକାରୀ ରାସନ ଉପରେ ବହୁ ପରିମାଣରେ ନିର୍ଭରଶୀଳ। ଦୀର୍ଘଦିନ ଧରି ରାସନ ନ ମିଳିବାରୁ ପରିବାର ଗୁରୁତର ଅସୁବିଧାରେ ଦିନ କାଟୁଥିବା ସେ ଦର୍ଶାଇଛନ୍ତି। ଘଟଣାର ସୁବିଚାର ଦାବି କରି ଭଗବତୀ ମଲିକ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ତାଙ୍କ ବକେୟା ରାସନ ସାମଗ୍ରୀ ଶୀଘ୍ର ପ୍ରଦାନ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏହି ଅଭିଯୋଗର ନକଲ ମୁଖ୍ୟମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରି ପ୍ରକୃତ ଘଟଣା ସାମ୍ନାକୁ ଆଣିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାର ଲାଭ ନିରବଚ୍ଛିନ୍ନ ଭାବେ ମିଳିବାକୁ ସାଧାରଣରେ ଦାବି ହେଉଛି।

ରକ୍ତହୀନତାର ଶିକାର ପିଲାଙ୍କ ପାଇଁ ନାହିଁ ସରକାରୀ ବ୍ୟବସ୍ଥା

## ବାପ ଛେଉଣ୍ଡ ଥାଲାମେସିଆ ଝିଅ ଓ ପୁଅକୁ ବଞ୍ଚାଇବାକୁ ମାଆ କରୁଛି ସଂଘର୍ଷ

ରାଜକନିକା, ୧।୮ (ସମିସ)



ସ୍ୱାମୀଙ୍କ ପରଲୋକ ହୋଇଛି। ଘରେ ୧୯ ବର୍ଷର କଲେଜ ପଢୁଆ ଝିଅ ସୁପ୍ରଭା ସାହୁ ଓ ୧୨ ବର୍ଷର ପୁଅ ସତ୍ୟଜିତ ସାହୁ ଉଭୟ ରକ୍ତହୀନତା ରୋଗରେ ପୀଡିତ। ପ୍ରତି ମାସରେ ୨ରୁ ୩ଟି ରକ୍ତ ଦରକାର। ଝିଅର ଏବି ପଜିଟିଭ ରକ୍ତ ଆବଶ୍ୟକତା ହେଉଥିବାବେଳେ ପୁଅର ବି ପଜିଟିଭ ରକ୍ତ ଆବଶ୍ୟକ। ବାପ ଛେଉଣ୍ଡ ଦୁଇ ପିଲାଙ୍କ ଲାଳନପାଳନ ସହ ଉଭୟଙ୍କୁ ନିୟମିତ ରକ୍ତ ଦେବାକୁ ବାଧ ହେଉଛି ମାଆ କବିତା ସାହୁ। ବାଘବୁଦା ଗ୍ରାମର କବିତା ସାହୁଙ୍କ ସ୍ୱାମୀ ୨୦୨୨ ନଭେମ୍ବର ମାସରେ ଏକ ଘରୋଇ ଆମ୍ବୁଲାନ୍ସର ଡ୍ରାଇଭର ଭାବେ କାମ କରୁଥିବାବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ସେବେଠୁ ଦୁଇ ରୋଗୀଣା ପିଲାଙ୍କ ଦାୟିତ୍ୱ ମୁଣ୍ଡାଇଛନ୍ତି କବିତା। ଘରେ ଖାଇବାକୁ ଦାନା ଯୋଗାଡ଼ କରିବା କଷ୍ଟକର ହେଉଥିବାବେଳେ ଦୁଇ ପିଲାଙ୍କ ପାଇଁ ପ୍ରତି ମାସରେ ୨ରୁ ୪ଟି ରକ୍ତ ଯୋଗାଡ଼ କରିବାର ବାଧ୍ୟ ବାଧକତା ବି ରହିଛି। ସ୍ୱେଚ୍ଛାସେବୀ ହୁଅନ୍ତୁ କି କୌଣସି ଅନୁଷ୍ଠାନଠାରୁ ରକ୍ତର ସାହାଯ୍ୟ ନେଇ ଆଜିଯାଏ ଦୁଇ ପିଲାଙ୍କୁ ପ୍ରତି ମାସରେ ଡାଏଲସିସି କରାଇ ବଞ୍ଚାଇ ଆସୁଥିଲେ ବି ଏବେ ତାହା ସହଜ ହେଉନାହିଁ। ଫଳରେ ପିଲାଙ୍କ ମୁହଁକୁ ଚାହିଁ ନିଜେ ମାଆ ଏଥର ରକ୍ତ ଦେଇଛନ୍ତି। କବିତାଙ୍କ ନିଜର ହିମୋଗ୍ଲୋବିନ ମଧ୍ୟ କମିଥିବାବେଳେ ସେ ବାଧ ହୋଇ ରକ୍ତ ଦେଉଛନ୍ତି। ଏମିତି ଏକ ହାହୁତାଶ ମଧ୍ୟରେ ଜିଉଛନ୍ତି କବିତା ସାହୁ। ନାଁ ମିଳିଛି ତାଙ୍କୁ ସରକାରଙ୍କ ତରଫରୁ କୌଣସି ଆର୍ଥିକ ସାହାଯ୍ୟ କି ଗସ୍ତ ଖର୍ଚ୍ଚ। କେବଳ କେନ୍ଦ୍ରାପଡ଼ା ମେଡିକାଲରେ ଡାଏଲିସିସି କରାଇବା ସୁବିଧା ସହ ଶୀତ ଦିନେ ଗୋଟିଏ କି ଦୁଇଟି ରକ୍ତ ଦେଇ ସରକାରୀ ବ୍ୟବସ୍ଥା କାମ ସାରି ଦେଉଥିବାବେଳେ ବର୍ଷକୁ ୩୦ରୁ ଅଧିକ ୟୁନିଟ ରକ୍ତ ନ ହେଲେ ଛୁଆ ବଞ୍ଚିବା କଷ୍ଟକର। ବାହାର ଲୋକଙ୍କ ସାହାଯ୍ୟ ଓ ସହାୟତାକୁ ଭରସା କରି ଆସିଥିବା କବିତାଙ୍କ ପାଇଁ ସରକାରୀ ବ୍ୟବସ୍ଥାର ଆବଶ୍ୟକତା ଜରୁରୀ ଥିବାବେଳେ ତାଙ୍କୁ ସେମିତି କିଛି ସାହାଯ୍ୟ ମିଳିନାହିଁ। କେବଳ ସରକାରୀ ଘୋଷଣାନାମାରେ ବିକାଶର ରଥ ଦୌଡୁଥିବା କୁହାଯାଉଥିବାବେଳେ ବାସ୍ତବତା ଯେ କେତେ ବେଦନାଦାୟକ ତାହା ଜଣେ ମାଆ ଯେ କି ଦୁଇ ଦୁଇଟି ରକ୍ତହୀନତାର ଶିକାର ପିଲାଙ୍କୁ ଆଜି ଯାଏ ସଂଘର୍ଷ କରି ବଞ୍ଚାଇଥିବାର କାହାଣୀରୁ ଜଣାପଡ଼େ। ରକ୍ତହୀନତା ରୋଗୀଙ୍କ ପାଇଁ ସରକାର ସବୁ ବ୍ୟବସ୍ଥା ଖଞ୍ଜି ଦେଇଥିବା ଶୁଣିବାକୁ ବହୁତ ଭରସାଯୋଗ୍ୟ କଥାଟି ଭଳି ଲାଗୁଥିବାବେଳେ ବାସ୍ତବତା କିନ୍ତୁ ପୁରା ଓଲଟା। ସାହାଯ୍ୟ ତ ଦୂରର କଥା କ'ଣ ଯୋଜନା ରହିଛି ଓ କେମିତି ଏହି ଯୋଜନାର ସୁଫଳ ମିଳିବ ସେ ସମ୍ପର୍କରେ ସୂଚନା ପାଇବା ମଧ୍ୟ କଷ୍ଟ ହୋଇଛି। ସରକାରଙ୍କ ବ୍ୟବସ୍ଥାର ସୁବିଧା ପାଇବାକୁ ଆଉ ଅପେକ୍ଷା ନ କରି କବିତା ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରିଛନ୍ତି। ଏବେ ପୁଅ ଦେହର ହିମୋଗ୍ଲୋବିନ ମାତ୍ର ୨ ଥିବାରୁ ଜରୁରୀ ରକ୍ତ ଯୋଗାଡ଼ ନ ହେବାରୁ ଶାରୀରିକ ଦୁର୍ବଳ ମାଆ କବିତା ନିଜର ରକ୍ତ ଦେବା ତାଙ୍କର ସ୍ୱାସ୍ଥ୍ୟସଙ୍କଟ ସୃଷ୍ଟି କରିଛି। ସରକାରୀ ବ୍ୟବସ୍ଥାରେ ଏହି ପରିବାର ପାଇଁ ବିଶେଷ ଭାବେ ସାହାଯ୍ୟର ଆବଶ୍ୟକତା ଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏଭଳି ଏକ ପରିବାର ପାଇଁ ନିର୍ଦ୍ଦିଷ୍ଟ ଯୋଜନା ଯୋଗାଇ ଦେବାକୁ ଅନୁରୋଧ କରାଯାଉଛି।

# ବନ୍ୟାଞ୍ଚଳ ବୁଲି ସ୍ଥିତି ଦେଖିଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା,୧।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ରିଲିଫ ଓ ପୁନର୍ବାସ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ନିଆଯାଉଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ନେତୃତ୍ୱରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପ୍ରଭାବିତ ଲୋକଙ୍କ ସୁରକ୍ଷା, ଖାଦ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ଜରୁରୀ ସହାୟତା ପହଞ୍ଚାଇବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ବନ୍ୟାଞ୍ଚଳ ଗସ୍ତ କରି ସ୍ଥିତି ଦେଖିଥିବାବେଳେ ପଟ୍ଟାମୁଣ୍ଡାଇରେ ଉପଜିଲ୍ଲାପାଳ ରିଲିଫ କାର୍ଯ୍ୟର ତଦାରଖ କରିଛନ୍ତି। ଶନିବାର ଅପରାହ୍ଣ ୪ଟା ସୁଦ୍ଧା ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା ଓ ଡେରାବିଶ ସମେତ ୯ଟି ବ୍ଲକର ୮୫ଟି ପଞ୍ଚାୟତର ୧୬୯ଟି ଗ୍ରାମ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ୭୩,୧୬୩ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୧,୨୪୯ ଜଣଙ୍କୁ ୬ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ୮୪୯ ଜଣ ଆଶ୍ରୟସ୍ଥଳରେ ରହୁଥିବାବେଳେ ସେମାନଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉଛି। ଏ ପର୍ଯ୍ୟନ୍ତ ୮୦.୭୫ କ୍ୱିଣ୍ଟାଲ ଚାଉଳ, ୮.୦୩ କ୍ୱିଣ୍ଟାଲ ଚୁଡ଼ା, ୭ କ୍ୱିଣ୍ଟାଲ ଗୁଡ଼/ଚିନି, ବିସ୍କୁଟ, ମହମବତୀ, ଦିଆସିଲି ସହ ୨ ହଜାର ବୋତଲ ପାନୀୟଜଳ ବଣ୍ଟନ କରାଯାଇଛି।

**ପଟ୍ଟାମୁଣ୍ଡାଇରେ ରିଲିଫ କାର୍ଯ୍ୟର ତଦାରଖ କଲେ ଉପଜିଲ୍ଲାପାଳ**

ସ୍ୱାସ୍ଥ୍ୟସେବା ପାଇଁ ୧୨ଟି ମେଡିକାଲ ଟିମ୍ ଓ ପଶୁଧନର ସୁରକ୍ଷା ପାଇଁ ୯ଟି ପଶୁ ଚିକିତ୍ସା ଦଳ ନିୟୋଜିତ ହୋଇଛନ୍ତି। ୬୬ଟି ରାସ୍ତା ବନ୍ୟାଜଳରେ ବୁଡ଼ିଯାଇଥିବାରୁ ଯାତାୟାତ ପ୍ରଭାବିତ ହୋଇଛି। ପ୍ରାଥମିକ ଆକଳନ ଅନୁଯାୟୀ ୮୯ଟି ଗୁହାଳ ଓ ୫ଟି କଚ୍ଚା ଘର ସମେତ ମୋଟ ୯୪ଟି ଗୃହ ଓ ସଂରଚନା ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର କାର୍ଯ୍ୟ ପାଇଁ ୩ଟି ଏସ୍ଆର୍‌ସି ପାୱାର ବୋଟ୍, ୧୫ଟି ଯନ୍ତ୍ରଚାଳିତ ଦେଶୀ ଡଙ୍ଗା ଓ ୭୨ଟି ପାରମ୍ପରିକ ଡଙ୍ଗା ନିୟୋଜିତ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ସହ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିବା ସହ ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ପଟ୍ଟାମୁଣ୍ଡାଇ ଅଞ୍ଚଳର ବନ୍ୟା ପ୍ରଭାବିତ ଗ୍ରାମରେ ପହଞ୍ଚି ରିଲିଫ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଥିଲେ।

## ବିଧାୟକ ଗଣେଶ୍ୱର ବେହେରାଙ୍କ ବନ୍ୟାଞ୍ଚଳ ଗସ୍ତ

**କେନ୍ଦ୍ରାପଡ଼ା,୧।୮ (ସମିସ):** ବ୍ରାହ୍ମଣୀ ନଦୀର ବନ୍ୟା ପ୍ରଭାବରେ ପଟ୍ଟାମୁଣ୍ଡାଇ ବ୍ଲକର ବହୁ ଅଞ୍ଚଳ ଜଳବନ୍ଦୀ ଥିବାବେଳେ ସ୍ଥିତିର ଅନୁଧ୍ୟାନ ପାଇଁ ସ୍ଥାନୀୟ ବିଧାୟକ ଗଣେଶ୍ୱର ବେହେରା ଶନିବାର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଙ୍କ ସହ ବିଜୁ ଜନତା ଦଳର ଜନପ୍ରତିନିଧି ଓ କର୍ମକର୍ତ୍ତା ସିଂହଗାଁ ଓ ପେଣ୍ଠପାଳ ପଞ୍ଚାୟତ ଅଧୀନ ସିଂହଗାଁ, ନୂଆପାଟଣା, ବଡ଼ରାଉଳିଆ, ଦାଣ୍ଡିସାହି ସମେତ ବିଭିନ୍ନ ଗ୍ରାମ ଗସ୍ତ କରି ଜଳବନ୍ଦୀ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ। ଗସ୍ତ ପରେ ବିଧାୟକ ଶ୍ରୀ ବେହେରା ରାଜ୍ୟର ସ୍ୱତନ୍ତ୍ର ରିଲିଫ କମିଶନର ଓ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପତ୍ର ଲେଖି ବନ୍ୟା ପୀଡ଼ିତ ଅଞ୍ଚଳରେ ତୁରନ୍ତ ରିଲିଫ ସହାୟତା ପହଞ୍ଚାଇବାକୁ ଦାବି କରିଛନ୍ତି। ବନ୍ୟା ଯୋଗୁଁ ଅନେକ ଗ୍ରାମ ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିଥିବାରୁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଛି। ବିଦ୍ୟୁତ୍ ସେବା ବନ୍ଦ ରହିଥିବାରୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ବନ୍ଦ ହୋଇଛି। ଅଧିକାଂଶ ନଳକୂପ ବୁଡ଼ି ରହିଥିବାରୁ ପିଇବା ପାଣିର ସଂକଟ ଗୁରୁତର ରୂପ ନେଇଛି। ସେହିପରି ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟର ଅଭାବ ଦେଖାଦେଇଥିବାରୁ ପଶୁପାଳକ ମଧ୍ୟ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ବନ୍ୟା ପ୍ରଭାବିତ ସମସ୍ତ ଗ୍ରାମରେ ଅବିଳମ୍ବେ ବୋତଲ ପାଣି, ଶୁଖିଲା ଖାଦ୍ୟ ଓ ଗୋଖାଦ୍ୟ ବଣ୍ଟନ କରିବାକୁ ବିଧାୟକ ଦାବି କରିଛନ୍ତି। ଏହି ଗସ୍ତ ସମୟରେ ବିଜେଡି ଜିଲ୍ଲା ସଭାପତି ଶିବ ପ୍ରସାଦ ଭଳ, ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, କାଙ୍ଗାଳି ସେଠୀ, ନିର୍ମଳ ଜେନା, ସମିତି ସଭ୍ୟ ଅଭୟ ସ୍ୱାଇଁ, ପୂର୍ବତନ ସରପଞ୍ଚ କୈଳାସ ସେଠୀ, ବଣ୍ଟି ପ୍ରଧାନ, ନିରଞ୍ଜନ ସୁନ୍ଦର ରାୟ, ରାକେଶ ବେହେରା, ସମ୍ବିତ ଶ୍ରୀଚନ୍ଦନ, ରଞ୍ଜନ ସାହୁ, ଅଶୋକ ସାହୁ, ପ୍ରଫୁଲ୍ଲ ମଲ୍ଲିକ, ଦୀପକ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ସଞ୍ଜୟ ବେହେରା, ଦିବ୍ୟସିଂହ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ବନ୍ୟା ସ୍ଥିତିର ସମୀକ୍ଷା କଲେ ବିଧାୟକ

**ରାଜନଗର, ୧।୮ (ସମିସ):** ରାଜନଗର ବ୍ଲକ କାର୍ଯ୍ୟାଳୟରେ ବିଧାୟକ ଧ୍ରୁବ ସାହୁ ବନ୍ୟା ଓ ପରବର୍ତ୍ତୀ ସହାୟତା ନେଇ ସମୀକ୍ଷା କରିଛନ୍ତି। ବ୍ଲକ୍ କାର୍ଯ୍ୟାଳୟରେ ଏଡିଏମ, ବିଡିଓ ଅଶୋକ ମହାନ୍ତି, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଆମ୍ବ ଅଧ୍ୟକ୍ଷ କୈଳାସ ପରିଡା, ସରପଞ୍ଚ ନିରଞ୍ଜନ ରାଉତ, ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବନ୍ୟା ଓ ପରବର୍ତ୍ତୀ ସରକାରୀ ପଦକ୍ଷେପ ସମ୍ପର୍କରେ ସମୀକ୍ଷା ହୋଇଥିଲା। ଆଜି ଗୋଖାଦ୍ୟ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଇଣ୍ଡେନ ଦିଆଯାଇଛି। ୩ ତାରିଖରେ ଗୋଖାଦ୍ୟ ପହଞ୍ଚିଲେ ବଣ୍ଟାଯିବ। ଶୁଖିଲା ଖାଦ୍ୟ ଓ ରିଲିଫ ନେଇ ସରକାର କୌଣସି ନିର୍ଦ୍ଦେଶ ଦେଇନାହାନ୍ତି। ନିର୍ଦ୍ଦେଶ ଆସିଲେ ପଦକ୍ଷେପ ନିଆଯିବ। ପ୍ରଶାସନ ପକ୍ଷରୁ ଚକିବାଙ୍କରେ ଗୋଟିଏ, ଫିରିକିଦାଣ୍ଡିରେ ଗୋଟିଏ, ନଗଡ ଗାଁରେ ୪ଟି, ବେଲପାଳରେ ୨ଟି ଡଙ୍ଗା ପଡିଥିବା ସୂଚନା ଦିଆଯାଇଛି। ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ନେଇ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ତୁରନ୍ତ ଶୁଖିଲା ଖାଦ୍ୟ, ୭ ଦିନ ପାଇଁ ରିଲିଫ, ଗୋଖାଦ୍ୟ ଓ ପିଇବା ପାଣି ଯୋଗାଇ ଦେବାକୁ ବିଧାୟକ ଶ୍ରୀ ସାହୁ ବୈଠକରେ କହିଛନ୍ତି।



## କମୁଛି ବନ୍ୟା, ବଢୁଛି ବିପନ୍ନଙ୍କ ଦୁର୍ଦ୍ଦଶା



**ପଟ୍ଟାମୁଣ୍ଡାଇ,୧।୮ (ସମିସ):** ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ୬୫ ହଜାର ଲୋକ ବିପନ୍ନ ହୋଇଛନ୍ତି। ବନ୍ୟା ସାମାନ୍ୟ ହ୍ରାସ ପାଇଥିଲାବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ବଢିଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ହଜାର ହଜାର ଏକର ଜମିର ଫସଲହାନି ଘଟିଛି। ବିଭିନ୍ନ ରାସ୍ତାଘାଟ ଧୋଇ ଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ସ୍କୁଲ କଲେଜ ପାଣି ପଶିଯିବା ଫଳରେ ଶିକ୍ଷାଦାନ ଠପ ହୋଇଛି। ବହୁ କଚା ଘରେ ପାଣି ପଶି ଯାଇ ଶହ ଶହ ଘର ଭାଙ୍ଗିଛି। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ପାନୀୟଜଳ ଓ ଗୋଖାଦ୍ୟ ଅଭାବ ଦେଖାଦେଇଛି। ଅଣ୍ଡରା ଅଳପୁଆ, ତୁଳସୀଡିଆ ଆଦି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ପଶି ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ବନ୍ୟାଞ୍ଚଳରେ ବିଦ୍ୟୁତ ଓ ଟେଲିସେବା ପ୍ରଭାବିତ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହିତ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନ ଲୋକଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି।

ବାରମ୍ବାର ଲଘୁଚାପଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୬୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ୧୫ ହଜାର ଗୃହପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି। ବନ୍ୟା ବିପନ୍ନ ଲୋକେ ଜଳବନ୍ଦୀ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥିବାବେଳେ ଗୃହପାଳିତ ପଶୁ ଗୋଖାଦ୍ୟ ପାଇଁ ଡହଳବିକଳ ହେଉଛନ୍ତି। ବନ୍ୟାଞ୍ଚଳରେ ସାପ କାମୁଡା ଇଞ୍ଜେକସନ, ବ୍ଲିଚିଙ୍ଗ, ସାଲାଇନ, କିରୋସିନ,ଗୋ ଖାଦ୍ୟ, ପିଇବା ପାଣିର ଅଭାବ ଦେଖାଦେଇଛି। ମାଳିପୁର ରାସ୍ତା ବୁଡି ଯାଇଥିବାରୁ ଶ୍ରୀରାମପୁର ଡାମରପୁର ବଳଭଦ୍ରପୁର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ତନୁପୁର ରାସ୍ତା ବୁଡି ଯାଇ ଥିବାରୁ ବାଲିପାଟଣା, ଖଡ଼ିପାଳ ତନୁପୁର, ନନ୍ଦିନୀନଗର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇପଡିଛି। ଆଜି ପଟ୍ଟାମୁଣ୍ଡାଇ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ ପଟ୍ଟାମୁଣ୍ଡାଇ ବ୍ଲକ ଆସି ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୀତଲ ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହିତ ବନ୍ୟା ସ୍ଥିତି ମୁକାବିଲା ସମ୍ପର୍କରେ ସମୀକ୍ଷା କରିଛନ୍ତି। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ଅରୁଣ ନାୟକ ବାହ୍ୟ ଜଗତରୁ ବିଚ୍ଛିନ୍ନ ସିଂହଗାଁ ପଞ୍ଚାୟତ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ବନ୍ୟାଞ୍ଚଳ ବୁଲି ଲୋକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରୁଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବନ୍ୟା ବିପନ୍ନ ଅଞ୍ଚଳକୁ ବୋଟ ଯୋଗେ ଯାଇ ବିପନ୍ନଙ୍କ ଅବସ୍ଥା ଅନୁଧ୍ୟାନ କରିବା ସହିତ ସହାୟତା ବ୍ୟବସ୍ଥା କରୁଛନ୍ତି। ସମ୍ପ୍ରତି ବନ୍ୟା ଯୋଗୁଁ ପରିବେଶ ଦୂଷିତ ହୋଇ ଚାରିଆଡେ ଝାଡାବାନ୍ତି, ଥଣ୍ଡା, ଜ୍ୱର ଲାଗି ରହିଛି। ବନ୍ୟାଞ୍ଚଳରେ ବ୍ୟାପକ ରିଲିଫ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

**▶▶ ୬୫ ହଜାର ଲୋକ ବିପନ୍ନ**
**▶▶ ହଜାର ହଜାର ଏକର ଜମିର ଫସଲ ନଷ୍ଟ**
**▶▶ ବିଧାୟକଙ୍କ ପରିଦର୍ଶନ ପରେ ରିଲିଫ ଯୋଗାଣ**

## ଜଳବନ୍ଦୀ ଲୋକଙ୍କୁ ଭେଟିଲେ ବିଧାୟକ



**ଗରଦପୁର,୧।୮ (ସମିସ):** ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ପାଟକୁରା ନିର୍ବାଚନମଣ୍ଡଳୀର ଗରଦପୁର ବ୍ଲକ ଅଧୀନ ବିଭିନ୍ନ ଗ୍ରାମ ଜଳବନ୍ଦୀ ହୋଇପଡ଼ିଛି। ଏପରି ସ୍ଥିତିରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଶନିବାର ଡଙ୍ଗା ଯୋଗେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜଳବନ୍ଦୀ ପରିବାରକୁ ଭେଟିଛନ୍ତି। ସେ ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ପହଣା ପନ୍ଦିଆ ଗ୍ରାମରେ ଜଳବନ୍ଦୀ ଅବସ୍ଥାରେ ରହୁଥିବା ପରିବାରର ଦୁର୍ଦ୍ଦଶା ବୁଝିଥିଲେ। ସେମାନଙ୍କ ପାଇଁ ତୁରନ୍ତ ଶୁଖିଲା ଖାଦ୍ୟର ବନ୍ଦୋବସ୍ତ କରିବା ସହ ପ୍ରଶାସନକୁ ନିୟମିତ ରନ୍ଧାଖାଦ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଧାୟକ ବିଚଣା ପଞ୍ଚାୟତ ଅଧୀନ ନୂଆପଡ଼ା ଗ୍ରାମକୁ ଯାଇ ସେଠାରେ ଜଳବନ୍ଦୀ ପରିବାର ସହ ଆଲୋଚନା କରିଥିଲେ। ସେମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇବା ସହ ପ୍ରଶାସନିକ ଅଧିକାରୀଙ୍କୁ ରନ୍ଧାଖାଦ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଶୀଘ୍ର ପହଞ୍ଚାଇବାକୁ କହିଥିଲେ।

## ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳରେ ତେଜେଶ୍ୱର

**ମାର୍ଶାଘାଇ,୧।୮ (ସମିସ):** ଚଳିତ ବନ୍ୟାରେ ପାଟକୁରା ନିର୍ବାଚନମଣ୍ଡଳୀର ସର୍ବାଧିକ ପ୍ରଭାବିତ ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ବିଭିନ୍ନ ଗ୍ରାମ ପରିଦର୍ଶନ କରି ପାଟକୁରାର ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ସେ କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଥିଲେ। ଜଳପୋକ, ଆଇତିପୁର, ବଙ୍ଗାଳପୁର ସମେତ ବିଭିନ୍ନ ପଞ୍ଚାୟତର ଜଳବନ୍ଦୀ ଗ୍ରାମ ବୁଲି ପାନୀୟଜଳ, ଶୁଖିଲା ଖାଦ୍ୟ, ଔଷଧ, ଗୋଖାଦ୍ୟ ଯୋଗାଣ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସରକାରଙ୍କ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।



## ବନ୍ୟାଞ୍ଚଳରେ ସ୍ଥିତି ପରଖିଲେ ପାଟକୁରା ବିଧାୟକ

**କେନ୍ଦ୍ରାପଡ଼ା,୧।୮ (ସମିସ):** ଚଳିତ ବନ୍ୟାରେ ପ୍ରଭାବିତ ପାଟକୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବିଧାୟକ ଜଳବନ୍ଦୀ ଲୋକଙ୍କ ସମସ୍ୟା ବୁଝିଛନ୍ତି। ବଙ୍ଗାଳପୁର, ଜଳପୋକ ଓ ପାଟକୁରା ପଞ୍ଚାୟତର ଏକାଧିକ ଗ୍ରାମ ଓ ନଦୀବନ୍ଧ ବୁଲି ସେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ବନ୍ୟା ସ୍ଥିତିର ସମୀକ୍ଷା କରିଥିଲେ। ବିଶେଷକରି ଆଇତପୁର ଓ ଡିଅ ବଳରାମପୁର ଭଳି ସମ୍ପୂର୍ଣ୍ଣ ଜଳମଗ୍ନ ଗ୍ରାମରେ ବିଶୁଦ୍ଧ ପାନୀୟଜଳ, ଶୁଖିଲା ଖାଦ୍ୟ ଓ ଗୋଖାଦ୍ୟ ତୁରନ୍ତ ପହଞ୍ଚାଇବା ପାଇଁ ସେ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ଶୀଘ୍ର ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ବ୍ୟବସ୍ଥା ଚାଲିଥିବା ଜଣାପଡ଼ିଛି।



## ବିପନ୍ନଙ୍କ ନିକଟରେ ପହଞ୍ଚିଲେ ବିଧାୟକ

**ରାଜନଗର, ୧।୮ (ସମିସ):** ରାଜନଗର ବିଧାୟକ ଧ୍ରୁବ ସାହୁ ଆଜି ରାଜନଗର ବ୍ଲକର ଚକିବାଙ୍କ, ଫିରିକିଦାଣ୍ଡି, ନଗଡ଼, ଓସ୍ତିଆ, ବେଲପାଳ, ରାଜପୁର, ଚନ୍ଦନପୁର ଆଦି ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କ ଦୁର୍ଦ୍ଦଶା ଦେଖିଛନ୍ତି। ପାଣି ଘେରରେ ଥିବା ପରିବାର ନିକଟରେ ପାଣିରେ ପଶି ପହଞ୍ଚି ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ବିଧାୟକଙ୍କ ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଆମ୍ବ ଅଧ୍ୟକ୍ଷ କୈଳାସ ପରିଡ଼ା, ସରପଞ୍ଚ ନିରଞ୍ଜନ ରାଉତ, ବରିଷ୍ଠ ନେତା ବିଜୟ ନାୟକ, ଦିଲ୍ଲୀପ ପାତ୍ର, ସୁବ୍ରତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।



## ବନ୍ୟାଞ୍ଚଳରେ ରାଜନଗର ଡାକ୍ତରୀ ଦଳ

**ରାଜନଗର, ୧।୮ (ସମିସ):** ରାଜନଗର ସ୍ୱାସ୍ଥ୍ୟ ବିଭାଗ ଟିମ ବନ୍ୟାଞ୍ଚଳରେ ପହଞ୍ଚି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମେଡିସିନ ଦେବା ସହ ପ୍ରତିଷେଧକ ମେଡିସିନ ବଣ୍ଟନ କରିଛନ୍ତି। ରାଜନଗର ସ୍ୱାସ୍ଥ୍ୟ ବିଭାଗ ଟିମର ସେବା ଫଟୋକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଫେସବୁକ ପେଜରେ ପୋଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଫେସବୁକରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସେବା ଓ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି।

## ବିଜେଡି ପ୍ରତିନିଧିଙ୍କ ବନ୍ୟାଞ୍ଚଳ ପରିଦର୍ଶନ

**ଗୋବିନ୍ଦପୁର,୧।୮ (ସମିସ):** ଆଳି ବ୍ଲକ ଧୋୟାଞ୍ଚଳ ଲୋକେ ତିନିଦିନ ହେଲା ଜଳବନ୍ଦୀ ଜୀବନ ବିତାଉଛନ୍ତି। ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଆଜି ବିଜେଡିର ଏକ ପ୍ରତିନିଧି ଦଳ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ସଭ୍ୟଙ୍କ ପ୍ରତିନିଧି କେଦାର ବେହେରା, ଦେମାଳ ସରପଞ୍ଚଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ପରିଡ଼ା, ଯୁବ ସଂଗଠକ ସୁବ୍ରତ ଦାସ ପ୍ରମୁଖ ସଂସିଧା, ପେତପଡ଼ା, ଏରଡ଼ଙ୍ଗ, ପାଳିମି ଆଦି ପଞ୍ଚାୟତ ସମେତ ଗୁଣ୍ଡୁଦିଆ ଗ୍ରାମର ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚି ଦୁର୍ଦ୍ଦଶା ଦେଖିଥିଲେ। ବିପନ୍ନଙ୍କୁ ପାନୀୟଜଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।



## କୁମ୍ଭୀର ପାଇଁ ବନ ବିଭାଗର ସଚେତନତା

**ରାଜନଗର,୧।୮ (ସମିସ):** ବ୍ରାହ୍ମଣୀରେ ବନ୍ୟା ଆସିଛି, ତିନିଦିନ ହେବ ରାଜନଗର ବ୍ଲକର ପ୍ରାୟ ୪୦ ହଜାର ଲୋକ ଜଳବନ୍ଦୀରେ ରହିଛନ୍ତି। ଭିତରକନିକା ନଦୀରୁ କୁମ୍ଭୀର ବନ୍ୟା ପାଣିରେ ଆସି ଆତଙ୍କ ସୃଷ୍ଟି କରୁଛନ୍ତି। ଫଳରେ ବନ୍ୟା ବିପନ୍ନ ଲୋକଙ୍କ ଭିତରେ ଛନକା ପଶିଛି। ବନ୍ୟା ଅଞ୍ଚଳର ଲୋକେ ସତର୍କ ରହିବା ପାଇଁ ରାଜନଗର ବନ ବିଭାଗ ପକ୍ଷରୁ ପାୱାର ବୋଟ ଯୋଗେ ଡାକ ବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଉଛି। ଡିଏଫଓ ଭରଦରାଜ ଗାଓଁକରଙ୍କ ନିର୍ଦ୍ଦେଶରେ ରାଜନଗର ଫରେଷ୍ଟର ବିଭୂତି ଭୂଷଣ ତରାଇଙ୍କ ନେତୃତ୍ୱରେ ବନ କର୍ମଚାରୀ ରାକେଶ ମହାନ୍ତି, ଲକ୍ଷ୍ମୀପ୍ରିୟା ଖଟୁଆ ପ୍ରମୁଖ ମଦନପୁର, ଦାଣ୍ଡି, ନଗଡ଼, ଅଳଭା, ପତ୍ରପୁର ଆଦି ଗ୍ରାମରେ ଲୋକଙ୍କୁ ସଚେତନ କରିଥିଲେ।

## ଖୋଲିଲା ଭିତରକନିକା ▶ ପ୍ରଥମ ଦିନରେ ୧୦୮ ପର୍ଯ୍ୟଟକ

**ରାଜନଗର, ୧।୮ (ସମିସ):** ଦୀର୍ଘ ୩ ମାସ ପରେ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଆଜିଠାରୁ ଖୋଲିଛି ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ। ଆଜି ପ୍ରଥମ ଦିନରେ ଭିତରକନିକାକୁ ୧୦୮ ଜଣ ପର୍ଯ୍ୟଟକ ଆସିଥିବାବେଳେ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଖୁଆଇ ବନ କର୍ମଚାରୀ ସ୍ୱାଗତ କରିଛନ୍ତି। ଭିତରକନିକାକୁ ପଲିଥିନମୁକ୍ତ କରିବା ପାଇଁ ପର୍ଯ୍ୟଟକଙ୍କୁ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ବୁଝାଇଥିଲେ। ଆଜି ଡାଙ୍ଗମାଳ ପଏଣ୍ଟରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର୍ ପ୍ରଶାନ୍ତ ସିଂ, ନବୀନ ମଲ୍ଲିକ, ସଂଜୀବ ଦାସ, ହେମନ୍ତ ପାଣିଗ୍ରାହୀ, ଯଶୋବନ୍ତ ବେହେରା, ଫରେଷ୍ଟଗାର୍ଡ ବବୁଲ ପରିଡ଼ା, କଳ୍ପତରୁ ସେଠୀ, ପ୍ରଦୋଷ ମହାପାତ୍ର, ରଶ୍ମିରଞ୍ଜନ ବେହେରା, ସନ୍ଧ୍ୟାରାଣୀ ମଲ୍ଲିକ, ବନ୍ଦିତା ବିଶ୍ୱାଳ, ଗାୟତ୍ରୀ ତିର୍କୀଙ୍କ ସମେତ ରବି ସିଂ, ସୁଶାନ୍ତ ବେହେରା,ରଂଜନ କୁମାର ବେହେରା ପ୍ରମୁଖ ପର୍ଯ୍ୟଟକଙ୍କୁ ସ୍ୱାଗତ କରିଥିଲେ। ସେହିପରି ଗୁପ୍ତି ଏଣ୍ଟ୍ରି ପଏଣ୍ଟରେ ଏସିଏଫ ଗଗନ ମଲ୍ଲିକ, ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଫରେଷ୍ଟର ବିଜୟ ପାତ୍ର, ରଞ୍ଜନ ପାଣି, ଫରେଷ୍ଟଗାର୍ଡ ବିଶ୍ୱଜିତ ତରାଇ, ସତ୍ୟରଞ୍ଜନ ପାଣି ଓ ବିଭିନ୍ନ ଏସଏଚ୍‌ଜି ଗୋଷ୍ଠୀ ମହିଳା ପର୍ଯ୍ୟଟକଙ୍କୁ ସ୍ୱାଗତ କରିଥିଲେ। ଆଜି ପ୍ରଥମ ଦିନରେ ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୬ ବୋଟରେ ୪୫ ପର୍ଯ୍ୟଟକ, ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ଗୋଟିଏ ବୋଟରେ ୧୮ ପର୍ଯ୍ୟଟକ ଓ ଡାଙ୍ଗମାଳ ମେନଗେଟ ଦେଇ ୪୫ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି।



## ଯୁବା ଭାରତ ପକ୍ଷରୁ ନିଶାମୁକ୍ତି ଅଭିଯାନ

**ଡେରାବିଶ, ୧।୮ (ସମିସ):** ଗୁଆଳସିଂହ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ମାଇଁ ଭାରତ ଯୁବା ଭାରତ ପକ୍ଷରୁ ଦୁଇଦିନିଆ ନିଶାମୁକ୍ତି ଅଭିଯାନ ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ବିକାଶ ପ୍ରଧାନ, ସମ୍ମାନିତ ଅତିଥି ଠଭାବେ ମାଇଁ ଭାରତର ଯୋଜନା ଅଧିକାରୀ ଶୁଭେନ୍ଦ୍ର ସାହୁ, ଜାତୀୟ ସେବା ଯୋଜନାର ପୂର୍ବତନ ଜିଲ୍ଲା ଅଧିକାରୀ ଶିଶିର ମହାପାତ୍ର, ସାମାଜସେବୀ ଶ୍ରୀଧର ମହାନ୍ତି ଯୋଗଦେଇ ସମଗ୍ର ଦେଶରେ ବିପଥଗାମୀ ହେଉଥିବା ଯୁବ ସମାଜ ଭିତରେ ମଣିଷ ପଣିଆର ଭାବନା ତିଆରି କରିବାକୁ ହେଲେ ନିଶା ସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଂଯୋଜକ ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ଅଧ୍ୟକ୍ଷା ଶ୍ରୀମତୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଏନଏସ୍ଏସ୍ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ପରିଚାଳନା କରିଥିଲେ।



## ଆଜି ଅପରାହ୍ଣ ୪ଟାରେ ଦୂରଦର୍ଶନରେ ପ୍ରସାରଣ ହେବ 'ରଥଦାଣ୍ଡେ ବିଜେ ଶ୍ରୀବଳଦେବ'

**କେନ୍ଦ୍ରାପଡ଼ା/ଭୁବନେଶ୍ୱର, ୧।୮ (ସମିସ):** ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ନୀତିକାନ୍ତି ସାଂସ୍କୃତିକ ଦୃଷ୍ଟିକୋଣରୁ ପୁରୀ ଶ୍ରୀଜଗନ୍ନାଥଙ୍କ ପରେ ସ୍ୱତନ୍ତ୍ର ମର୍ଯ୍ୟାଦା ବହନ କରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଭଳି ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟଦେବତା ଶ୍ରୀବଳଦେବଙ୍କ ବ୍ରହ୍ମତାଳଧ୍ୱଜ ରଥଯାତ୍ରା ପ୍ରସିଦ୍ଧି ଲାଭ କରିଛି। ପୁରୀ ପରେ ଏହି ଶ୍ରୀବଳଦେବଙ୍କ ରଥଯାତ୍ରା ଭକ୍ତଙ୍କ ମଧ୍ୟରେ ବେଶ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରିଆସିଛି। ଅଗଣିତ ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଚଳିତବର୍ଷ ଜିଲ୍ଲା ପ୍ରଶାସନ ଓ ଦୂରଦର୍ଶନ କେନ୍ଦ୍ରର ମିଳିତ ସହଯୋଗରେ ଶ୍ରୀବଳଦେବଙ୍କ ରଥଯାତ୍ରା ଉପରେ ଏକ ଅଧଘଣ୍ଟିଆ ଟିଭି ଡକ୍ୟୁମେଣ୍ଟାରୀ ନିର୍ମାଣ କରାଯାଇଛି। ଏହାର ନାମ ରଖାଯାଇଛି 'ରଥଦାଣ୍ଡେ ବିଜେ ଶ୍ରୀବଳଦେବ'। ଏହି କାର୍ଯ୍ୟକ୍ରମରେ ଶ୍ରୀବଳଦେବଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ନୀତି, ପଟିଦିଅଁ ଉପାସନା, ଶ୍ରୀଗୁଣ୍ଡିଚା ରଥଯାତ୍ରା, ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡପମଣ୍ଡପ ବିଜେ, ଆଡପ ଅବଢା ନୀତି, ହେରାପଞ୍ଚମୀ, ସନ୍ଧ୍ୟା ନବମୀ, ରଥ ଦକ୍ଷିଣମୋଡ, ବାହୁଡ଼ା ଯାତ୍ରା, ରଥାରୁଢ ଶ୍ରୀଜୀଉଙ୍କ ରଘୁନାଥ ବେଶ, ଅଧରପଣା ନୀତି, ଚାହାଣି ମଣ୍ଡପ ଭେଟ, ନିଳାଦ୍ରୀ ବିଜେ ନୀତି ପରି ବହୁ ପାରମ୍ପରିକ ଦୃଶ୍ୟାବଳୀ ସ୍ଥାନିତ କରାଯାଇଛି। ଏଥିସହ କାର୍ଯ୍ୟକ୍ରମର ଆଧ୍ୟାତ୍ମିକ ସାଂସ୍କୃତିକ ବିବିଧତା ମଧ୍ୟ ସ୍ଥାନ ପାଇଛି। ଏହି କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ ହେବା ପରେ ଜାତୀୟ ପ୍ରସାରଣ ସଂସ୍ଥା ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ଦୂରଦର୍ଶନ (ଓଡ଼ିଆ) ଚ୍ୟାନେଲରେ ଅଗଷ୍ଟ ମାସ ୨ ତାରିଖ ରବିବାର ଅପରାହ୍ଣ ୪ଟାରେ ପ୍ରସାରଣ ହେବାକୁ ଯାଉଛି ବୋଲି ଦୂରଦର୍ଶନ କେନ୍ଦ୍ର କର୍ତ୍ତୃପକ୍ଷ ଭୁବନେଶ୍ୱର ଜଣାଇଛନ୍ତି।

**ଭୋଟର ତାଲିକାରୁ ନାମ ବାଦ ଦେବା ପ୍ରସଙ୍ଗ**

## ତେଜୁଛି ଅସନ୍ତୋଷ, ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ ଦାବି



**ଗରଦପୁର, ୧।୮ (ସମିସ):** ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାରେ ପାଟକୁରା ନିର୍ବାଚନମଣ୍ଡଳୀ ଗରଦପୁର ବ୍ଲକ ପଳସୁଧାର ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଭୋଟର ତାଲିକାରୁ ନାମ ବାଦ ଦେବା ଷଡ଼ଯନ୍ତ୍ର ବିରୋଧରେ ହେଉଥିବା ଅଭିଯୋଗ ପ୍ରସଙ୍ଗ ଏବେ ଭିନ୍ନ ମୋଡ଼ ନେଇଛି। ଏହି ସମ୍ବେଦନଶୀଳ ଅଭିଯୋଗକୁ ନେଇ ଏବେ ସଂଖ୍ୟାଲଘୁଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ତାଲିକାରୁ ନାମ କାଟିବା ପାଇଁ ବିଏଲ୍ଓଙ୍କ ଉପରେ ଚାପ ପ୍ରୟୋଗ କରିବା ଓ ଫର୍ମ ୭ରେ ଜବରଦସ୍ତ ଦସ୍ତଖତ କରିବାକୁ କହୁଥିବା ଉକ୍ତ ଗ୍ରାମର ଷଡ଼ଯନ୍ତ୍ରକାରୀ ଗଗନ ବିହାରୀ ଦାସଙ୍କୁ ଗିରଫ କରିବା ପାଇଁ ଦାବି ଜୋରଦାର ହୋଇଛି। ଏହି ଅଭିଯୋଗକୁ ନେଇ ଗତ ଜୁଲାଇ ମାସ ୩୧ ତାରିଖ ଦିନ ଜିଲ୍ଲା ବିଜୁ ଜନତା ଦଳ ସଭାପତି ରାଜେଶ୍ ଦାସଙ୍କ ନେତୃତ୍ୱରେ ବିଜେଡି କର୍ମୀ ସ୍ଥାନୀୟ କୁଦାନଗରୀ ଥାନାରେ ଅଭିଯୋଗ କରିଥିଲେ। ଯେଉଁ ୪୭ ଜଣ ବ୍ୟକ୍ତି ଓ ମହିଳାଙ୍କ ନାମ ବାଦ ଦେବା ପାଇଁ ବିଏଲ୍ଓଙ୍କୁ ଚାପ ପ୍ରୟୋଗ ହୋଇଥିଲା, ସେମାନେ ଆଜି ଗ୍ରାମ ନିକଟରେ ଥିବା ମାଦ୍ରାସା ନିକଟରେ ଏକଜୁଟ ହେବା ସହ ବାଦ ପଡ଼ିଥିବା ବ୍ୟକ୍ତିଙ୍କ ଏକ ତାଲିକା ସହିତ ସ୍ଥାନୀୟ କୁଦାନଗରୀ ଥାନାରେ ଲିଖିତ ଅଭିଯୋଗ କରି ଉକ୍ତ ଷଡ଼ଯନ୍ତ୍ରକାରୀ ଗଗନ ଦାସଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟର ମୁରବୀ ତଥା ୱାର୍ଡ ସଭ୍ୟ ସେକ ଫିରୋଜ ଅଲ୍ଲୀ ଓ ସେକ ଜାକିଉଦ୍ଦିନ୍ ପ୍ରମୁଖ ଏଭଳି ଷଡ଼ଯନ୍ତ୍ରକୁ ନାପସନ୍ଦ କରିବା ସହ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଆମ ସଂଖ୍ୟାଲଘୁଙ୍କୁ ଭୋଟ ଦାନରୁ ବିରତ ସହ ଦୀର୍ଘଦିନର ସୁସମ୍ପର୍କକୁ ହତ୍ୟା କରୁଛନ୍ତି ବୋଲି କହିଛନ୍ତି। ଆମ ଗ୍ରାମରେ ମକର ମେଳା, ଦୁର୍ଗାପୂଜା, ଗଣେଶ ପୂଜାକୁ ଆମ୍ଭମାନେ ସଭ୍ୟ ରହି ଏକମତ ହୋଇ ସହଯୋଗ କରି ଭାଇଚାରା ସେତୁରେ ବାନ୍ଧି ହୋଇ ରହିଛୁ। କେତେକ କୁଚକ୍ରୀ ବ୍ୟକ୍ତି ଆମ୍ଭମାନଙ୍କୁ ଦେଶଦ୍ରୋହୀ ଓ ବାଂଲାଦେଶୀ ଆଖ୍ୟା ଦେଇ ଭାଇଚାରା ଭାଙ୍ଗିବାକୁ ବସିଛନ୍ତି ବୋଲି କହିଛନ୍ତି।

## ଜଳସମ୍ପଦ ବିଭାଗ କର୍ମଚାରୀଙ୍କ ପରଲୋକ



**ପଞ୍ଚୁପାଣ୍ଡବ,୧।୮ (ସମିସ):** ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗ୍ରାମର ମହେଶ୍ୱର ମଲିକଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଶୁକ୍ରବାର ରାତିରେ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ କଟକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମହେଶ୍ୱର ଛତା ଜଳସେଚନ ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଜଳ ସମ୍ପଦ ବିଭାଗ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା, ସହକାରୀ ଯନ୍ତ୍ରୀ ନବୀନ ପାଣିଗ୍ରାହୀ, ବିଜେଡି ନେତା ତଥା ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ,ବିଜେପି ନେତା ତେଜେଶ୍ୱର ପରିଡ଼ା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୪୦ ● ପାଉଣ୍ଡ ୧୨୭.୬୮
- ୟୁରୋ ୧୦୯.୧୧ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୨,୨୦୦ (ଭୁବନେଶ୍ୱର)
- ରୁପା : ୨,୩୪,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୦୯୪.୦୦
- ନିଫ୍ଟି ୨୪,୩୮୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ବଢ଼ିଲା ଇ-୨୦ ତାତି

# ପିଏମ୍‌ଙ୍କ ବାସଭବନ ଘେରିବେ କେଜ୍ରିୱାଲ

■ ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ପ୍ରଶ୍ନପତ୍ର ଲିକ୍ ପରେ ଏବେ ଇ-୨୦ (୨୦% ଇଥାନଲ ମିଶ୍ରିତ) ପେଟ୍ରୋଲକୁ ନେଇ ତାତି ବଢ଼ିବାରେ ଲାଗିଛି । ଇ-୨୦ ସପକ୍ଷରେ କେନ୍ଦ୍ର ସରକାର ଯେତେ ଯୁକ୍ତି ଉପସ୍ଥାପନ କଲେ ମଧ୍ୟ ଏହା ଗାଡ଼ି ମାଲିକମାନଙ୍କୁ ସନ୍ତୁଷ୍ଟ କରିପାରୁ ନାହିଁ। ଅନ୍ୟପକ୍ଷରେ ଏହା ବିରୋଧରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଅନେକ ସଂଗଠନ ସରକାରୀ ନିଷ୍ପତ୍ତିର ପ୍ରତିବାଦ କରି ଆନ୍ଦୋଳନ ଚଳାଇଥିବା ବେଳେ ଅରବିନ୍ଦ କେଜ୍ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବାକୁ ଘୋଷଣା କରିଛନ୍ତି। ଏହି ପ୍ରସଙ୍ଗରେ କେଜ୍ରିୱାଲ ଆସନ୍ତା ୩ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି କହିଛନ୍ତି।







ଏସଂପର୍କରେ ସୂଚନା ଦେଇ କେଜ୍ରିୱାଲ କହିଛନ୍ତି ଯେ ସାଧାରଣ ପେଟ୍ରୋଲ ଏବଂ ଇଥାନଲ ମିଶ୍ରିତ ପେଟ୍ରୋଲ ମଧ୍ୟରୁ ନିଜ ପସନ୍ଦର ଇନ୍ଧନ ବାଛିବା ପାଇଁ ଗ୍ରାହକଙ୍କୁ ବିକଳ୍ପ ଦିଆଯାଉ । ଆସନ୍ତା ଅଗଷ୍ଟ ୩ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ପଦଯାତ୍ରା କରି ଜନସାଧାରଣଙ୍କ ସ୍ୱାକ୍ଷରିତ ସ୍ମାରକପତ୍ର ପ୍ରଦାନ କରିବେ । ସୋମବାର ମଧ୍ୟାହ୍ନରୁ ଦାବିପତ୍ର ସଂଗ୍ରହ ଆରମ୍ଭ କରି ପ୍ରାୟ ୧୦୦ ଜଣ ସମର୍ଥକଙ୍କ ସହ ଲୋକ କଲ୍ୟାଣ ମାର୍ଗ ଅଭିମୁଖେ ଯିବେ । ସେ କହିଛନ୍ତି ଯେ, ଇଥାନଲ ମିଶ୍ରଣ ଯୋଗୁଁ ଗାଡ଼ି ମରାମତି ଏବଂ ପେଟ୍ରୋଲର ଖର୍ଚ୍ଚ ବୃଦ୍ଧି ପାଉଛି । ଏହା କେବଳ ଗ୍ରାହକ ନୁହନ୍ତି, ବରଂ ଜଳ ଓ ମୃତ୍ତିକା ପ୍ରଦୂଷଣ ଯୋଗୁଁ କୃଷକମାନଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରୁଛି । ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁଁ ନାଗରିକଙ୍କ ଉପରେ ଜୋରଜବରଦସ୍ତ ଇ-୨୦ ଲଦି ଦିଆଯାଉଛି ଏବଂ ଏହାଦ୍ୱାରା ଇଥାନଲ ଆମଦାନୀ ବହୁଗୁଣିତ ହେବ ବୋଲି ସେ ଅଭିଯୋଗ କରିଛନ୍ତି । ଇ-୨୦ ପେଟ୍ରୋଲର ଦାମ ହ୍ରାସ କରିବା ସହ ଏହାର ସୁରକ୍ଷା ସମ୍ବନ୍ଧୀୟ ଗବେଷଣା ରିପୋର୍ଟ ସାର୍ବଜନୀନ କରିବାକୁ ସେ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି ।

### ଅନଶନ ଘୋଷଣା କରିଥିବା ତହସୀନ ପୁନାୱାଲା ଗୃହବନ୍ଦୀ

ଇ-୨୦ ପେଟ୍ରୋଲ ନୀତି ବିରୋଧରେ ପ୍ରତିବାଦ ପଦଯାତ୍ରା ଏବଂ ଅନଶନ କରିବାକୁ ଘୋଷଣା କରିଥିବା ସାମାଜିକ କର୍ମୀ ତହସୀନ ପୁନାୱାଲାଙ୍କୁ ଦିଲ୍ଲୀ ପୋଲିସ ଗୃହବନ୍ଦୀ କରିଛି। ଏନେଇ ପୁନାୱାଲା ସୋସିଆଲ ମିଡିଆରେ ଭିଡିଓ ଜାରି କରି କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀଙ୍କୁ ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ କୌଣସି ଆଇନଗତ କାଗଜପତ୍ର ବିନା ତାଙ୍କୁ ଘରେ ଅଟକ ରଖାଯାଇଛି। ଗାନ୍ଧୀ ସ୍ମୃତି ପୀଠ ପର୍ଯ୍ୟନ୍ତ ଏକାକୀ ଶାନ୍ତିପୂର୍ଣ୍ଣ ପଦଯାତ୍ରା ଓ ଏକଦିନିଆ 'ମୌନ ବ୍ରତ' ସହ ଅନଶନ କରିବା ପାଇଁ ସେ ଯୋଜନା କରିଥିଲେ। ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପୋଲିସ ଏହି ପଦକ୍ଷେପ ନେଇଥିବା କହିଛି।

## ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ବୟାନ

# ଇଥାନଲ୍ ମିଶି ନ ଥିଲେ ପେଟ୍ରୋଲ ଲିଟର ୧୨୫ ଟଙ୍କା ହୋଇଥାନ୍ତା

ନୂଆଦିଲ୍ଲୀ,୧।୮ (ଏଜେନ୍ସି): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯେତେବେଳେ ବ୍ୟାରେଲ ପିଛା ୧୩୫ ଡଲାରରେ ପହଞ୍ଚିଥିଲା, ସେତେବେଳେ ଯଦି ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ କରି ନ ଥାନ୍ତେ, ତେବେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୨୫ ଟଙ୍କାରେ ପହଞ୍ଚିଥାନ୍ତା ବୋଲି ପେଟ୍ରୋଲିୟମ୍ ମନ୍ତ୍ରଣାଳୟ କହିଛି। ଇଥାନଲ୍ କାର୍ଯ୍ୟକ୍ରମର ମୂଲ୍ୟ, ଖାଦ୍ୟ ସୁରକ୍ଷା ଉପରେ ଏହାର ପ୍ରଭାବ ଏବଂ କରଦାତାଙ୍କ ସବସିଡି ସମ୍ପର୍କିତ ଦାବିର ଉତ୍ତର ସମୟରେ ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏହି ବିବୃତ୍ତି ଦିଆଯାଇଛି। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଏହି କାର୍ଯ୍ୟକ୍ରମ ଫଳରେ ସଙ୍କଟ ସମୟରେ ପେଟ୍ରୋଲରେ ପ୍ରତି ଲିଟରରେ ପ୍ରାୟ ୩୦ ଟଙ୍କା ସଞ୍ଚୟ ହୋଇଛି।

ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଅନୁଯାୟୀ, ବିଶ୍ୱବ୍ୟାପୀ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଭାରତରେ ଗ୍ରାହକମାନେ ପ୍ରତି ଲିଟର ୯୪ ଟଙ୍କା ୭୭ ପଇସାରେ ପେଟ୍ରୋଲ ପାଉଛନ୍ତି। କାରଣ ପୂର୍ବ-ନିର୍ଦ୍ଧାରିତ ମୂଲ୍ୟରେ ଘରୋଇ ଭାବରେ କିଣାଯାଇଥିବା ଇଥାନଲ୍ ପ୍ରତି ଲିଟର ପେଟ୍ରୋଲର ୨୦% । ଏହି କାରଣରୁ ଖୁଚୁରା ମୂଲ୍ୟ ତୀବ୍ର ଅଶୋଧିତ ତେଲ ମୂଲ୍ୟ ବୃଦ୍ଧିରୁ ସୁରକ୍ଷିତ ରହିଛି । ଅପରପକ୍ଷେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଶସ୍ୟକୁ ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରାଯାଉନଥିବା ଅଭିଯୋଗକୁ ମନ୍ତ୍ରଣାଳୟ ପ୍ରତ୍ୟାଖ୍ୟାନ କରିଛି । ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି କାର୍ଯ୍ୟକ୍ରମକୁ ଚଳାଇବା କିମ୍ବା ସମର୍ଥନ କରିବା ପାଇଁ ଭାରତୀୟ ଖାଦ୍ୟ ନିଗମ ରୁ କୌଣସି ସବସିଡିଯୁକ୍ତ ଚାଉଳ ବ୍ୟବହାର କରାଯାଉନାହିଁ । ବର୍ତ୍ତମାନ ଇ-୨୦ ପେଟ୍ରୋଲର ପ୍ରଚଳନ ପରେ ଏହି ଗାଡ଼ିଗୁଡିକର ମାଇଲେଜ୍ ୬% ହ୍ରାସ ପାଇପାରେ। ଏହା ପୂର୍ବରୁ, ଜୁଲାଇ ୨୦ ରେ ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ରାଜ୍ୟସଭାରେ କହିଥିଲା ଯେ ଏପରି ଯାନଗୁଡ଼ିକରେ ମାଇଲେଜ୍ ହ୍ରାସ ପ୍ରାୟ ୫% ମଧ୍ୟରେ ସୀମିତ ।

## ପଶ୍ଚିମ ରେଳବାଇର ୭୬୩ କୋଟି ରାଜସ୍ୱ ହାସଲ



ଅହମ୍ମଦାବାଦ,୧।୮: ପଶ୍ଚିମ ରେଳବାଇର ଅହମ୍ମଦାବାଦ ଡିଭିଜନ ଜୁଲାଇ ମାସରେ ସର୍ବାଙ୍ଗୀନ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ କରିଛି। ଡିଭିଜନ ଜୁଲାଇରେ ବାଣିଜ୍ୟିକ, ପରିଚାଳନା, ବ୍ୟବସାୟ ବିକାଶ , ଅଣ-ଭଡ଼ା ରାଜସ୍ୱ, ପାର୍ସଲ ବ୍ୟବସାୟ, ଟିକେଟ ଯାଞ୍ଚ ଏବଂ ଯାତ୍ରୀ ସୁବିଧା କ୍ଷେତ୍ରରେ ଅନେକ ଐତିହାସିକ ସଫଳତା ହାସଲ କରିଛି। ଡିଭିଜନ ଜୁଲାଇ ମାସରେ ମୋଟ ୭୬୩ କୋଟି ଟଙ୍କାର ରାଜସ୍ୱ ଅର୍ଜନ କରି ଏକ ନୂତନ ରେକର୍ଡ ସ୍ଥାପନ କରିଛି। ଅହମ୍ମଦାବାଦର ଡିଭିଜନଲ୍ ରେଳ ପରିଚାଳକ ବେଦ ପ୍ରକାଶ, ଏହି ଐତିହାସିକ ସଫଳତା ପାଇଁ ଡିଭିଜନର ବାଣିଜ୍ୟିକ ଏବଂ ପରିଚାଳନା ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପ୍ରଶଂସା କରିଛନ୍ତି ଏବଂ ସେମାନଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଇଛନ୍ତି।

ଅହମ୍ମଦାବାଦ ଡିଭିଜନ ପୂର୍ବ ବର୍ଷ ତୁଳନାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ରାଜସ୍ୱ ଅଭିବୃଦ୍ଧି ରେକର୍ଡ କରିଛି। ଡିଭିଜନର ମାଲ ପରିବହନ ଆୟ ୫୮୪.୪୮ କୋଟି (ପୂର୍ବ ବର୍ଷର ୫୫୩.୫୦ କୋଟି ତୁଳନାରେ ୫.୬୦% ଅଧିକ)। ଯାତ୍ରୀ ଆୟ ୧୪୭.୦୫ କୋଟି (ପୂର୍ବ ବର୍ଷର ୧୪୪.୭୨ କୋଟି ତୁଳନାରେ ୧.୬୧% ଅଧିକ। ସେହିପରି ଅନ୍ୟାନ୍ୟ କୋଚିଂ ଆୟ ୨୨.୦୦ କୋଟି ,ପାର୍ସଲ ରାଜସ୍ୱ ୭.୧୬ କୋଟି ,ଟିକେଟ ଯାଞ୍ଚ ରାଜସ୍ୱ ୨.୧୦ କୋଟି ରହିଛି।

## ୫୦,୦୦୦ ରୁ ଅଧିକ ଛାତରେ ଟିପିସିଓଡିଏଲ୍ ରୁଫଟପ୍ ସୋଲାର

ଭୁବନେଶ୍ୱର, ୧।୮ (ସମିସ): ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ଅଧୀନରେ ୫୦,୦୦୦ ରୁ ଅଧିକ ରୁଫଟପ୍ ସୋଲାର (ଆରଟିଏସ) ସ୍ଥାପନ କରିବାରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ରାଜ୍ୟର ପ୍ରଥମ ବିଦ୍ୟୁତ ବିତରଣ କମ୍ପାନୀ ଭାବରେ ଓଡ଼ିଶାର ସ୍ୱଚ୍ଛ ଶକ୍ତି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ; ହାସଲ କରିଛି । ଏହି ସଫଳତା ଏହାର ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ରୁଫଟପ୍ ସୋଲାରର ବୃଦ୍ଧି ପାଉଥିବା ବ୍ୟବହାରକୁ ଦର୍ଶାଉଛି ଏବଂ ଡିଷ୍ଟ୍ରିବ୍ୟୁଟେଡ୍ ରିନ୍ୟୁଏବଲ୍ ଏନର୍ଜି ର ପ୍ରସାର ପାଇଁ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି । ଏହି ମାଇଲଖୁଣ୍ଟ ହାସଲ କରିବାରେ ଖୋର୍ଦ୍ଧା ଏବଂ କଟକ ଜିଲ୍ଲା ପ୍ରମୁଖ ଯୋଗଦାନକାରୀ ଭାବରେ ଉଭା ହୋଇଛନ୍ତି। ଖୋର୍ଦ୍ଧାରେ ୧୩,୩୫୮ ଟି ରୁଫଟପ୍ ସୋଲାର ସ୍ଥାପନ ହୋଇଥିବା ବେଳେ କଟକରେ ୧୨,୧୬୫ ଟି ସ୍ଥାପନ ରେକର୍ଡ କରାଯାଇଛି, ଯାହା ମିଶି ଟିପିସିଓଡିଏଲ୍‌ର ସମଗ୍ର ରୁଫଟପ୍ ସୋଲାର ଅଗ୍ରଗତିରେ ଏକ ବଡ଼ ଭୂମିକା ଗ୍ରହଣ କରୁଛନ୍ତି । ଏହି ସଫଳତା ସମ୍ପର୍କରେ ପ୍ରକାଶ କରି ଟିପିସିଓଡିଏଲ୍‌ର ସିଇଓ ଗଜାନନ ଏସ. କାଲେ କହିଛନ୍ତି ଯେ, ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ଅଧୀନରେ ୫୦,୦୦୦ ରୁ ଅଧିକ ରୁଫଟପ୍ ସୋଲାର ସ୍ଥାପନର ମାଇଲଖୁଣ୍ଟ ଅତିକ୍ରମ କରିବା ଟିପିସିଓଡିଏଲ୍ ଏବଂ ଓଡ଼ିଶାର ସ୍ୱଚ୍ଛ ଶକ୍ତି ମିଶନ ପାଇଁ ଏକ ଗୌରବପୂର୍ଣ୍ଣ ସଫଳତା।




# ଆଇଟି ଚାକିରିକୁ ଏଆଇ କାଳ

## ଦୈନିକ ୯୮୫ ଜଣ ହରାଉଛନ୍ତି ଚାକିରି

ନୂଆଦିଲ୍ଲୀ,୧।୮ (ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଏବେ ବିଶ୍ୱର ଟେକ୍ ଶିଳ୍ପର ଚିତ୍ର ବଦଳାଇ ଦେଇଛି । ତେବେ ଏଆଇର ବର୍ଦ୍ଧିତ ବ୍ୟବହାର ବିଷୟରେ ପ୍ରକାଶିତ ସମସ୍ତ ଆଶଙ୍କା ଧୀରେ ଧୀରେ ସତ ହେବାରେ ଲାଗିଛି। ଗୋଟିଏ ପଟେ ଏଆଇ କମ୍ପାନୀଗୁଡ଼ିକର ଉତ୍ପାଦନ କ୍ଷମତା ବଢ଼ାଉଥିବାବେଳେ, ଅନ୍ୟପଟେ ଶିଳ୍ପରେ କାର୍ଯ୍ୟରତ ହଜାର ହଜାର କର୍ମଚାରୀଙ୍କ ଚାକିରି ଉପରେ ସଙ୍କଟ ସୃଷ୍ଟି ହୋଇଛି। ବର୍ତ୍ତମାନ ନିଯୁକ୍ତି କ୍ଷେତ୍ରରେ ଏଆଇ ଯେତିକି ସୁଯୋଗ ସୃଷ୍ଟି କରୁଛି, ସେତିକି ଆହ୍ୱାନ ମଧ୍ୟ ଆଣୁଛି। ଏକ ନୂଆ ରିପୋର୍ଟ ଅନୁସାରେ, ଏଆଇ ଯୋଗୁ ବିଶ୍ୱର ଟେକ୍ନୋଲୋଜି କ୍ଷେତ୍ରରେ ପ୍ରତିଦିନ ହାରାହାରି ୯୮୫ ଜଣ କର୍ମଚାରୀ ଚାକିରି ହରାଉଛନ୍ତି।

ଟେକ୍ କମ୍ପାନୀଗୁଡ଼ିକ ଏବେ ବିଭିନ୍ନ କାର୍ଯ୍ୟ ପାଇଁ ଏଆଇକୁ ବ୍ୟବହାର କରୁଛନ୍ତି। ଫଳରେ ଅନେକ କାମ, ଯାହା ପୂର୍ବରୁ କର୍ମଚାରୀମାନେ କରୁଥିଲେ, ତାହା ଏବେ ଏଆଇ ଦ୍ୱାରା ସମ୍ପନ୍ନ ହେଉଛି। ତଥ୍ୟ ଅନୁସାରେ, ୨୦୨୫ରେ ଏଆଇ ପ୍ରଭାବରେ ବିଶ୍ୱର ଟେକ୍ କ୍ଷେତ୍ରରେ ତିନି ଲକ୍ଷରୁ ଅଧିକ କର୍ମଚାରୀ ନିଜ ଚାକିରି ହରାଇଛନ୍ତି। ୨୦୨୬ରେ ଏଆଇ ଏବଂ ବିଶ୍ୱସ୍ତରୀୟ ପରିବର୍ତ୍ତନ ଟେକ୍ନୋଲୋଜି କମ୍ପାନୀଗୁଡ଼ିକରେ ବ୍ୟାପକ ଛଟେଇ କରିବ। ଫଳସ୍ୱରୂପ, ଓପନ୍‌ଏଆଇ ଏହାର ସବୁଠାରୁ ଉନ୍ନତ ମଡେଲଗୁଡ଼ିକୁ ବିଶ୍ୱବ୍ୟାପୀ ବୈଜ୍ଞାନିକ, ଗଣିତଜ୍ଞ ଏବଂ ଇଞ୍ଜିନିୟରମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ କରାଇବାର ଯୋଜନା ଘୋଷଣା କରିଛି । ସର୍ବଶେଷ ଟ୍ରାକର ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜୁଲାଇ ୨୯ ସୁଦ୍ଧା ବିଶ୍ୱବ୍ୟାପୀ ଟେକ୍ କମ୍ପାନୀଗୁଡ଼ିକରେ ୩୨୨ଟି ଛଟେଇରେ ମୋଟ ୨୦୬,୦୦୦ (୨.୦୬ ଲକ୍ଷ) କର୍ମଚାରୀଙ୍କୁ ଛଟେଇ କରାଯାଇଛି। ଯଦି ଦୈନିକ ହିସାବରେ ଦେଖାଯାଇ, ତେବେ ପ୍ରତିଦିନ ଆଇଟିରେ ପ୍ରାୟ ୯୮୫ ଜଣ କର୍ମଚାରୀ ଛଟେଇ ହେଉଛନ୍ତି। ଏହାର ଅର୍ଥ ହେଉଛି ପ୍ରତିଦିନ ଶହ ଶହ ଟେକ୍ ବୃତ୍ତିଗତ ଚାକିରି ହରାଉଛନ୍ତି । ଏହି ବିଶ୍ୱବ୍ୟାପୀ ଛଟେଇ ଲହରରେ ବିଶ୍ୱର ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକ ଆଗରେ ଅଛନ୍ତି । ଓରାକଲ୍ ଗତ ୧୨ ମାସରେ ସର୍ବାଧିକ ୨୧,୦୦୦ କର୍ମଚାରୀଙ୍କୁ ଛଟେଇ କରିଛି, ଯାହା ଏହାର ମୋଟ କର୍ମଚାରୀଙ୍କ ସଂଖ୍ୟାର ୧୩%କୁ ପ୍ରତିନିଧିତ୍ୱ କରେ। ଏହି ସଂଖ୍ୟା ପୂର୍ବ ଆକଳନ ଅପେକ୍ଷା ଯଥେଷ୍ଟ ଅଧିକ। ସେହିପରି ମାଇକ୍ରୋସଫ୍ଟ ଏହାର ବିଶ୍ୱସ୍ତରୀୟ କର୍ମଚାରୀ ସଂଖ୍ୟାର ୨.୧ ପ୍ରତିଶତ କିମ୍ବା ପ୍ରାୟ ୪୮୦୦ କର୍ମଚାରୀଙ୍କୁ ବିଦା କରିଛି। ଏହି କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ ଏକ୍ସ ବକ୍ସ ଗେମିଂ ବିଭାଗ ସହିତ ଜଡିତ ଥିଲେ। ଏହି ନିଷ୍ପତ୍ତି ୭୫ ବିଲିୟନ ଡଲାରର ଆକ୍ଟିଭିଜନ ବ୍ଲିଜାର୍ଡର ବିଶାଳ ଅଧିଗ୍ରହଣର ମାତ୍ର ତିନି ବର୍ଷ ପରେ ଆସିଛି। ଆମାଜନ୍, ମାଇକ୍ରୋସଫ୍ଟ, ଡେଲ୍ ଏବଂ ଆଟଲେସିଆନ୍ ଭଳି ବିଶ୍ୱସ୍ତରୀୟ ଏମ୍‌ଏନ୍‌ସିରୁ ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଚେନ୍ନାଇରେ ସେମାନଙ୍କର ବିଶ୍ୱସ୍ତରୀୟ ବିତରଣ ଏବଂ ବିକାଶ କେନ୍ଦ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଚାକିରି ହ୍ରାସ କରିଛନ୍ତି। କେବଳ ଚାକିରି ହଜିଯାଉଛି ତାହା ନୁହେଁ, ବରଂ ଭାରତର ଶୀର୍ଷ ଆଇଟି କମ୍ପାନୀଗୁଡ଼ିକ, ଯେପରିକି ଟିସିଏସ୍, ଇନ୍‌ଫୋସିସ୍ ଏବଂ ୱିପ୍ରୋ ନିୟମିତ ଇଞ୍ଜିନିୟରିଂ ଏବଂ ପାରମ୍ପରିକ ସଫ୍ଟୱେର୍ ଭୂମିକା ପାଇଁ ନୂତନ ନିଯୁକ୍ତିର ଗତିକୁ ଯଥେଷ୍ଟ କମାଇ ଦେଇଛନ୍ତି। ଏହି ଛଟେଇ ସମ୍ପର୍କରେ ବିଶେଷଜ୍ଞମାନେ କହିଛନ୍ତି ଯେ ଟେକ୍ନୋଲୋଜି କ୍ଷେତ୍ରରେ ଚାକିରି ସମ୍ପୂର୍ଣ୍ଣ ଭାବରେ ଅଦୃଶ୍ୟ ହେଉନାହିଁ, ବରଂ ପୁନଃଆକୃତି ପାଉଛି।



## ରାଜ୍ୟଗୁଡ଼ିକୁ ୧.୦୯ ଲକ୍ଷ କୋଟିର ଅଗ୍ରୀମ ଟିକସ ଆବଣ୍ଟନ

# ଓଡ଼ିଶାକୁ ମିଳିଲା ୪,୮୧୯ କୋଟି

ନୂଆଦିଲ୍ଲୀ,୧।୮ (ଏଜେନ୍ସି): କେନ୍ଦ୍ର ସରକାର ଅଗଷ୍ଟ ପହିଲାରେ ବିଭିନ୍ନ ରାଜ୍ୟ ସରକାରଙ୍କୁ କେନ୍ଦ୍ରୀୟ କର ବାବଦରେ ୧ ଲକ୍ଷ ୯ ହଜାର ୧୯ କୋଟି ଟଙ୍କାର ଅତିରିକ୍ତ ଅଗ୍ରୀମ କର ହସ୍ତାନ୍ତର କରିଛନ୍ତି । ଏହା ସାଧାରଣ ମାସିକ କିସ୍ତିଠାରୁ ଅଲଗା ଏବଂ ସାଧାରଣ ମାସିକ ଅଗ୍ରୀମ କର କିସ୍ତି ଅଗଷ୍ଟ ୧୦ରେ ଜାରି ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି ଅର୍ଥ ରାଜ୍ୟଗୁଡ଼ିକର ପୁଞ୍ଜି ଏବଂ ବିକାଶମୂଳକ ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିପାଦିତ କରିଛି। ଅଗଷ୍ଟ ମାସ ପାଇଁ କେନ୍ଦ୍ରୀୟ କର ଏବଂ ଶୁଳ୍କର ନିଟ୍ ଆଦାୟର ରାଜ୍ୟୱାରୀ ଆବଣ୍ଟନ ଅନୁଯାୟୀ, ଓଡ଼ିଶାକୁ ୪,୮୧୯ କୋଟି ଟଙ୍କାର ଟିକସ ରାଶି ମିଳିଛି। ରାଜ୍ୟଗୁଡିକ ମଧ୍ୟରେ ଉତ୍ତର ପ୍ରଦେଶ ଅଗ୍ରୀମ କର ହସ୍ତାନ୍ତର ବାବଦ ସର୍ବାଧିକ ୧୯୨୦୮ କୋଟି ଟଙ୍କା ଲାଭ କରିଛି । ସେହିପରି ସିକିମ୍ ୩୭୫ କୋଟି ଟଙ୍କା ପାଇଛି ।





## ୩ ସ୍ୱର୍ଣ୍ଣ ଜିତିଲେ ବେଦାନ୍ତ ଆଲୁମିନିୟମ ସମର୍ଥିତ ଯୁବ ତୀରନ୍ଦାଜ

ଭୁବନେଶ୍ୱର,୧।୮ (ସମିସ): ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ଏହାର କ୍ରୀଡା ତାଲିମ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡିରୁ କ୍ରୀଡା ପ୍ରତିଭାର ବିକାଶ ଜାରି ରଖିଛି। ଏହି ପ୍ରତିବଦ୍ଧତାର ପ୍ରଭାବ ପ୍ରଦର୍ଶନ କରି ଯୁବ ତୀରନ୍ଦାଜ ଖିରୋଦ କୁମାର ସିବିଏସ୍‌ଇ ଅଧୀନରେ ଭବାନୀପାଟଣାର ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସିବିଏସ୍‌ଇର ପୂର୍ବାଞ୍ଚଳ ତୀରନ୍ଦାଜୀ ଚାମ୍ପିଅନସିପ୍ ୨୦୨୬ ରେ ୧୯ ବର୍ଷରୁ କମ୍ ଭାରତୀୟ ବର୍ଗରେ ୪୦ ମିଟର ଏବଂ ୩୦ ମିଟର ଇଭେଣ୍ଟରେ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୧ଟି ରାଜ୍ୟର ୪୩୭ ଜଣ ଆଥଲେଟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି, କ୍ଷିରୋଦ ଧ୍ୟାନ, ନିର୍ଭୁଲତା ଏବଂ ସ୍ଥିରତା ଦ୍ୱାରା ଚିହ୍ନିତ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ, ଯାହା ଚାମ୍ପିଅନସିପର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବରେ ଉଭା ହୋଇଥିଲେ। ଏହି କାର୍ଯ୍ୟକ୍ରମର ସଫଳତାକୁ ଆହୁରି ସୁଦୃଢ଼ କରି କ୍ଷିରୋଦ କୁମାର ଏବଂ ଓଙ୍କାର ମାଝୀ ସିବିଏସ୍‌ଇ ଜାତୀୟ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।





### ପ୍ରଜ୍ଞା ପରିମିତା ନାୟକଙ୍କୁ ପିଏଚ୍.ଡି (Ph.D) ଡିଗ୍ରୀ ହାସଲ



ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ପୂର୍ବତନ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ)ର ଅର୍ଥନୀତି ବିଭାଗର ଗବେଷିକା ପ୍ରଜ୍ଞା ପରିମିତା ନାୟକ ସମ୍ମାନଜନକ ଡକ୍ଟରେଟ୍ (P h . D . ) ଡିଗ୍ରୀ ଲାଭ କରିଛନ୍ତି। ସେ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ଡ଼ ମିନତୀ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ A N ANALYSIS OF GROWTH AND PERFORMANCE OF MICRO, SMALL AND MEDIUM ENTERPRISES IN ODISHA ବିଷୟରେ ଗବେଷଣା କରୁଥିଲେ। ତାଙ୍କ ଲିଖିତ ଗବେଷଣା ସନ୍ଦର୍ଭଟି ଆଇଆଇଟି ଖଡ଼ଗପୁରର ଅର୍ଥନୀତି ପ୍ରଫେସର ଡଃ ଜିତେନ୍ଦ୍ର ମହାକୁଡ଼ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ମୃତ୍ୟୁଞ୍ଜୟ ମିଶ୍ର, ସମେତ ବିଷୟ ବିଶେଷଜ୍ଞଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ୟୁଜିସି ନିୟମାବଳୀ ଅନୁଯାୟୀ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୧୨୫୦/ MSCBU/ PhD ତାରିଖ: ୨୦.୦୪.୨୦୨୬ ଅନୁସାରେ ତାଙ୍କୁ ଏହି ଡିଗ୍ରୀ ପାଇଁ ଯୋଗ୍ୟ ଘୋଷଣା କରାଯାଇଛି। ଆଗାମୀ ସମାବର୍ତ୍ତନ ଉତ୍ସବ (Convocation)ରେ ତାଙ୍କୁ ଆନୁଷ୍ଠାନିକ ଭାବେ ଏହି ଉପାଧି ପ୍ରଦାନ କରାଯିବ। ଡ଼ ପ୍ରଜ୍ଞା ପରିମିତା ନାୟକ, ତାଙ୍କ ଏହି ସଫଳତା ପାଇଁ ତାଙ୍କ ଗାଇଡ୍ ପ୍ରଫେସର ମିନତୀ ମଲ୍ଲିକ, ପଦାର୍ଥ ବିଜ୍ଞାନ ପ୍ରଫେସର ସୁସ୍ମିତା କର, ପ୍ରଫେସର କବିତା କୁମାରୀ ସାହୁ, ପ୍ରଫେସର ରବିନାରାୟଣ ପାତ୍ର, ଓ ବାରିପଦା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼ ତରୁଣ କୁମାର ଓଝାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି। ପ୍ରଜ୍ଞା ପରିମିତା, କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଶାନ୍ତ ନାୟକ ଓ ପ୍ରଣତି ନାୟକଙ୍କ ଜ୍ୟେଷ୍ଠ ପୁତ୍ରୀ ଅଟନ୍ତି। ଏବଂ ଧନେଶ୍ୱର ମଲ୍ଲିକ୍ ଓ ଛବିଲତା ମଲ୍ଲିକଙ୍କ ଏକମାତ୍ର ପୁତ୍ର ବଧୂ ଅଟନ୍ତି । ସ୍ୱର୍ଗତଃ କାଳନ୍ଦୀ ଚରଣ ନାୟକ ଓ ଜଞ୍ଜାଳି ନାୟକଙ୍କ ନାତୁଣୀ ଅଟନ୍ତି। ଏ କାର୍ଯ୍ୟରେ ବିଶେଷ ଭାବରେ ତାଙ୍କୁ ସହଯୋଗ କରିଥିବାରୁ ଓ ଏନ୍ ଜି ସି, ମୁମ୍ବାଇରେ କାର୍ଯ୍ୟରତ ସ୍ୱାମୀ ସୌମ୍ୟ ରଞ୍ଜନ ମଲ୍ଲିକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ସହଯୋଗୀ କଳିଙ୍ଗ କଲେଜ ଅଫ କମର୍ସ ର ଅଧ୍ୟକ୍ଷ ରଜତ କୁମାର ମଲ୍ଲିକ ଓ ଡ. କାଶୀନାଥ ପତି ଏବଂ ପରିବାରବର୍ଗ ପ୍ରିୟଙ୍କା ନାୟକ, ପ୍ରାଚୀପ୍ରଭା ନାୟକ, ସଞ୍ଜୟ କୁମାର ଜେନା, ପ୍ରଭାତ କୁମାର ପହି, ପ୍ରମିଳା ପହି, ଶାଶ୍ୱତୀ ଶୁଭଦର୍ଶିନୀ ନାୟକ, ତଥା ଶୁଭାକାଂକ୍ଷୀ ସୁବ୍ରତ କୁମାର ଦାସ ଓ ଅନ୍ୟମାନଙ୍କ ସହଯୋଗ ଓ ପ୍ରେରଣାକୁ ଶ୍ରେୟ ଦେବା ସହ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତାଜ୍ଞାପନ କରିଛନ୍ତି।

## ନାଲକୋର ପ୍ରଥମ ତ୍ରୈମାସିକ ଫଳାଫଳରେ ୮୮ % ବୃଦ୍ଧି

ଭୁବନେଶ୍ୱର, ୧।୮ (ସମିସ): ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ନାଲ୍‌କୋ ଆର୍ଥିକ ବର୍ଷ ୨୦୨୬ - ୨୭ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଅନୁମୋଦିତ ଆର୍ଥିକ ଫଳାଫଳ ଅନୁଯାୟୀ, ଜୁନ୍ ୩୦ରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ କମ୍ପାନୀ ଉଲ୍ଲେଖନୀୟ ସଫଳତା ହାସଲ କରିଛି । କମ୍ପାନୀର ନିଟ୍ ଲାଭରେ ୮୮% ବୃଦ୍ଧି ସହ ମୋଟ ଲାଭ ୨୦୦୨.୩୮ କୋଟି ଟଙ୍କା ହୋଇଛି ଯାହା ପୂର୍ବ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୧୦୬୩.୮୬ କୋଟି ଟଙ୍କା ଥିଲା । ଏଥିସହ ପ୍ରଥମ ତ୍ରୈମାସିକରେ ମୋଟ ବ୍ୟବସାୟ ୩୯ % ବୃଦ୍ଧି ପାଇ ୫୩୦୨.୩୮ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ନାଲକୋ ଅନ୍ତିମ ଲାଭାଂଶ ହିସାବରେ ପ୍ରତି ଇକ୍ୱିଟି ସେୟାର ପିଛା ୧ ଟଙ୍କା ହିସାବରେ ମୋଟ ୧୮୩.୬୬ କୋଟି ଟଙ୍କାର ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହାକୁ ଆଗାମୀ ୪୫ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ। ଏ ସମ୍ପର୍କରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ପ୍ରଥମ ତ୍ରୈମାସିକର ଦୃଢ଼ ପ୍ରଦର୍ଶନ, ଅନୁକୂଳ ବିଶ୍ୱ ଆଲୁମିନିୟମ ମୂଲ୍ୟ, ବର୍ଦ୍ଧିତ ଉତ୍ପାଦନ ତଥା ବିକ୍ରି ପରିମାଣ - ବିଶେଷକରି ଘରୋଇ ଆଲୁମିନା ବିକ୍ରିରେ ବୃଦ୍ଧି ଏବଂ ଏକ ଅନୁକୂଳ ଘରୋଇ ବ୍ୟବସାୟ ପରିବେଶ ଦ୍ୱାରା ହାସଲ ହୋଇଛି। ଆଗାମୀ ଦିନରେ କମ୍ପାନୀ ଉତ୍ପାଦନ କ୍ଷମତା ବୃଦ୍ଧି, ଅଂଶୀଦାରମାନଙ୍କୁ ନିରନ୍ତର ମୂଲ୍ୟ ପ୍ରଦାନ, ଗବେଷଣା ଏବଂ ବିକାଶ ନବସୃଜନ ଏବଂ ସମ୍ବଳ ବ୍ୟବହାରକୁ ଅପ୍ଟିମାଇଜ୍ କରିବା ଉପରେ ଗୁରୁତ୍ୱ ଦେଉଛି।



# ଜାପାନରେ ଅଟୋ ଏବଂ ଚିପ୍ ଉତ୍ପାଦନ ବ୍ୟାହତ

ନୂଆଦିଲ୍ଲୀ,୧।୮ (ଏଜେନ୍ସି): ଦକ୍ଷିଣ ଜାପାନରେ ଏକ ଶକ୍ତିଶାଳୀ ଭୂକମ୍ପ କେବଳ ଧନଜୀବନ ନଷ୍ଟ କରିନାହିଁ, ବରଂ ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା ପାଇଁ ଏକ ନୂଆ ଆହ୍ୱାନ ସୃଷ୍ଟି କରିଛି । ୭.୧ ତୀବ୍ରତାର ଏହି ଭୂକମ୍ପ ଯୋଗୁଁ ଅତିକମ୍‌ରେ **୩୪ ଜଣଙ୍କର ମୃତ୍ୟୁ** ଘଟିଥିବାବେଳେ ଅନେକ ଅଟୋମୋବାଇଲ୍ ଏବଂ ସେମିକଣ୍ଡକ୍ଟର ଫ୍ୟାକ୍ଟ୍ରିରେ ଉତ୍ପାଦନକୁ ସାମୟିକ ଭାବେ ବନ୍ଦ ହୋଇଯାଇଛି।

ଏହି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଜାପାନର ପ୍ରମୁଖ ଗାଡ଼ି ନିର୍ମାତା କମ୍ପାନୀ ଯଥା **ଟୋୟୋଟା, ନିସାନ୍** ଏବଂ ମିତ୍ସୁବିସି ସେମାନଙ୍କର ଉତ୍ପାଦନକୁ ସ୍ଥଗିତ ରଖିଛନ୍ତି। ବିଶେଷ କରି ଟୋୟୋଟା ନିଜର ଫୁକୁଓକା ଅଞ୍ଚଳରେ ଥିବା **୩ଟି ପ୍ଲାଣ୍ଟରେ ଉତ୍ପାଦନକୁ ଆଗାମୀ ଅଗଷ୍ଟ ୫ ପର୍ଯ୍ୟନ୍ତ** ବନ୍ଦ କରିବାକୁ ଘୋଷଣା କରିଛି। ଏହାଛଡ଼ା, ଟୋୟୋଟା ଏବଂ ନିସାନ୍ ପାଇଁ ଯନ୍ତ୍ରାଂଶ ତିଆରି କରୁଥିବା ପ୍ରମୁଖ ଯୋଗାଣକାରୀ କମ୍ପାନୀ **ଆଇସିନ୍**ର କାରଖାନାରେ ଜଳ ଯୋଗାଣ ବିଚ୍ଛିନ୍ନ ହୋଇଯାଇଛି, ଯାହାଦ୍ୱାରା ଯନ୍ତ୍ରାଂଶ ଉତ୍ପାଦନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଭୂକମ୍ପ ପ୍ରଭାବିତ କ୍ୟୁସୁ ଅଞ୍ଚଳକୁ 'ଜାପାନର ସିଲିକନ୍ ଭ୍ୟାଲି' ବୋଲି କୁହାଯାଏ, କାରଣ ଏଠାରେ ଅନେକ ସେମିକଣ୍ଡକ୍ଟର କାରଖାନା ରହିଛି। ବିଶ୍ୱର ସବୁଠାରୁ ବଡ଼ ଚିପ୍ ନିର୍ମାତା ଟିଏସ୍‌ଏମ୍‌ସି, ସୋନି ଏବଂ ରେନେସାସ୍ ଭଳି କମ୍ପାନୀଗୁଡ଼ିକର କାରଖାନା ଏଠାରେ ଅବସ୍ଥିତ। ଭୂକମ୍ପ ପରେ ଏହି କାରଖାନାଗୁଡ଼ିକରେ କାମ ସାମୟିକ ଭାବେ ବନ୍ଦ କରାଯାଇଛି। ବର୍ତ୍ତମାନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କାରଣରୁ ବିଶ୍ୱ ବଜାରରେ ମେମୋରୀ ଚିପ୍‌ର ଅଭାବ ଦେଖାଦେଇଥିବାବେଳେ, ଏହି ଘଟଣା ସଙ୍କଟକୁ ଆହୁରି ବଢ଼ାଇଦେବାର ଆଶଙ୍କା ରହିଛି।

**୨୦୧୧ ଏବଂ ୨୦୧୬ରେ ହୋଇଥିବା ବିନାଶକାରୀ** ଭୂକମ୍ପ ପରେ ଜାପାନର କମ୍ପାନୀଗୁଡ଼ିକ ନିଜର ଯୋଗାଣ ଶୃଙ୍ଖଳାକୁ ଅଧିକ ମଜବୁତ କରିବା ପାଇଁ ପ୍ରୟାସ କରିଥିଲେ। ବିଶେଷଜ୍ଞଙ୍କ ମତରେ, ବର୍ତ୍ତମାନର ଏହି ପରିସ୍ଥିତି ଜାପାନର ନିର୍ମାଣ ଶିଳ୍ପ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳା ପାଇଁ ଏକ ବଡ଼ ପରୀକ୍ଷା ସଦୃଶ। ଯଦିଓ କମ୍ପାନୀଗୁଡ଼ିକ କ୍ଷୟକ୍ଷତିର ଆକଳନ କରୁଛନ୍ତି ଏବଂ ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଛନ୍ତି, ତଥାପି ପୂର୍ଣ୍ଣ ଉତ୍ପାଦନ କ୍ଷମତାକୁ ଫେରିବା ପାଇଁ କିଛି ସମୟ ଲାଗିବ ବୋଲି ଅନୁମାନ କରାଯାଉଛି।



### ପ୍ରଳୟଙ୍କାରୀ ଭୂକମ୍ପ ପ୍ରଭାବ

### ବିଶ୍ୱ ଯୋଗାଣ ଶୃଙ୍ଖଳା ଉପରେ ବଡ଼ ଆହ୍ୱାନ



# ଗଣେଶ ପୂଜାରେ 'ଦଣ୍ଡକାଳୀ'

ଗଣେଶ ପୂଜା ଅବସରରେ ପ୍ରେକ୍ଷାଳୟକୁ ଆସିବ ନୂଆ ଓଡ଼ିଆ ସିନେମା 'ଦଣ୍ଡକାଳୀ'। ରାଜଶ୍ରୀ ସିନେ କ୍ରାଫ୍ଟ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ରାଜଶ୍ରୀ ଘୋଷ। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅଭିସିକ୍ତ ମିଶ୍ର। ସଂଳାପ ଓ ଚିତ୍ରନାଟ୍ୟରେ ଦିଲ୍ଲୀପ ଚୌଧୁରୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ। ସିନେମାର ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ନିର୍ମଳ ନାୟକ। ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ ଓ ଦିବ୍ୟା ସାମଲ। ତେବେ ସିନେମାର ବିଭିନ୍ନ ଚରିତ୍ରରେ ନଜର ଆସିବେ ମହାଶ୍ୱେତା, ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, ଉଷସୀ ମିଶ୍ର, କ୍ରିଷ୍ଣା କର, ଏଲି ପାଢ଼ି, ଚୌଧୁରୀ ଜୟପ୍ରକାଶ, ପ୍ରୀତି ରଂଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତ, ଅମର ମହାପାତ୍ର, ନିହାର ସାମଲ, ରଜନୀ ପ୍ରମୁଖ। ସେହିପରି ଶିଶୁ କଳାକାର ଭାବେ ହଂସରାଜ ଓ ଧ୍ରୁନଙ୍କୁ ଦେଖିବାକୁ ମିଳିବ। ଅନ୍ୟପଟେ ସିନେମାଟି ଗଞ୍ଜାମ ପ୍ରସିଦ୍ଧ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଉପରେ ଆଧାରିତ। ■






# ଖୁବ୍‌ଶୀଘ୍ର 'ବିଗ୍‌ବସ୍ ସିଜନ୍-୨୦'

ଟେଲିଭିଜନର ଲୋକପ୍ରିୟ ତଥା ବିବାଦୀୟ ରିଆଲିଟି ଶୋ' ହେଉଛି 'ବିଗ୍‌ବସ୍'। ତେବେ 'ବିଗ୍‌ବସ୍ ସିଜନ୍-୨୦' ଖୁବ୍‌ଶୀଘ୍ର ଆସିବାକୁ ଯାଉଛି। ଏହାରି ଭିତରେ ଶୋ'ର ନୂଆ ଲୋଗୋ ବି ଜାରି କରାଯାଇଛି। 'ବିଗ୍‌ବସ୍ ସିଜନ୍-୧୯'ର ସଫଳତା ପରେ ପୁଣି ଥରେ ସଲମାନ ନୂଆ ସିଜନ୍‌କୁ ହୋଷ୍ଟ କରିବେ। ଏକଥା ସାମ୍ନାକୁ ଆସିବା ପରେ ସଲମାନଙ୍କ ପ୍ରଶଂସକ ଉତ୍ସାହିତ ହୋଇ ପଡ଼ିଛନ୍ତି। ହିନ୍ଦୀ ବ୍ୟତୀତ ଏହି ଶୋ' ତାମିଲ, ତେଲୁଗୁ, ମରାଠି, ବଙ୍ଗଳା, ମଲାୟଲମ, କନ୍ନଡ଼ ଭଳି ୬ଟି ଭାଷାରେ ପ୍ରସାରିତ ହେବ। କୁହାଯାଉଛି ସେପ୍ଟେମ୍ବର ମାସରେ ବିଗ୍‌ବସ୍ ସିଜନ୍-୨୦ ଆରମ୍ଭ ହୋଇପାରେ। ■

ପରଦା ପଛର କାହାଣୀ

# ଟେଲିଭିଜନ୍ ପ୍ରିମିୟର 'ଡଟ୍‌ପେନ୍'

ଜୀ ସାର୍ଥକରେ ପ୍ରଥମ ଥର ପାଇଁ ଅଗଷ୍ଟ ୯ ତାରିଖ ସନ୍ଧ୍ୟା ୬ଟା ୩୦ରେ ସୁପରହିଟ ଓଡ଼ିଆ ଚଳଚ୍ଚିତ୍ର 'ଡଟ୍‌ପେନ୍'ର ଟେଲିଭିଜନ ପ୍ରିମିୟର ହେବ। ଚଳଚ୍ଚିତ୍ରଟି ସମାଜ ଓ ମାନବୀୟ ସମ୍ପର୍କର ଏକ ଜୀବନ୍ତ ଦର୍ପଣ। ଏହା କେବଳ ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ହୁଏ ଶେଷ...ଏ କେମିତିକା ପ୍ରେମ? ଏହି ଚଳଚ୍ଚିତ୍ରର ମୂଳ କାହାଣୀ ବାଦଲ ତ୍ରିପାଠୀ (ଜ୍ୟୋତି ରଞ୍ଜନ ନାୟକ) ଏବଂ ତାଙ୍କର ଅତି ଗେହ୍ଲା ଭଉଣୀ ମିତା (ଦିବ୍ୟା)ଙ୍କ ପାରିବାରିକ ସମ୍ପର୍କ ଉପରେ ଆଧାରିତ। ବାଦଲର ସମଗ୍ର ଦୁନିଆ ତା'ର ଭଉଣୀକୁ କେନ୍ଦ୍ର କରି ଗଢ଼ି ଉଠିଛି। କିନ୍ତୁ ହଠାତ୍ ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ସେମାନଙ୍କ ଖୁସିର ସଂସାରକୁ ଉଜାଡ଼ି ଦିଏ। ଏହି ଭୟଙ୍କର ଆଘାତ ବାଦଲକୁ ଏକ ନୂଆ ରାସ୍ତା ବାଛିବାକୁ ବାଧ୍ୟ କରେ। ଯାହା ହେଉଛି ନ୍ୟାୟ ଏବଂ ପ୍ରତିଶୋଧର ରାସ୍ତା। ତା'ର ଏହି ସଂଘର୍ଷମୟ ଯାତ୍ରାରେ ଜଗୁ (ରୋହନ ଗର୍ଗ), ଯିଏ କି ମିତାର ସ୍ୱାମୀ ଓ ବାଦଲର ଭାଗ୍ୟକୁ ଏକ ନୂଆ ମୋଡ଼ ଦେଇଥାଏ। ଏଥିସହ ମୀରା (ପ୍ରୀତି ବିଶ୍ୱାଳ), ସନ୍ତୁ (ସନ୍ତୁ ନିଜେ), ମାମୁ (ଶକ୍ତି ବରାଳ) ଏବଂ ଜଗୁଙ୍କ ମା' (ପ୍ରିୟମ୍ବଦା ଅପା)ଙ୍କ ପରି ଚରିତ୍ରମାନେ ଏହି କାହାଣୀକୁ ଆହୁରି ମଜବୁତ ଓ ଜୀବନ୍ତ କରିଛନ୍ତି। ଫିଲ୍ମ ର ନାଁ 'ଡଟ୍‌ପେନ୍'? ଏହି ପେନ୍‌ର ଗୁରୁତ୍ୱ କ'ଣ, ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସପେନ୍ସ। ଆଗରୁ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ଏହି ସୁନ୍ଦର ମିଶ୍ରଣ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଥିଲା ସିନେମା ହଲ୍‌ରେ। ଯେଉଁମାନେ ସିନେମା ହଲ୍‌ରେ ଏହି ଶ୍ରେଷ୍ଠ ଚଳଚ୍ଚିତ୍ରଟିକୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ପାଇଁ ଜୀ ସାର୍ଥକ ଏହି ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ■



# ମଣିରତ୍ନମ୍‌ଙ୍କ ସିନେମାରେ ସାଇ ପଲ୍ଲବୀ

ଲୋକପ୍ରିୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କ ଅଭିନୀତ 'ରାମାୟଣ' ସିନେମା ଏବେ ମୁକ୍ତିଲାଭ ଅପେକ୍ଷାରେ ଅଛି। ଏହାରି ଭିତରେ ଆଉ ଏକ ନୂଆ ସିନେମାରେ ସାଇ ପଲ୍ଲବୀ ନଜର ଆସିବା ଚର୍ଚ୍ଚା ହେଉଛି। ମଣିରତ୍ନମ୍‌ଙ୍କ ନୂଆ ସିନେମାରେ ତାଙ୍କୁ ଦେଖିବାକୁ ମିଳିବ। ଅବଶ୍ୟ ସିନେମାର ଶୀର୍ଷକ ସ୍ଥିର ହୋଇ ନାହିଁ। ତେବେ ଏହି ସିନେମାରେ ସାଇ ପଲ୍ଲବୀଙ୍କ ସହିତ ମୁଖ୍ୟ ଚରିତ୍ରରେ ବିଜୟ ସେତୁପତି ନଜର ଆସିବେ। ନିକଟରେ ଅଭିନେତା ସାମାଜିକ ଗଣମାଧ୍ୟମରେ କୋଲକାତା ଯାତ୍ରାର ଭିଡିଓ ସେୟାର୍ କରାଯାଇଥିଲା। ସେହିପରି ଦୁହେଁ ସିନେମାର ସୁଟିଂ ଆରମ୍ଭ କରିଥିବା କୁହାଯାଉଛି। ■



# ଗୀତ ପାଇଁ ଅନିଦ୍ରା ଅଭିନେତ୍ରୀ

ଅଶି ଦଶକର ଲୋକପ୍ରିୟ ଅଭିନେତ୍ରୀ ଭାବେ ଜୟପ୍ରଦା ବେଶ୍ ପରିଚିତ। କୋମଳତା, ଚମତ୍କାର ଅଭିନୟ ଏବଂ ନୃତ୍ୟଶୈଳୀରେ ସେ କୋଟି କୋଟି ଦର୍ଶକଙ୍କ ମନ ଜିଣିଥିଲେ। ସରଗମ୍, ସରାଫି, ତୋଫାହ ଏବଂ ମକ୍‌ସଦ୍ ଭଳି ତାଙ୍କ ଅଭିନୀତ ଚରିତ୍ରଗୁଡ଼ିକକୁ ଦର୍ଶକେ ଖୁବ୍ ପ୍ରଶଂସା କରିଥିଲେ। ହେଲେ ୪୨ ବର୍ଷ ପୂର୍ବେ ତାଙ୍କର ଏକ ଗୀତ ଥିଲା। ଯାହା ସୁଟିଂ ପୂର୍ବରୁ ସେ ଚିନ୍ତାଗ୍ରସ୍ତ ହୋଇ ଅନିଦ୍ରା ଥିଲେ। ୧୯୮୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ ଶରାବୀରେ 'ଦେ ଦେ ପ୍ୟାର୍ ଦେ' ଗୀତ ସୁଟିଂ ପୂର୍ବ ଦିନ ଜୟପ୍ରଦା ଅନିଦ୍ରା ରହିଥିଲେ। ଏହି ଗୀତରେ ଅମିତାଭ ବଚ୍ଚନ ଏବଂ ଜୟପ୍ରଦା ଦେଖାଯାଇଥିଲେ। ନିକଟରେ ଜୟପ୍ରଦା ଏହି ଗୀତ ସୁଟିଂ ସହ ଜଡ଼ିତ ରୋଚକୀୟ କାହାଣୀ ପ୍ରକାଶ କରିଛନ୍ତି। ଏହି ଗୀତ ସୁଟିଂର ଦିନକ ପୂର୍ବରୁ ନିର୍ଦ୍ଦେଶକ ପ୍ରକାଶ ମେହରା ତାଙ୍କୁ କଷ୍ଟ୍ୟୁମ୍ ପିନ୍ଧିବାକୁ ନେଇ ଡିମାଣ୍ଡ କରିଥିଲେ ଯେଉଁଥି ପାଇଁ ସେ ଅନିଦ୍ରା ରହିଥିଲେ। ନିର୍ଦ୍ଦେଶକ ତାଙ୍କୁ ଏହି ଗୀତରେ ସମ୍ପୂର୍ଣ୍ଣ ଆଧୁନିକ ପୋଷାକ ପିନ୍ଧିବା ସହ ଆକର୍ଷଣୀୟ ଦେଖାଯିବାକୁ କହିଥିଲେ। କାରଣ ଏହି ଗୀତଟି ହିଁ ଫିଲ୍ମର ଆତ୍ମା ଥିଲା। ଏହା ଶୁଣି ଜୟପ୍ରଦା ଚକିତ ହୋଇଥିଲେ। ଅଶି ଦଶକରେ ଦର୍ଶକଙ୍କ ସମ୍ମୁଖରେ ସେ ଶାଢ଼ି ଏବଂ ପାରମ୍ପରିକ ପୋଷାକ ପରିଧାନ କରୁଥିବା ଅଭିନେତ୍ରୀ ଭାବେ ପରିଚିତ ଥିଲେ। ଏପରିସ୍ଥଳେ ସିଧାସଳଖ ଆଧୁନିକ ଏବଂ ଆକର୍ଷଣୀୟ ମେକ୍‌ଅପ୍ ନେବା ତାଙ୍କ ପାଇଁ ସହଜ ନ ଥିଲା। ନିର୍ଦ୍ଦେଶକଙ୍କଠୁ ଶୁଣିବା ପରେ ଦର୍ଶକ ତାଙ୍କୁ ଏ ରୂପରେ ଗ୍ରହଣ କରିବେ କି ନାହିଁ ସେ ରାତିସାରା ଏହା ଭାଳି ହେଉଥିଲେ। ଏଥିସହ ଆଧୁନିକ ଆଉଟ୍‌ଫିଟ୍ ତାଙ୍କୁ ମାନିବ କି ନାହିଁ ସେ ନେଇ ମଧ୍ୟ ଖୁବ୍ ଚିନ୍ତାଗ୍ରସ୍ତ ଥିଲେ। ଗୀତ ଏବଂ ମ୍ୟୁଜିକ୍ ଏନର୍ଜେଟିକ୍ ଥିବାବେଳେ, ତାଙ୍କ ସାମ୍ନାରେ ଅମିତାଭ ବଚ୍ଚନଙ୍କ ଭଳି ସୁପରଷ୍ଟାର୍ ଥିଲେ। ତେଣୁ ତାଙ୍କ ଆଗରେ ଭଲ ପ୍ରଦର୍ଶନକୁ ନେଇ ତାଙ୍କ ଉପରେ ଚାପ ଥିଲା। ତେଣୁ ସେ ସୁଟିଂ ପୂର୍ବରାତିରେ ଶୋଇପାରି ନ ଥିଲେ। ■



ସାକ୍ଷାତକାର



# 'ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା'

**ରୋହନ ଗର୍ଗ, ଅଭିନେତା**

ପିଲାଦିନରୁ ଅଭିନେତା ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ନିଜ ସ୍ୱପ୍ନ ପୂରା କରିବାକୁ ସେ ଆକ୍ଟିଂ ସ୍କୁଲରେ ନାଁ ଲେଖାଇଲେ। ଅଡିସନ୍ ମାଧ୍ୟମରେ ନିଜ ଭାଗ୍ୟ ପରୀକ୍ଷା କରି ଓଲିଉଡ୍‌ରେ ପାଦ ଥାପିଲେ ବଲାଙ୍ଗିରର ରୋହନ ଗର୍ଗ। 'ଡଟ୍‌ପେନ୍' ତାଙ୍କର ଡେବ୍ୟୁ ସିନେମା। ଏଥିରେ ସେ ଏକ ସାଇକୋ ଚରିତ୍ରରେ ଅଭିନୟ କରଛନ୍ତି। ସେ କେବଳ ଜଣେ ଅଭିନେତା ନୁହଁନ୍ତି, ତାଙ୍କର ନିଜସ୍ୱ ବ୍ୟବସାୟ ରହିଛି। ତେବେ ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ରୋହନଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

### ଓଲିଉଡ୍‌କୁ ଯାତ୍ରା କିପରି ଥିଲା?

● ପିଲାଦିନରୁ ଅଭିନେତା ହେବାକୁ ମୋର ଇଚ୍ଛା ଥିଲା। ତେଣୁ ପଢ଼ା ସାରିବା ପରେ ମୁଁ ମୁମ୍ବାଇର ଏକ ଆକ୍ଟିଂ ସ୍କୁଲରେ ନାଁ ଲେଖାଇଥିଲି। ଶିକ୍ଷାନୁଷ୍ଠାନରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଛି। ସେହି ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିବାକୁ ମନ ବଳାଇଥିଲି। ଏଥିପାଇଁ ବିଭିନ୍ନ ସ୍ଥାନରେ ଅଡିସନ୍ ଦେଇଥିଲି। ତେବେ ଅଡିସନ୍‌ରେ ମୋର ଅଭିନୟ ଦେଖି ଅଶ୍ୱିନୀ ସାର୍ ମୋତେ 'ଡଟ୍‌ପେନ୍' ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ। 'ଡଟ୍‌ପେନ୍' ମୋର ଡେବ୍ୟୁ ସିନେମା। ଏଥିରେ ମୁଁ ଏକ ସାଇକୋ ଚରିତ୍ରରେ ଅଭିନୟ କରିଛି। ଏହାବାଦ୍ ମୋ ଅଭିନୀତ ଆଉ କିଛି ପ୍ରୋଜେକ୍ଟ ପୋଷ୍ଟ ପ୍ରଡକ୍ସନରେ ଅଛି। ଆଶା କରୁଛି ଖୁବ୍ ଶୀଘ୍ର ଏହା ମଧ୍ୟ ରିଲିଜ୍ ହୋଇଯିବ।

### 'ଡଟ୍‌ପେନ୍' ସିନେମାକୁ ଦର୍ଶକଙ୍କ ଭଲପାଇବା ମିଳିଛି?

● ଏହା ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ଶେଷ ହୁଏ। ଫିଲ୍ମରେ ପେନ୍‌ର ଗୁରୁତ୍ୱ କ'ଣ ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସ୍‌ପେନ୍ସ। ଏଥିରେ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ସୁନ୍ଦର ମିଶ୍ରଣ ରହିଛି। ସିନେମାର ପ୍ରତିଟି ସିନ୍‌କୁ ନେଇ ଦର୍ଶକ ଯାହା କଳ୍ପନା କରୁଥିଲେ ସିନେମାରେ ତା'ର ଓଲଟା ଦୃଶ୍ୟ ଦେଖିବାକୁ ମିଳୁଥିଲା। ତେବେ ଥିଏଟରରେ ସିନେମା ଦେଖି ଦର୍ଶକ ଅଜସ୍ର ଭଲପାଇବା ଦେଇଥିଲେ। ଖୁବ୍‌ଶୀଘ୍ର ଟିଭି ପରଦାରେ ଦର୍ଶକ ଏହି ସିନେମା ଦେଖିବାକୁ ସୁଯୋଗ ପାଇବେ।

### ଅଭିନୟକୁ ଜୀବନ୍ତ କରିବାକୁ କେଉଁ କଥାକୁ ଗୁରୁତ୍ୱ ଦିଅନ୍ତି?

● ପ୍ରତିଦିନ ଅଭିନୟ ଅଭ୍ୟାସ କରିବା, ନିଜ ବ୍ୟକ୍ତିଗତ ଜୀବନରେ ପରିବର୍ତ୍ତନ ଆଣି ଚରିତ୍ରକୁ ସୁହାଇଲା ପରି ଅଭିନୟ କରିବା ଆଦି ଦିଗକୁ ଧ୍ୟାନ ଦେଲେ ଅଭିନୟ ଜୀବନ୍ତ ହୁଏ।

### ସୁଟିଂ ସେଟ୍‌ର ସ୍ମରଣୀୟ ମୁହୂର୍ତ୍ତ?

● ପ୍ରତ୍ୟେକ ସେଟ୍ ମୋତେ କିଛି ନୂଆ ନୂଆ କଥା ଶିଖାଇଛି। ହେଲେ ମୋ ଅନୁଭୂତିରୁ ଗୋଟେ କଥା କହିବି ଯେ 'ଡଟ୍‌ପେନ୍' ସିନେମା ସୁଟିଂ ପାଇଁ ପୂରା ଟିମ୍ ଢେଙ୍କାନାଳ ଏବଂ କାମାକ୍ଷାନଗରରେ ପ୍ରାୟ ୨୫ ଦିନ ରହିଥିଲୁ। ସେଠାକାର ଗାଁ ଲୋକଙ୍କ ସହିତ ମିଶିବା, ଖାଇବା, ବୁଲିବା, ଶୋଇବା, ସେମାନଙ୍କ ପରି ଚଳିବା ତଥା ସେମାନଙ୍କ ଜୀବନଶୈଳୀକୁ ଆଦରି ନେବା ମୋ ପାଇଁ ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ।

### ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?

● ମୋ' ପରିବାର ସହିତ ବିଦେଶ ଭ୍ରମଣ କରିଥିଲି।

### ରୋହନଙ୍କ ଫିଟ୍‌ର ରାଜ୍?

● ପ୍ରତିଦିନ ଜିମ୍ ଯାଏ। ସନ୍ତୁଳିତ ତଥା ଘରତିଆରି ଖାଦ୍ୟପେୟକୁ ଅଧିକ ଗୁରୁତ୍ୱ ଦିଏ।

### ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?

● ସାଙ୍ଗସାଥିଙ୍କ ସହ ବୁଲିବାକୁ ପସନ୍ଦ କରେ।

### ସୁଟିଂ ନଥିଲେ କ'ଣ କରନ୍ତି?

● ମୋର ନିଜସ୍ୱ ବ୍ୟବସାୟ ରହିଛି। ଯେତେବେଳେ ଅଭିନୟ କରିବାକୁ ସୁଯୋଗ ମିଳେ, ସେତେବେଳେ ଅଭିନୟକୁ ଗୁରୁତ୍ୱ ଦିଏ। ଏହାସହିତ ବ୍ୟବସାୟକୁ ବି ସମୟ ଦେବାକୁ ପଡ଼ିଥାଏ।

### ଡ୍ରିମ୍ ରୋଲ?

● ମୋତେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ଅଛି।

### ଅଭିନୟରେ ରୁଚି ରଖିଥିବା ଯୁବକଯୁବତୀଙ୍କୁ କ'ଣ କହିବେ?

● ଫିଲ୍ମ ହେଉ କି ଧାରାବାହିକ, ଅଭିନୟ କରିବାକୁ ଆସିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରନ୍ତୁ। ଏଥିପାଇଁ ପରିଶ୍ରମ କରନ୍ତୁ। କଳାକାର ହେବାକୁ ଅନେକ ପ୍ଲାଟଫର୍ମ ରହିଛି। ଯେଉଁଠି ଅଡିସନ୍ ଦିଆଯାଉଛି ସେଠାକୁ ଯିବା ଆବଶ୍ୟକ। ସୁବିଧା ନଥିଲେ ଭିଡିଓ ମାଧ୍ୟମରେ ଅଡିସନ୍ ଦେଇ ପାରିବେ। ସବୁବେଳେ ନୂଆ ନୂଆ କଥା ଜାଣିବାକୁ ଆଗ୍ରହ ରଖିବା ସହ ଜୀବନ୍ତ ଅଭିନୟ କରିବାକୁ ଗୁରୁତ୍ୱ ଦେଲେ, ଅଭିନୟ ଭଲ ହୋଇଥାଏ। ■

# ରେକର୍ଡ: ବକ୍ସିଂରେ ଭାରତ ଜିତିଲା ୭ ସ୍ୱର୍ଣ୍ଣ


ପ୍ରୀତି ପାୱାର


ଯସ୍ମିନ୍ ଲାମ୍ବୋରିଆ

ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଗ୍ଲାସ୍‌ଗୋ,୧।୮ (ଏଜେନ୍ସି):

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ବକ୍ସରମାନେ ଐତିହାସିକ ପ୍ରଦର୍ଶନ କରିଛନ୍ତି। ଶନିବାର ଅନୁଷ୍ଠିତ ବକ୍ସିଂର ୧୦ଟି କାଟେଗୋରୀରେ ଭାରତୀୟମାନେ ଫାଇନାଲରେ ପ୍ରବେଶ କରିଥିଲାବେଳେ ରେକର୍ଡ ୧୦ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ରହିଛି ୭ ସ୍ୱର୍ଣ୍ଣ, ୩ ରୌପ୍ୟ। ଏହି ସଫଳତା ବଳରେ ଭାରତ ପଦକ ତାଲିକାର ଚତୁର୍ଥ ସ୍ଥାନରେ ପହଞ୍ଚିଛି। ଦଳ ମୋଟ ୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ ଓ ୮ଟି କାଂସ୍ୟ ସହ ୩୮ଟି ପଦକ ଜିତିଛି। ଭାରତ ପକ୍ଷରୁ ୬ଜଣ ମହିଳା ବକ୍ସର ଫାଇନାଲରେ ପ୍ରବେଶ କରିଥିଲାବେଳେ ୫ଜଣ ଯଥା ପ୍ରୀତି ପାୱାର, ଯସ୍ମିନ୍ ଲାମ୍ବୋରିଆ, ସାକ୍ଷୀ ଚୌଧୁରୀ, ପ୍ରିୟା ଘାଙ୍ଗାସ୍ ଓ ଅରୁନ୍ଧତି ଚୌଧୁରୀ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଅଲିମ୍ପିକ୍ ପଦକ ବିଜେତା ଲଭଲିନା ବୋରୋଗୋହାଇଁ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ପୁରୁଷ ବିଭାଗରେ ୪ଜଣ ବକ୍ସର ଫାଇନାଲକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ସଚିନ ସିୱାଚ୍, ଅଙ୍କୁଶ ପାଙ୍ଘଲ ସ୍ୱର୍ଣ୍ଣ, ଯଦୁମଣି ସିଂ ଓ ନରେନ୍ଦର ବନୱାଲ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେହିପରି ଶନିବାର ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପ୍ ଫାଇନାଲରେ ପ୍ରବୀଣ ଚିତ୍ରାଭେଲ ରୌପ୍ୟ ଓ ସେଲଭା ପ୍ରଭୁ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ରବିବାର ଏହି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପିତ ହେବ। ଏହାପରେ ୨୦୩୦ରେ ଭାରତ ଏହି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅହମ୍ମଦାବାଦ୍‌ରେ ଆୟୋଜନ କରିବ।

## ଡବଲ ସ୍ୱର୍ଣ୍ଣରୁ ବକ୍ସିଂରେ ପଦକ ଅଭିଯାନ



ଭାରତୀୟ ପ୍ରତିଯୋଗୀମାନେ ଡବଲ ସ୍ୱର୍ଣ୍ଣରୁ ବକ୍ସିଂରେ ପଦକ ଅଭିଯାନ ଆରମ୍ଭ କରିଥିଲେ। ଶନିବାର ଅପରାହ୍ଣରେ ପ୍ରଥମେ ଅନୁଷ୍ଠିତ ମହିଳା ୫୪ କେଜି ଫାଇନାଲରେ ପ୍ରୀତି ପାୱାର ୫-୦ରେ କାନାଡାର ସ୍କାର୍ଲେଟ ଡେଲଗାଡୋଙ୍କୁ ହରାଇଥିଲେ। ପରେ ମହିଳା ୫୭ କେଜିରେ ବିଶ୍ୱ ଚାମ୍ପିଅନ ଯସ୍ମିନ ଲାମ୍ବୋରିଆ, ୫୧ କେଜିରେ ସାକ୍ଷୀ ଚୌଧୁରୀ, ୬୦ କେଜିରେ ପ୍ରିୟା ଘାଙ୍ଗାସଙ୍କୁ ସ୍ୱର୍ଣ୍ଣିମ ସଫଳତା ମିଳିଥିଲା। ମହିଳା ୭୫ କେଜିରେ ଲଭଲିନା ବୋରୋଗୋହାଁଇ ଅଷ୍ଟ୍ରେଲିଆର ଏମା-ସ୍ୟୁ ଗ୍ରୀନ୍‌ଟ୍ରିଙ୍କ ସହ ମୁକାବିଲା କରି ନ ପାରି ଏକମାତ୍ର ରୌପ୍ୟ ଜିତିଥିଲେ। ପୁରୁଷ ବିଭାଗ ୫୫ କେଜିରେ ଯଦୁମଣି ସିଂ ଅଷ୍ଟ୍ରେଲିଆର ଜାଏ ଡିକ୍ସନଙ୍କଠାରୁ ହାରି ରୌପ୍ୟ ଜିତିଥିଲେ। ୬୦ କେଜିରେ ସଚିନ ସିୱାଚ ପ୍ରତିପକ୍ଷ ନାମିବ୍ୟାର ଟ୍ରାୟାଗେନ୍ ମର୍ଣ୍ଣିଂ ଏନ୍‌ଡିଭେଲୋଙ୍କ ସହ ଲଢୁଆ ଖେଳି ବହୁ କଷ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୁଷ ୮୦ କେଜିରେ ଅଙ୍କୁଶ ପାଙ୍ଘଲ ସ୍ୱର୍ଣ୍ଣ ଓ ୯୦ରୁ ଉର୍ଦ୍ଧ୍ୱ କେଜିରେ ନରେନ୍ଦର ବେରୱାଲ ରୌପ୍ୟ ପଦକ ଜିତିଥିଲେ। ଗତଥର ବକ୍ସିଂରେ ଭାରତ ୭ଟି ପଦକ ଜିତଥିଲା। ଏଥର ଏହି ରେକର୍ଡ ଭାଙ୍ଗିଯାଇଛି।

**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା**

| ର୍ୟାଙ୍କ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ୍ |
|---|---|---|---|---|---|
| ୧ | ଅଷ୍ଟ୍ରେଲିଆ | ୬୨ | ୩୫ | ୪୭ | ୧୪୪ |
| ୨ | ଇଂଲଣ୍ଡ | ୨୨ | ୩୭ | ୩୧ | ୯୦ |
| ୩ | କାନାଡା | ୧୮ | ୧୮ | ୨୧ | ୫୭ |
| ୪ | ଭାରତ | ୧୩ | ୧୭ | ୮ | ୩୮ |
| ୫ | ସ୍କଟଲାଣ୍ଡ | ୧୦ | ୮ | ୧୬ | ୩୪ |
| ୬ | ନାଇଜେରିଆ | ୧୦ | ୬ | ୪ | ୨୦ |
| ୭ | ନ୍ୟୁଜିଲାଣ୍ଡ | ୯ | ୧୦ | ୮ | ୨୭ |
| ୮ | ୱେଲ୍ସ | ୮ | ୧୦ | ୧୨ | ୩୦ |
| ୯ | ଜାମାଇକା | ୮ | ୩ | ୫ | ୧୬ |
| ୧୦ | ଦ.ଆଫ୍ରିକା | ୭ | ୯ | ୯ | ୨୫ |

ବି.ଦ୍ର.: ପଦକ ତାଲିକାର ପ୍ରଥମ ୧୦ଟି ସ୍ଥାନରେ ରହିଥିବା ଦେଶ।

## ଟ୍ରିପଲ ଜମ୍ପ୍‌ରେ ଡବଲ୍ ପଦକ

ଶନିବାର ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପରେ ଭାରତ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ଏଥିରେ ପ୍ରବୀଣ ଚିତ୍ରାଭେଲ ୧୬.୫୮ ମିଟର ଦୂରତାକୁ ଡେଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ଏବଂ ସେଲଭା ପ୍ରଭୁ ୧୬.୫୨ ମିଟରକୁ ଡେଇଁ କାଂସ୍ୟ ପଦକ ହାସଲ କରିଥିଲେ। ୧୬.୭୨ ମିଟରକୁ ଡେଇଁଥିବା ଜାମାଇକାର ଜୋର୍ଡାନ ସ୍କଟଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ମହିଳା ୧୦,୦୦୦ ମିଟର ରେସ୍ ୱାକ୍‌ରେ ପ୍ରିୟଙ୍କା ଗୋସ୍ୱାମୀ ଚତୁର୍ଥ ସ୍ଥାନ ଅଧିକାର କରି ନିରାଶ କରିଥିଲେ।

## ପୁରୁଷ ଡେକାଥଲନରେ ପ୍ରଥମ ପଦକ

ପୁରୁଷ ଡେକାଥଲନରେ ଭାରତର ତେଜସ୍ୱୀ ଶଙ୍କର ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ୧୦ଟି ଖେଳକୁ ନେଇ ଆୟୋଜିତ ହେଉଥିବା ଏହି ଇଭେଣ୍ଟରେ ସେ ୭୯୭୬ ପଏଣ୍ଟ ହାସଲ କରି ଏହି ସଫଳତା ପାଇଥିଲେ। ଡେକାଥଲନରେ ଜଣେ ଭାରତୀୟଙ୍କ ଲାଗି ଏହା ପ୍ରଥମ ପଦକ ହୋଇଥିଲା। ଏହାସହ ସେ ମଧ୍ୟ ପ୍ରଥମ ଆଥଲେଟ ଭାବେ ଦୁଇଟି ଭିନ୍ନ ଭିନ୍ନ ଇଭେଣ୍ଟରେ ପଦକ ଜିତିବାର ରେକର୍ଡ କରିଛନ୍ତି। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ପୁରୁଷ ହାଇ ଜମ୍ପରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

## ନୀରଜ ରୌପ୍ୟରେ ସନ୍ତୁଷ୍ଟ, ଯଶବୀରଙ୍କୁ କାଂସ୍ୟ

ଗତକାଲି ରାତିରେ ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋରେ ଭାରତର କିଂବଦନ୍ତୀ ଆଥଲେଟ ନୀରଜ ଚୋପ୍ରା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଇଭେଣ୍ଟରେ ନୀରଜ ୮୫.୮୩ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦ୍ୱିତୀୟ ଆଟେମ୍ପଟରେ ନୀରଜଙ୍କୁ ଏହି ସଫଳତା ମିଳିଥିଲା। ଏହାପରେ ସେ ଆଉ ୪ଥର ଥ୍ରୋ କରିଥିଲେ ମଧ୍ୟ ଅଧିକ ଦୂରତାକୁ ଅତିକ୍ରମ କରିପାରି ନ ଥିଲେ। ଅନ୍ୟପକ୍ଷରେ ଯଶବୀର ସିଂ ଶେଷ ଆଟେମ୍ପଟ୍‌ରେ ୮୫.୪୧ ମିଟର ଦୂରତାକୁ ଫିଙ୍ଗି ସମସ୍ତଙ୍କୁ ଚମକାଇଦେବା ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜାଭେଲିନ୍‌ରେ ଭାରତର ଦୁଇ ପ୍ରତିଯୋଗୀ ପଦକ ପାଇବାରେ ଏହା ପ୍ରଥମ ଘଟଣା। ତୃତୀୟ ଆଥଲେଟ ଭାବେ ଫାଇନାଲରେ ପ୍ରବେଶ କରିଥିବା ରୋହିତ ଯାଦବ ୮୧.୫୬ ମିଟରକୁ ଫିଙ୍ଗି ୭ମ ସ୍ଥାନରେ ରହିଥିଲେ। ଶ୍ରୀଲଙ୍କାର ରୁମେଶ ତରଙ୍ଗା ପାଥୀରାଗେ ୮୯.୬୭ ମିଟରକୁ ଫିଙ୍ଗି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



## ପାରା ସଟ୍‌ପୁଟରେ ସୋନମଙ୍କୁ ସ୍ୱର୍ଣ୍ଣ, ଶୁଭମଙ୍କୁ ରୌପ୍ୟ



ଶନିବାର ଅନୁଷ୍ଠିତ ପାରା ଆଥଲେଟିକ୍‌ସ ପୁରୁଷ ସଟପୁଟ୍ ଏଫ୍‌୫୭ କାଟେଗୋରୀରେ ଭାରତକୁ ଐତିହାସିକ ସଫଳତା ମିଳିଛି। ଏଥିରେ ଭାଗ ନେଇଥିବା ଭାରତର ଦୁଇ ପ୍ରତିଯୋଗୀଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଛି। ସୋନମ ରଣା ୧୩.୪୦ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ତାଙ୍କ ପଛକୁ ଶୁଭମ ଜୁୟାଲ ୧୩.୨୮ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହା ତୃତୀୟ ଇଭେଣ୍ଟ ଯେଉଁଥିରେ ଭାରତୀୟମାନେ ୨ଟି ଲେଖାଏଁ ପଦକ ଜିତିବାରେ ସଫଳ ହୋଇଥିଲେ। ଅନ୍ୟ ଦୁଇଟି ହେଲା ଏଫ୍‌୫୭ ମହିଳା ସଟ୍‌ପୁଟ ଓ ଟି୪୭ ପୁରୁଷ ୧୦୦ ମିଟର ଦୌଡ଼। ଏହି ପଦକ ଜିତିବା ସହ ପାରାଆଥଲେଟିକ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ଭାରତ ମୋଟ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ କାଂସ୍ୟ ସହ ମୋଟ ୭ଟି ପଦକ ଜିତି ସର୍ବଶ୍ରେଷ୍ଠ ସଫଳତା ହାସଲ କରିଛି। ପୂର୍ବରୁ ଏହି ପ୍ରତିଯୋଗିତାର ୨୦ ବର୍ଷ ପରେ ଭାରତ ପାରା ଆଥଲେଟିକ୍ସରେ ପ୍ରଥମଥର ପଦକ ଜିତିବାରେ ସଫଳ ହୋଇଥିଲା।

ସାଫ୍ ଚାମ୍ପିଅନସିପ୍

## ନଭେମ୍ବର ୧୧ରେ ଭାରତ-ପାକିସ୍ତାନ ଲଢ଼େଇ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଦକ୍ଷିଣ ଏସୀୟ ଫୁଟବଲ୍ ମହାସଂଘ (ସାଫ୍) ଆନୁକୂଲ୍ୟରେ ଆୟୋଜିତ ସାଫ୍ ଚାମ୍ପିଅନସିପ୍‌ର ଆଗାମୀ ସଂସ୍କରଣ ନଭେମ୍ବର ୪ରୁ ଢାକାରେ ଆରମ୍ଭ ହେବ। ଏଥିଲାଗି ଶନିବାର ଡ୍ର ଘୋଷଣା କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଫୁଟବଲ୍ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଭାରତ ସମେତ ପାକିସ୍ତାନ ଓ ମାଳଦ୍ୱୀପ୍ ରହିଛି। ସେହିଭଳି ଆୟୋଜକ ବାଂଲାଦେଶ, ଶ୍ରୀଲଙ୍କା ଓ ଭୁଟାନ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଭାରତ ଏହାର ପ୍ରଥମ ମ୍ୟାଚ୍ ନଭେମ୍ବର ୫ରେ ମାଳଦ୍ୱୀପ ସହ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ନଭେମ୍ବର ୧୧ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ସାଫ୍ ଚାମ୍ପିଅନସିପ୍ ଇତିହାସରେ ଭାରତ ସବୁଠୁ ସଫଳତମ ଦଳ ରହିଛି। ଭାରତ ମୋଟ୍ ଉପରେ ୯ ଥର ସାଫ୍ ଚାମ୍ପିଅନସିପ୍ ଟାଇଟଲ୍ ଜିତିଛି। ଉଲ୍ଲେଖଯୋଗ୍ୟ ଆଗାମୀ ସଂସ୍କରଣରେ ମୋଟ୍ ୭ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ନେପାଳ ଫୁଟବଲ ସଂଘକୁ ଫିଫା ବାସନ୍ଦ କରିବାରୁ ଏହି ଦଳ ଖେଳିବାରୁ ବଞ୍ଚିତ ହୋଇଥିଲା।

ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ

## ତିନି ଦିନିଆ ୱାର୍ମଅପ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୧।୮ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍‌ରେ ଆରମ୍ଭ ହେବ। ଏଥିପୂର୍ବରୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଓ ଘରୋଇ ଶ୍ରୀଲଙ୍କା ଏକାଦଶ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଅଗଷ୍ଟ ୭ରୁ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ତେବେ ଏହି ମ୍ୟାଚର କାର୍ଯ୍ୟସୂଚୀରେ ଏବେ ସାମାନ୍ୟ ପରିବର୍ତ୍ତନ ହୋଇଛି। କଲମ୍ବୋର ଏନସିସି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ଅଭ୍ୟାସ ମ୍ୟାଚଟି ଚାରିଦିବସୀୟ ପରିବର୍ତ୍ତେ ୩ ଦିନିଆ ହେବ। ଅଗଷ୍ଟ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଏହା ଖେଳାଯିବ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଅଭ୍ୟାସ ମ୍ୟାଚ୍‌ଟି ମଧ୍ୟ ସିଧା ପ୍ରସାରଣ କରାଯିବ। ଏହି ଟେଷ୍ଟ୍ ସିରିଜ୍ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି।

## ଟୀରନ୍ଦାଜ କ୍ଷୀରୋଦ; ଓଙ୍କାରଙ୍କୁ ସଫଳତା

ଭୁବନେଶ୍ୱର, ୧।୮ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଏହାର କ୍ରୀଡା ତାଲିମ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡା ପ୍ରତିଭାର ବିକାଶ ଜାରି ରଖିଛି। ଏହି ପ୍ରତିବଦ୍ଧତାର ପ୍ରଭାବୀ ପ୍ରଦର୍ଶନ କରି ଯୁବ ତୀରନ୍ଦାଜ କ୍ଷୀରୋଦ କୁମାର ଭବାନୀପାଟଣାର ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସିବିଏସ୍‌ଇର ପୂର୍ବାଞ୍ଚଳ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ୧୯ ବର୍ଷରୁ କମ୍ ବର୍ଗରେ ୪୦ ମିଟର ଏବଂ ୩୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିସହ କ୍ଷିରୋଦ ଓ ଓଙ୍କାର ମାଝୀ ସିବିଏସ୍‌ଇ ଜାତୀୟ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ଆଥଲେଟ୍ ଗତ ଚାରି ବର୍ଷ ଧରି ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ଡୋଲା ଏବଂ ରାହୁଲ ବାନାର୍ଜୀ ସ୍ପୋର୍ଟସ୍ ଫାଉଣ୍ଡେସନ୍ ସହଭାଗିତାରେ ୨୦୧୮ରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ସମ୍ପ୍ରଦାୟର ଯୁବ ପ୍ରତିଭାଙ୍କୁ ତୀରନ୍ଦାଜୀ ଏବଂ ଆଥଲେଟିକ୍ସରେ କୋଚିଂ ପ୍ରଦାନ କରୁଛି। ଏହି ସଫଳତାକୁ ନେଇ ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନା ବିଜନେସର ସି.ଇ.ଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "କ୍ଷିରୋଦଙ୍କର ସଫଳତା ଗ୍ରାମୀଣ ଭାରତର ଯୁବ ପ୍ରତିଭାମାନଙ୍କର ବିପୁଳ ସମ୍ଭାବନାକୁ ପ୍ରତିଫଳିତ କରିଥାଏ। ଆମର ତୃଣମୂଳସ୍ତରର କ୍ରୀଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ, ଯୁବକମାନଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ସହିତ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ମାଇଲଖୁଣ୍ଟ ପାଇଁ ଆମେ କ୍ଷୀରୋଦ ଏବଂ ଓଙ୍କାରଙ୍କୁ ଅଭିନନ୍ଦନ ଜଣାଉଛୁ।"




## ଦୁଲୀପ୍ ଟ୍ରଫି: ପଟିଦାରଙ୍କୁ କେନ୍ଦ୍ରାଞ୍ଚଳର ନେତୃତ୍ୱ

ଲକ୍ଷ୍ନୌ, ୧।୮ (ଏଜେନ୍ସି): ବିସିସିଆଇର ଚଳିତ ଘରୋଇ କ୍ରିକେଟ୍ ସିଜନର ପ୍ରଥମ ଟୁର୍ଣ୍ଣାମେଣ୍ଟ ଦୁଲୀପ୍ ଟ୍ରଫି ଲାଗି ଶନିବାର ଡିଫେଣ୍ଡିଂ ଚାମ୍ପିଅନ କେନ୍ଦ୍ରାଞ୍ଚଳ ଦଳ ଘୋଷଣା କରାଯାଇଛି। ମଧ୍ୟପ୍ରଦେଶର ଷ୍ଟାର୍ ବ୍ୟାଟର ରଜତ ପଟିଦାରଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଉତ୍ତରପ୍ରଦେଶର ରିଙ୍କୁ ସିଂଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଗତ ସଂସ୍କରଣ ଫାଇନାଲରେ ଦକ୍ଷିଣାଞ୍ଚଳକୁ ହରାଇ କେନ୍ଦ୍ରାଞ୍ଚଳ ଚାମ୍ପିଅନ ହୋଇଥିଲା। ତେଣୁ ଏଥର କେନ୍ଦ୍ରାଞ୍ଚଳକୁ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅଗଷ୍ଟ ୩୦ ତାରିଖରୁ ସେମିଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବ। ଏଥିପୂର୍ବରୁ ଅଗଷ୍ଟ ୨୩ରୁ ଦୁଇଟି ପ୍ଲେ-ଅଫ୍ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ପୂର୍ବାଞ୍ଚଳ ସହ ଉତ୍ତରପୂର୍ବାଞ୍ଚଳ ଏବଂ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ପରସ୍ପରକୁ ଭେଟିବେ।

**ଘୋଷିତ କେନ୍ଦ୍ରାଞ୍ଚଳ ଦଳ:** ରଜତ ପଟିଦାର (ଅଧିନାୟକ), ରିଙ୍କୁ ସିଂ (ଉପ-ଅଧିନାୟକ), ଆର୍ଯ୍ୟନ ଜୁୟଲ ଓ କୁନାଲ ସିଂ ରାଠୋଡ (ଉଭୟ ୱିକେଟକିପର), ସାରାଂଶ ଜୈନ, ଅମନ ମୋଖାଡେ, କୁନାଲ ଚାଣ୍ଡେଲା, ଜୀଶାନ ଅନସାରୀ, ଆର୍ଯ୍ୟନ ପାଣ୍ଡେ, ଅର୍ଶଦ ଖାନ, ଆୟୁଷ ପାଣ୍ଡେ, ଯଶ ରାଠୋଡ, ହର୍ଷ ଦୁବେ, ଯଶ ଠାକୁର ଓ ନଚିକେତ ଭୁତେ।

## ଫାଓ ଲିଗ୍: ରାଧା ଗୋବିନ୍ଦ-ଇଲେଭେନ ଗନ୍ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୧।୮ (ସମିସ): ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ରେ ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଦୁଇଟିଯାକ ମ୍ୟାଚ୍ ଡ୍ର ରହିବାରୁ ପଏଣ୍ଟ ଭାଗ କରିବାକୁ ପଡ଼ିଥିଲା। ଦିବସର ପ୍ରଥମ ମ୍ୟାଚରେ ରାଧା ଗୋବିନ୍ଦ କ୍ଲବ ଓ ଇଲେଭେନ ଗନ୍ କ୍ଲବ ପରସ୍ପର ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ଉଭୟ ଦଳ ଦୁଇଟି ଲେଖାଏ ଗୋଲ୍ ଦେବାରୁ ୨-୨ରେ ଡ୍ର ରହିଥିଲା। ସେହିଭଳି ମଙ୍ଗଳା କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ଅନୁଷ୍ଠିତ ଅନ୍ୟ ମ୍ୟାଚଟି ମଧ୍ୟ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା।

## ସାନାଙ୍କ ସହ ଆଲିଙ୍ଗନ କରି ଚର୍ଚ୍ଚାରେ ଜେମିମା

ସାଉଥାମ୍ପଟନ, ୧।୮ (ଏଜେନ୍ସି): ଅପରେସନ ସିନ୍ଦୁର ପରେ ରାଜନୈତିକ ଉତ୍ତେଜନା ଲାଗି ଭାରତ ଓ ପାକିସ୍ତାନ ଖେଳାଳିମାନେ ବିଭିନ୍ନ କ୍ରୀଡ଼ାରେ ପରସ୍ପର ସହ ହାତ ମିଳାଇବାରୁ ନିବୃତ୍ତ ରହୁଛନ୍ତି। କିନ୍ତୁ ଇଂଲଣ୍ଡରେ ଚାଲିଥିବା 'ଦି ହଣ୍ଡ୍ରେଡ' ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ଭାରତୀୟ ମହିଳା କ୍ରିକେଟ ଦଳର ପ୍ରମୁଖ ଖେଳାଳି ଜେମିମା ରୋଡ୍ରିଗ୍ସ ଓ ପାକିସ୍ତାନର ଫାତିମା ସାନା ପରସ୍ପର ଆଲିଙ୍ଗନ କରି ଚର୍ଚ୍ଚାକୁ ଆସିଛନ୍ତି। ରିପୋର୍ଟ ଅନୁଯାୟୀ ସଦର୍ନ ବ୍ରେଭ ଓ ବର୍ମିହାମ ଫୋଏନିକ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏହି ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ମ୍ୟାଚରେ ଜେମିମା ସଦର୍ନ ବ୍ରେଭ ପକ୍ଷରୁ ଏବଂ ସାନା ବର୍ମିହାମ ଦଳରୁ ପ୍ରତିନିଧିତ୍ୱ କରୁଥିଲେ। ସଦର୍ନ ଦଳ ବିଜୟୀ ହେବାପରେ ଦୁଇ ଦଳର ଖେଳାଳି ପଡ଼ିଆ ମଧ୍ୟରେ ପରସ୍ପର ସହ ହାତ ମିଳାଇଥିଲେ। ଏହି ସମୟରେ ଜେମିମା ଓ ସାନା ପରସ୍ପର କେବଳ ହାତ ମିଳାଇ ନଥିଲେ, ବରଂ ଆଲିଙ୍ଗନ ମଧ୍ୟ କରିଥିଲେ। ଏହାକୁ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ମିଳିଛି। ରାଜନୀତିକୁ ଖେଳଠାରୁ ଦୂରରେ ରଖିବା ଉଚିତ ବୋଲି ଅନେକ ଲୋକ ମନ୍ତବ୍ୟ ଦେଇଛନ୍ତି।




## ତାଇପେଇ ଓପନ୍ ଫାଇନାଲରେ ତନଭୀ



ତାଇପେଇ ସିଟି, ୧।୮ (ଏଜେନ୍ସି): ଉଦୀୟମାନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭୀ ଶର୍ମା ଏଠାରେ ଚାଲିଥିବା ତାଇପେଇ ଓପନ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ତନଭୀ ୨୧-୧୭, ୨୧-୧୧ ସିଧାସଳଖ ଗେମରେ ଘରୋଇ ଖେଳାଳି ତଥା ୫ମ ସିଡ୍ ହୁଆଙ୍ଗ ୟୁ-ସୁନଙ୍କୁ ପରାସ୍ତ କରିଥିଲେ। ମାତ୍ର ୩୩ ମିନିଟରେ ତନଭୀ ଏହି ମ୍ୟାଚକୁ ଜିତିନେଇଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ତନଭୀଙ୍କ ମୁକାବିଲା ଭିଏତ୍‌ନାମର ଗୁୟେନ ଥୁ ଲିନଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ଗୁୟେନ ୨୧-୧୫, ୨୧-୧୮ ଗେମରେ ଭାରତର ଉନ୍ନତି ହୁଡାଙ୍କୁ ହରାଇଥିଲେ। ତନଭୀଙ୍କ କ୍ୟାରିୟରର ଏହା ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ସୁପର୍ ୩୦୦ ଫାଇନାଲ। ଏଥିପୂର୍ବରୁ ଗତବର୍ଷ ସେ ୟୁଏସ୍ ଓପନରେ ରନର୍ସଅପ୍ ହୋଇଥିଲେ।

ସର୍ବଭାରତୀୟ ଜୁନିଅର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

## ବାଳିକାରେ ପାରୁଲ, ବାଳକରେ ଚାନ୍ଦ୍ ଚାମ୍ପିଅନ

ଭୁବନେଶ୍ୱର,୧।୮ (ସମିସ):




ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ 'ସଟଲ' ଚାଲିଥିବା ସର୍ବଭାରତୀୟ ଜୁନିଅର ର୍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳିକା ଏକକ ବିଭାଗରେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କୁ ୨-୦ରେ ହରାଇ ରାଜସ୍ଥାନର ପାରୁଲ ଚୌଧୁରୀ ଏବଂ ବାଳକ ଏକକ ଫାଇନାଲରେ ତେଲଙ୍ଗାନାର ଟି. ଜ୍ଞାନଦତ୍ତଙ୍କୁ ୨-୧ ସେଟ୍‌ରେ ହରାଇ ଉତ୍ତରାଞ୍ଚଳର ନିଶ୍ଚଳ ଚାନ୍ଦ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହା ବ୍ୟତୀତ ମିଶ୍ରିତ ଯୁଗଳ ଫାଇନାଲରେ ଛତିଶଗଡ଼ର ଦିବ୍ୟାନାସ ଅଗରୱାଲ- ତାମିଲନାଡୁର ଭାମା ପ୍ରଭୁଆନନ୍ଦ, ବାଳିକା ଯୁଗଳ ଫାଇନାଲରେ ଉତ୍ତରାଖଣ୍ଡର ଆନ୍ୟା ବିଷ୍ଟ- ଆଞ୍ଜେଲ ପୁନେରା ଓ ବାଳକ ବିଭାଗ ଯୁଗଳରେ କେରଳ-ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ-ଯୋଗନ୍ସ ସିଂଙ୍କ ଯୋଡି ଟାଇଟଲ କବ୍‌ଜା କରିଛନ୍ତି।

ଖେଳ ଶେଷରେ ଆୟୋଜିତ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଯେଦୁଲା ବିଜୟ ମୁଖ୍ୟ ଅତିଥି, ଅଶୋକ କୁମାର ପଣ୍ଡା, ଅମିତ ନାୟକ, ସୁଧାକର ନାୟକ, ବିଭୁଦା ଗଡନାୟକ ଓ ଆୟୋଜକ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନୀଳିନ କୁମାର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳତା ପଛରେ ଉପସଭାପତି ପ୍ରଦୀପ ପଟନାୟକ, ଶୈଳେନ୍ଦ୍ର ଚୌଧୁରୀ, ଜୟପ୍ରକାଶ ସିଂ, କମଳ ଦାସ ଓ ସୁରୁଲାଲ ମଟାରୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS